

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-25 SUNDAY 19 JULY 2026 PAGE-12+4 ₹ 7.00 | BHUBANESWAR | ବର୍ଷ-୪୪ ସଂଖ୍ୟା-୨୫ ରବିବାର ୧୯ ଜୁଲାଇ ୨୦୨୬ ପୃଷ୍ଠା-୧୨+୪ (ସିନ୍ଦୂରା) ଟ.୭.୦୦


## ଆଜି 'ଫିଫା' ମହାମୁକାବିଲା

ନ୍ୟୁୟର୍କ, ୧୮ ।୭ (ଏଜେନ୍ସି): ବିଶ୍ୱର ଶ୍ରେଷ୍ଠ ୪୮ ଟି ଦେଶକୁ ନେଇ ଗତ ୩୮ ଦିନ ହେବ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଅନ୍ତିମ ଚରଣରେ ପହଞ୍ଚିଛି। ରବିବାର ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡ ଫାଇନାଲ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଏହି ହାଇଭୋଲଟେଜ ମୁକାବିଲା ଅନୁଷ୍ଠିତ ହେବ। ନ୍ୟୁୟର୍କର ନ୍ୟୁଜର୍ସି ଷ୍ଟାଡିୟମରେ ଭାରତୀୟ ସମୟ ରାତି ୧୨ଟା ୩୦ରେ ଆରମ୍ଭ ହେବାକୁ ଥିବା ଏହି ମହାମୁକାବିଲାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ରହିଛି। ବିଶେଷ କରି ଆର୍ଜେଣ୍ଟିନା ସୁପରଷ୍ଟାର୍ ଲିଓନେଲ ମେସିଙ୍କ ବିଦାୟୀ ବିଶ୍ୱକପ୍‌ର ଶେଷ ଝଲକ ଦେଖିବାକୁ ଫୁଟବଲ୍‌ପ୍ରେମୀ ଚାହିଁରହିଛନ୍ତି। ଆର୍ଜେଣ୍ଟିନା ଟିମ୍ ମଧ୍ୟ ନିଜ ଅଧିନାୟକ ମେସିଙ୍କୁ ବିଶ୍ୱକପ୍ ଭେଟି ଦେଇ ଏହାକୁ ସ୍ମରଣୀୟ କରିବାକୁ ଲକ୍ଷ୍ୟ ରଖିଛି।



ଯଦି ରବିବାର ସ୍ପେନକୁ ପରାସ୍ତ କରେ ତେବେ ଆର୍ଜେଣ୍ଟିନା ମୋଟ୍ ଉପରେ ୪ର୍ଥ ଓ କ୍ରମାଗତ ଦ୍ୱିତୀୟଥର ଲାଗି ବିଶ୍ୱମୁକୁଟ ହାସଲ କରିବ। ଆର୍ଜେଣ୍ଟିନା ସର୍ବପ୍ରଥମେ ଲାଗି ୧୯୭୮ରେ ଚାମ୍ପିଅନ ହୋଇଥିଲା। ଏହାପରେ ୧୯୮୬ ଓ ଗତ ୨୦୨୨ ସଂସ୍କରଣରେ ଟାଇଟଲ୍ ହାସଲ କରିଥିଲା। ଅପରପକ୍ଷରେ ୨୦୨୪ ୟୁରୋକପ୍ ଚାମ୍ପିଅନ ସ୍ପେନ ୧୬ ବର୍ଷ ପରେ ଇତିହାସ ରଚିବା ଲକ୍ଷ୍ୟରେ ରହିଛି। ଯଦି ସ୍ପେନ ବିଜୟୀ ହୁଏ ତେବେ ଦ୍ୱିତୀୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବ। ପ୍ରଥମ ଓ ଶେଷଥର ଲାଗି ସ୍ପେନ ୨୦୧୦ରେ ଚାମ୍ପିଅନ ହୋଇଥିଲା। ଆସନ୍ତାକାଲି ଯେଉଁ ଦଳ ଚାମ୍ପିଅନ ହେବ ଟ୍ରଫି ସହ ୪୮୧ କୋଟି ଟଙ୍କା ପାଇବ। ସେହିଭଳି ଉପବିଜେତା ଦଳକୁ ୩୧୭ କୋଟି ଟଙ୍କା ମିଳିବ।

# ଜନ୍ମବେଦୀରେ ବିଶ୍ୱନିୟନ୍ତା

ପୁରୀ, ୧୮।୭ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଜନ୍ମବେଦୀରେ ବିରାଜମାନ କରିଛନ୍ତି। ବଡ଼ଦାଣ୍ଡରେ ଦୁଇରାତି ଓ ଦୁଇଦିନ ଲକ୍ଷାଧିକ ଭକ୍ତଙ୍କୁ ଦର୍ଶନ ଦେବା ପରେ ଶନିବାର ସନ୍ଧ୍ୟାରେ ଗୋଟିପହଣ୍ଡିରେ ଯାଇ ଆଡ଼ପମଣ୍ଡପରେ ବିଜେ କରିଛନ୍ତି ବିଶ୍ୱନିୟନ୍ତା। ରବିବାରଠୁ ଜନ୍ମବେଦୀରେ ଆରମ୍ଭ ହେବ ଲୀଳାମୟଙ୍କ ଗୁଣ୍ଡିଚା ଲୀଳା। ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିବ ଦର୍ଶନ ଦ୍ୱାର, ଆଉ ମିଳିବ ସବୁଠୁ ବଡ଼ ପ୍ରସାଦ ଆଡ଼ପ ଅବଢ଼ା। ଆସନ୍ତା ୨୪ ତାରିଖରେ ପୁଣି ବାହୁଡ଼ିବେ ଭକ୍ତବତ୍ସଳ। ତା' ପୂର୍ବରୁ ଜନ୍ମବେଦୀରେ ବସି ଦୁନିଆର ସବୁ ଦୁଃଖ ଶୁଣିବେ ମହାପ୍ରଭୁ।

### ଆଜିଠୁ ମିଳିବ ଆଡ଼ପ ଅବଢ଼ା

ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଭାଇଭଉଣୀଙ୍କୁ ସାଥୀରେ ଧରି ଘୋଷଯାତ୍ରାରେ ବାହାରିଥିଲେ କଳାସାଆନ୍ତ। ବର୍ଷାଭିଜା ପାଗରେ ଲକ୍ଷ ଲକ୍ଷ ଭକ୍ତ ବଡ଼ଦାଣ୍ଡରେ ଟାଣିଥିଲେ ରଥ। ହେଲେ ଏ ବର୍ଷ ରଥ ବେଶି ବାଟ ଗଡ଼ିପାରି ନ ଥିଲେ। ବଡ଼ଦାଣ୍ଡର ମାର୍କେଟ ଛକରେ ତାଳଧ୍ୱଜ ରଥ, ମରିଚିକୋଟରେ ▶ପୃଷ୍ଠା-୭







# ଗଗନ ଛୁଇଁଲା ବିକ୍ରମ-୧

## ମହାକାଶରେ ଇତିହାସ ରଚିଲା ଭାରତ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଭାରତ ମହାକାଶ କ୍ଷେତ୍ରରେ ଆଜି ଏକ ନୂଆ ଇତିହାସ ରଚନା କରିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଦେଶର ପ୍ରଥମ ଘରୋଇ କକ୍ଷପଥ-ଶ୍ରେଣୀ ରକେଟ୍ 'ବିକ୍ରମ-୧'ର ସଫଳ ଉତକ୍ଷେପଣ କରାଯାଇଛି। ବେସରକାରୀ ସଂସ୍ଥା 'ସ୍କାଏରୁଟ୍ ଏରୋସ୍ପେସ୍' ଦ୍ୱାରା ନିର୍ମିତ ଏହି ରକେଟ୍ ନିଜର ପ୍ରଥମ ପ୍ରୟାସରେ ହିଁ ଲକ୍ଷ୍ୟ ହାସଲ କରିବା ସହ ଉପଗ୍ରହଗୁଡ଼ିକୁ ସଫଳତାର ସହ ସ୍ଥାପିତ କରିଛି। 'ମିସନ ଆଗମନ' ନାମରେ ନାମିତ ଏହି ଐତିହାସିକ ଅଭିଯାନ ଭାରତକୁ ବିଶ୍ୱର ସେହି ଆଙ୍ଗୁଠି ଗଣତି ଦେଶଗୁଡ଼ିକ ମଧ୍ୟରେ ସାମିଲ କରିଛି, ଯେଉଁଠାରେ ବାଣିଜ୍ୟିକ କମ୍ପାନୀଗୁଡ଼ିକ ସ୍ୱାଧୀନ ଭାବେ ରକେଟ୍ ନିର୍ମାଣ ଓ ଉତ୍କ୍ଷେପଣ କରିବାରେ ସକ୍ଷମ ହୋଇଛନ୍ତି।

ପ୍ରାୟ ସାତ ମହଲା ଉଚ୍ଚ ବିଶିଷ୍ଟ ବିକ୍ରମ-୧ ରକେଟ୍ ସମ୍ପୂର୍ଣ୍ଣ ରୂପେ କାର୍ବନ କମ୍ପୋଜିଟ୍ ଦ୍ୱାରା ନିର୍ମିତ ଏବଂ ଏହା ଏକ ବହୁ-ସ୍ତରୀୟ ଉତକ୍ଷେପଣ ଯାନ। ଏହା ପୃଥିବୀର ନିମ୍ନ କକ୍ଷପଥକୁ ୩୫୦ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନର ଉପଗ୍ରହ ପଠାଇବାକୁ ସକ୍ଷମ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଏହି ରକେଟ୍‌ରେ ବ୍ୟବହୃତ ପ୍ରଣୋଦନ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଉତକ୍ଷେପଣ ସମୟରେ ଏକ ସାମାନ୍ୟ ବୈଷୟିକ ବିଳମ୍ବ ଘଟିଥିଲେ ହେଁ, ରକେଟ୍‌ର ସମସ୍ତ ▶ପୃଷ୍ଠା-୭



ପ୍ରଥମ ପ୍ରୟାସରେ ଘରୋଇ ରକେଟ୍‌ର ସଫଳ ଉତ୍କ୍ଷେପଣ



# ୱାଙ୍ଗ୍‌ଚୁକ୍‌ଙ୍କୁ ଉଠାଇନେଲା ପୁଲିସ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଦୀର୍ଘ ୨୦ଦିନ ଧରି ଜନ୍ତରମନ୍ତରରେ ଆମରଣ ଅନଶନରେ ବସିଥିବା ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କୁ ପୁଲିସ ଆଜି ସକାଳେ ଜବରଦସ୍ତ ଉଠାଇନେଇ ସଫଦରଜଙ୍ଗ୍ ହସ୍ପିଟାଲରେ ଭର୍ତ୍ତି କରିଛି। ଏହାକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ସେ ଯେଉଁ ଦାବିରେ ଅନଶନ ଚଳାଇଛନ୍ତି, ସେସଂପର୍କରେ ତାଙ୍କ ସହ ଆଲୋଚନା ନକରି ସରକାର ତାଙ୍କୁ ଯେପରି ବଳପ୍ରୟୋଗ କରି ମେଡିକାଲରେ ଭର୍ତ୍ତି କଲେ, ବିଭିନ୍ନ ଦଳ ଓ ସଂଗଠନ ତାହାର ନିନ୍ଦା କରିଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନର ବିରୋଧ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ▶ପୃଷ୍ଠା-୭

### ହସପିଟାଲରେ ଭର୍ତ୍ତି; ଚିକିତ୍ସା ପାଇଁ ଅରାଜି

# 'ଲହରୀ'କୁ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୧୮।୭ (ସମିସ): ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ୨୦୨୪ ମସିହା ପାଇଁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ଭାବେ ଜାତୀୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛି। ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ (ସିବିଏଫ୍‌ସି) ଦ୍ୱାରା ପ୍ରମାଣିତ ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ବିଚାର କରାଯାଇଥିଲା। ସାରା ଦେଶରୁ ପ୍ରବେଶ ସମୀକ୍ଷା କରିବା ପରେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଜୟରାଜଙ୍କ ନେତୃତ୍ୱରେ ୧୧ଜଣିଆ ଜୁରି ସଦସ୍ୟଙ୍କ ଦ୍ୱାରା ବିଜେତାମାନଙ୍କୁ ଚୟନ କରାଯାଇଥିଲା। ଝିଲିକ୍ ମୋସନ୍ ପିକ୍‌ଚର ବ୍ୟାନର୍‌ରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଦେଇଥିବା ବେଳେ ଝିଲିକ୍ ଭଟ୍ଟାଚାର୍ଯ୍ୟ ପ୍ରଯୋଜନା କରିଛନ୍ତି। ▶ପୃଷ୍ଠା-୭




### ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ମନୋନୀତ

### ଅଭିନନ୍ଦନ ଜଣାଇଲେ ନବୀନ

# ବାଣ କାରଖାନାରେ ବିସ୍ଫୋରଣ; ୯ ମୃତ, ୧୦ରୁ ଅଧିକ ଆହତ

ଅହମଦାବାଦ, ୧୮।୭ (ଏଜେନ୍ସି): ଗୁଜରାଟର ଅହମ୍ମଦାବାଦ ଅନ୍ତର୍ଗତ ରାମୋଲ-ଗାତ୍ରଦ ରୋଡ୍‌ରେ ଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଏକ ଭୟଙ୍କର ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣ।।ରେ ୮ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ମେହୁଲ ଦୋଦିଆ ନାମକ ଜଣେ ବ୍ୟକ୍ତି ଏହି କାରଖାନା ଚଳାଉଥିଲେ। ପୂର୍ବରୁ ଏହାର ଲାଇସେନ୍ସ ବାତିଲ କରାଯାଇଥିଲେ ମଧ୍ୟ ସେଠାରେ ବେଆଇନ ଭାବେ ବାଣ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଥିଲା। ତେବେ ଆଜି କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା, ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି ପୁଲିସ ଅଧିକାରୀ କହିଛନ୍ତି। ଏହି ମାମଲାରେ ପୁଲିସ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କ ପାଇଁ ୫୦,୦୦୦ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ୍ୟ ମୃତକଙ୍କ ପରିବାର ଲାଗି ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

# ପାଖାପାଖି ହେବ ପୌର, ପଞ୍ଚାୟତ ଭୋଟ୍

## ୨୧ରେ ଜିଲ୍ଲାପାଳଙ୍କ ସହ ନିର୍ବାଚନ ଆୟୋଗଙ୍କ ବୈଠକ

ଭୁବନେଶ୍ୱର, ୧୮।୭ (ସମିସ): ରାଜ୍ୟ ନିର୍ବାଚନ କମିସନ ଉଭୟ ପୌର ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନ ପାଖାପାଖି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଆସନ୍ତାବର୍ଷ ଏପ୍ରିଲ କିମ୍ବା ମେ' ମାସରେ ରାଜ୍ୟରେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ହୋଇପାରେ। ଏଥିପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିଜର ପ୍ରସ୍ତୁତି ପୂର୍ବକ ରାଜ୍ୟର ୩୫ଟି ନବଗଠିତ ପୌରାଞ୍ଚଳ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଆସନ୍ତା ୨୧ ତାରିଖରେ ରାଜ୍ୟ ନିର୍ବାଚନ ଆୟୋଗ ସମସ୍ତ ଜିଲ୍ଲାପାଳଙ୍କ ସହ ଆଗାମୀ ନିର୍ବାଚନ ଆୟୋଜନ ପ୍ରସ୍ତୁତି ନେଇ ବୈଠକରେ ବ୍ୟାପକ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ୩୫ଟି ପୌରାଞ୍ଚଳ ପାଇଁ ଚିଠା ବିଜ୍ଞପ୍ତି ପ୍ରକାଶ ସହ ଶନିବାର ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି ଯେ ଆସନ୍ତା ଅକ୍ଟୋବର ମାସରୁ ଇଲେକ୍ଟୋରାଲ୍ ରୋଲ୍ ବା ଭୋଟର ତାଲିକା ପ୍ରସ୍ତୁତି କାମ ଆରମ୍ଭ ହେବ। ଆସନ୍ତାବର୍ଷ ମାର୍ଚ୍ଚ ମାସରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ଏପ୍ରିଲ କିମ୍ବା ମେ' ମାସ ଆଡ଼କୁ ରାଜ୍ୟରେ ଭୋଟ୍ ଗ୍ରହଣ କରାଯିବ। ତେବେ ରାଜ୍ୟରେ ମୋଟ ୧୪୩ଟି ଏନଏସି, ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ ନିର୍ବାଚନ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି। ଏବେସୁଦ୍ଧା ୮ ହଜାର ଇଭିଏମ୍ ମେସିନ ପ୍ରସ୍ତୁତ ଥିବାବେଳେ ଆଉ ୬ ହଜାର ନୂଆ ଇଭିଏମ୍ ପାଇଁ ବରାଦ ଦିଆଯାଇଛି। ଇଭିଏମ୍ ପାଇଁ ▶ପୃଷ୍ଠା-୭

### ପୌର ନିର୍ବାଚନ ଲାଗି ରହିବ ୧୨ ହଜାର ଇଭିଏମ୍

### ଆସନ୍ତା ଅକ୍ଟୋବରରୁ ପ୍ରସ୍ତୁତ ହେବ ଭୋଟର ତାଲିକା

### ନିର୍ବାଚନକୁ ନେଇ ତେଜିଲା ରାଜନୈତିକ ବୟାନବାଜି


TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ସଞ୍ଚୟ କରନ୍ତୁ
ବିଦ୍ୟୁତ ବିଲ୍ ଉପରେ




ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା

ଆଜି ହିଁ ସୋଲାର ପ୍ୟାନେଲ ସ୍ଥାପନ କରନ୍ତୁ

● ଗ୍ରୀଡ୍ ସଂଯୁକ୍ତ ସହଜ ସଂସ୍ଥାପନ ● ଦୀର୍ଘସ୍ଥାୟୀ
● ସ୍ୱଳ୍ପ ରକ୍ଷଣାବେକ୍ଷଣ ● ପରିବେଶ ସୁରକ୍ଷାରେ ସହାୟକ

{ ସ୍ଥାପନା ପାଇଁ ସରକାରୀ ସବସିଡି ବ୍ୟବସ୍ଥା }

| କିଲୋୱାଟ୍ | କେନ୍ଦ୍ର ସରକାର | ରାଜ୍ୟ ସରକାର | ସମୁଦାୟ |
|---|---|---|---|
| ୧ | ୩୦,୦୦୦ ଟଙ୍କା | ୨୫,୦୦୦ ଟଙ୍କା | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | ୫୦,୦୦୦ ଟଙ୍କା | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | ୬୦,୦୦୦ ଟଙ୍କା | ୧,୩୮,୦୦୦ ଟଙ୍କା |

*ସର୍ତ୍ତାବଳୀ ଲାଗୁ

ଟିପିଏନ୍‌ଓଡିଏଲ୍ ଗ୍ରାହକ ସେବା: ୧୮୦୦-୩୪୫୬-୭୧୮/୧୯୧୨ | ଆବେଦନ କରନ୍ତୁ: www.pmsuryaghar.gov.in





ସକାଳ THE SAKALA
www.sakalaepaper.com

# ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

## ଆର୍ଟିକଲ୍ ୩୭୦ ଶ୍ରେଷ୍ଠ ଚଳଚ୍ଚିତ୍ର







**ମାମୁଟ୍ଟୀ, କାର୍ତ୍ତିକ ଶ୍ରେଷ୍ଠ ଅଭିନେତା; ୟାମୀ ଗୌତମୀ ଶ୍ରେଷ୍ଠ ଅଭିନେତ୍ରୀ**

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ୨୦୨୪ ବର୍ଷ ପାଇଁ ଶନିବାର ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ଏଥିରେ ଚଳଚ୍ଚିତ୍ର 'ଆର୍ଟିକଲ୍ ୩୭୦'କୁ ବର୍ଷର ଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ଚୟନ କରାଯାଇଥିବା ବେଳେ 'ଶ୍ରୀକାନ୍ତ'କୁ ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ସେହିପରି ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୟାମୀ ଗୌତମ (ଆର୍ଟିକଲ୍ ୩୭୦ ପାଇଁ) ଏବଂ ଯୁଗ୍ମ ଭାବେ କାର୍ତ୍ତିକ ଆର୍ଯ୍ୟନ (ଚନ୍ଦୁ ଚାମ୍ପିଅନ୍ ପାଇଁ) ଓ ମାମୁଟ୍ଟୀ (ବ୍ରହ୍ମଯୁଗମ୍ ପାଇଁ) ଶ୍ରେଷ୍ଠ ଅଭିନେତା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଓଡ଼ିଶା ପାଇଁ ଏକ ଗୌରବର ବିଷୟ ହେଉଛି ଯେ ଚଳଚ୍ଚିତ୍ର 'ଲାହରୀ'କୁ ଶ୍ରେଷ୍ଠ ଓଡ଼ିଆ ଆଞ୍ଚଳିକ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଏହା ସହିତ ତାମିଲ ପାଇଁ 'ରାୟନ' ଏବଂ ତେଲୁଗୁ ପାଇଁ 'କମିଟି କୁର୍ରୋଲ୍ଲୁ' ଶ୍ରେଷ୍ଠ ଆଞ୍ଚଳିକ ଫିଲ୍ମ ପୁରସ୍କାର ପାଇଛନ୍ତି । ଅଣ-ଫିଚର୍ ଫିଲ୍ମ ବର୍ଗରେ 'ଭଙ୍ଗାର' ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚିତ ହୋଇଛି । ୧୯୫୪ରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ପ୍ରଥମେ 'ଷ୍ଟେଟ୍ ଆୱାର୍ଡ ଫର ଫିଲ୍ମସ' ନାମରେ ଜଣାଶୁଣା ଥିଲା, ଯାହାକୁ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ପ୍ରଦାନ କରିଥିଲେ । ପ୍ରଥମ ବର୍ଷ ମରାଠୀ ଚଳଚ୍ଚିତ୍ର 'ଶ୍ୟାମଚୀ ଆଇ' ଶ୍ରେଷ୍ଠ ଫିଚର୍ ଫିଲ୍ମ ପୁରସ୍କାର ଲାଭ କରିଥିଲା । ପରବର୍ତ୍ତୀ ସମୟରେ ୧୯୬୮ ମସିହାରେ ଏହାର ନାମ ପରିବର୍ତ୍ତନ କରାଯାଇ 'ଜାତୀୟ ଚଳଚ୍ଚିତ୍ର ପୁରସ୍କାର' ରଖାଯାଇଥିଲା ଏବଂ ବିଭିନ୍ନ ଆଞ୍ଚଳିକ ଭାଷାର ଉନ୍ନତି ପାଇଁ ନୂଆ ବର୍ଗ ସବୁ ଯୋଡ଼ାଯାଇଥିଲା । ଭାରତୀୟ ସିନେମା ଜଗତରେ ଏହି ପୁରସ୍କାରକୁ ସବୁଠାରୁ ସମ୍ମାନଜନକ ମାନ୍ୟତା ଦିଆଯାଉଥିବା ବେଳେ, ଚଳିତ ବର୍ଷ ବେସରକାରୀ ତଥା ଆଞ୍ଚଳିକ କ୍ଷେତ୍ରର ନୂତନ ପ୍ରତିଭା ଏବଂ ବିଭିନ୍ନ ଭାଷାର କଳାକାରମାନଙ୍କୁ ମିଳିଥିବା ଏହି ସ୍ୱୀକୃତି ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଆହୁରି ସମୃଦ୍ଧ କରିବ ।

## ୧୪ ହଜାର ଫୁଟ୍ ଉଚ୍ଚତାରେ ଦେଶର ପ୍ରଥମ ଭୂ-ତାପଜ କୂପ

ଲେହ, ୧୮ ।୭ (ଏଜେନ୍ସି): ଭାରତର ସ୍ୱଚ୍ଛ ଶକ୍ତି ଅଭିଯାନରେ ଏକ ବଡ଼ ସଫଳତା ମିଳିଛି । ଲଦାଖର ଶୀତଳ ମରୁଭୂମି କୁହାଯାଉଥିବା ପୁଗା ଉପତ୍ୟକାରେ ୧୪,୦୦୦ ଫୁଟ୍ ଉଚ୍ଚତାରେ ଦେଶର ପ୍ରଥମ ଭୂ-ତାପଜ (ଜିଓଥର୍ମାଲ୍) କୂପ କାର୍ଯ୍ୟକ୍ଷମ ହୋଇଛି । ପ୍ରାୟ ୧୦୦୦ ମିଟର ଗଭୀରତା ବିଶିଷ୍ଟ ଏହି ଦୁଇଟି କୂପର ସଫଳ ଖନନ ଦ୍ୱାରା ଲଦାଖରେ ୧ ମେଗାୱାଟ୍ ବିଶିଷ୍ଟ ପ୍ରଥମ ଭୂ-ତାପଜ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପଥ ପରିଷ୍କାର ହୋଇଛି । ଲଦାଖର ଉପ-ରାଜ୍ୟପାଳ ଭିକେ ସାକ୍ସେନା ଏହି ଐତିହାସିକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ପୂର୍ବରୁ ପ୍ରଶାସନ ଓ ଓଏନ୍‌ଜିସି ମଧ୍ୟରେ ଚୁକ୍ତିନାମାର ଅବଧି ଶେଷ ହେବା କାରଣରୁ ଏହି ପ୍ରକଳ୍ପ କିଛି ମାସ ବିଳମ୍ବ ହୋଇଥିଲା । ମାତ୍ର ଚଳିତ ବର୍ଷ ଜୁନ୍ ମାସରେ ଉପ-ରାଜ୍ୟପାଳଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ଏହି



ଚୁକ୍ତିକୁ ଆଉ ୫ ବର୍ଷ ପାଇଁ ନବୀକରଣ କରାଯାଇ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା । ଇଞ୍ଜିନିୟରମାନଙ୍କ ସୂଚନା ଅନୁଯାୟୀ, ମାତ୍ର ୪୦୦ ମିଟର ଗଭୀରତାରେ ୧୩୫ ଡିଗ୍ରୀ ସେଲସିୟସରୁ ଅଧିକ ତାପମାତ୍ରା ରେକର୍ଡ କରାଯାଇଛି, ଯାହା ଶକ୍ତି ଉତ୍ପାଦନ ପାଇଁ ଅତ୍ୟନ୍ତ ଅନୁକୂଳ । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଅତି କମ୍ ସମୟ ମଧ୍ୟରେ ଦ୍ୱିତୀୟ କୂପର ଖନନ କାର୍ଯ୍ୟ ଚଳିତ ବର୍ଷ ୮ ଜୁଲାଇରେ ଶେଷ ହୋଇଥିଲା । ଏହି ପ୍ରକଳ୍ପ ଲଦାଖକୁ ଅଙ୍ଗାରକାମ୍ଳ-ମୁକ୍ତ (କାର୍ବନ-ନ୍ୟୁଟ୍ରାଲ୍) କରିବା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହାଦ୍ୱାରା ଅଞ୍ଚଳର ଶକ୍ତି ସୁରକ୍ଷା ମଜବୁତ ହେବା ସହ ପରିବେଶ ସନ୍ତୁଳନ ରହିବ ଏବଂ ସ୍ଥାନୀୟ ଅର୍ଥନୀତିର ବିକାଶ ହେବ । ଭବିଷ୍ୟତରେ ଭାରତର ଶୂନ୍ୟ-ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ ପାଇଁ ପୁଗା ଉପତ୍ୟକାର ଏହି ମଡେଲ୍ ଏକ ବ୍ଲୁପ୍ରିଣ୍ଟ୍ ଭାବେ କାର୍ଯ୍ୟ କରିବ ବୋଲି ଉପ-ରାଜ୍ୟପାଳ ପ୍ରକାଶ କରିଛନ୍ତି ।

## ଦେବେଗୌଡ଼ାଙ୍କ ପତ୍ନୀ ଚେନ୍ନାମ୍ମାଙ୍କ ପରଲୋକ

ବେଙ୍ଗାଲୁରୁ, ୧୮ ।୭ (ଏଜେନ୍ସି): ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ପତ୍ନୀ ଚେନ୍ନାମ୍ମା ଦେବେଗୌଡ଼ାଙ୍କର ଶନିବାର ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ତାଙ୍କ ବୟସ ୮୦ ବର୍ଷରୁ ଅଧିକ ଥିଲା । ଶ୍ୱାସକ୍ରିୟାଜନିତ ସମସ୍ୟାରେ ଚିକିତ୍ସାଧୀନ ଥିବାବେଳେ ଅପରାହ୍ନ ପ୍ରାୟ ୪ଟାରେ ସେ ହଠାତ୍ ହୃଦଘାତର ଶିକାର ହୋଇଥିଲେ । ହସ୍ପିଟାଲ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ, ସ୍ୱାସ୍ଥ୍ୟରେ ସୁଧାର ଆସୁଥିବା ସତ୍ତ୍ୱେ ତାଙ୍କୁ ଭୟଙ୍କର ହୃଦଘାତ ହୋଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇନଥିଲା । ୧୯୫୪ ମସିହାରେ ଚେନ୍ନାମ୍ମା ଦେବେଗୌଡ଼ାଙ୍କୁ ବିବାହ କରିଥିଲେ । ତାଙ୍କର ଚାରି ପୁଅ ଓ ଦୁଇ ଝିଅ ଅଛନ୍ତି । ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀ ଓ ବିଧାୟକ ଏଚ୍‌ଡି ରେବନ୍ନା ରହିଛନ୍ତି । ୨୦୦୧ ମସିହାରେ ପାରିବାରିକ ବିବାଦକୁ କେନ୍ଦ୍ର କରି ହୋଇଥିବା ଏକ ଏସିଡ୍ ଆକ୍ରମଣରୁ ଚେନ୍ନାମ୍ମା ବଞ୍ଚିଯାଇଥିଲେ ।

# ଭୟଙ୍କର ରୂପ ନେଲା ଇରାନ ଯୁଦ୍ଧ

■ କ୍ରମାଗତ ୭ମ ରାତିରେ ଆମେରିକାର ଆକ୍ରମଣ
■ ଜବାବୀ ହମଲା କରୁଛି ଇରାନୀ ସେନା



ୱାସିଂଟନ/ତେହେରାନ, ୧୮ ।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ମହାସମର ଏବେ ଅତି ଭୟଙ୍କର ରୂପ ଧାରଣ କରିଛି । ଗତ ଶୁକ୍ରବାର ରାତିରେ ଆମେରିକୀୟ ସେନା ପକ୍ଷରୁ କ୍ରମାଗତ ସପ୍ତମ ରାତି ପାଇଁ ଇରାନ ଉପରେ ଶକ୍ତିଶାଳୀ ଡ୍ରୋନ ଓ ମିସାଇଲ୍ ମାଧ୍ୟମରେ ଆକ୍ରମଣ କରାଯାଇଛି । ଇରାନର ସାମରିକ ସାମର୍ଥ୍ୟକୁ ସମ୍ପୂର୍ଣ୍ଣ ରୂପେ ଦୁର୍ବଳ କରିବା ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ଆମେରିକାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଅପରପକ୍ଷରେ, ଆମେରିକା ଯଦି ଆଗାମୀ ଦୁଇ-ତିନି ଦିନ ମଧ୍ୟରେ ଆକ୍ରମଣ ବନ୍ଦ ନକରେ, ତେବେ ପୂର୍ଣ୍ଣ ଆକ୍ରମଣାତ୍ମକ ରଣନୀତି ଆପଣାଯିବ ଏବଂ କୌଣସି ରାଜନୈତିକ ସୀମା ଆଉ ସୁରକ୍ଷିତ ରହିବ ନାହିଁ ବୋଲି ଇରାନ ଚେତାବନୀ ଦେଇଛି । ଇରାନ ଅଭିଯୋଗ କରିଛି ଯେ ଆମେରିକା ସେନା ବେସାମରିକ ଅଞ୍ଚଳ ଯେପରିକି ବିମାନ ବନ୍ଦର, ରେଳ ଷ୍ଟେସନ ଏବଂ ବ୍ରିଜ୍‌ଗୁଡ଼ିକୁ ଟାର୍ଗେଟ୍ କରୁଛି, ଯାହାଫଳରେ ଦେଶର ବିଦ୍ୟୁତ ଓ ଶକ୍ତି ଗ୍ରୀଡ୍ ଉପରେ ପ୍ରବଳ ଚାପ ପଡ଼ିଛି । ଏହାର ଜବାବରେ ଇରାନ ପକ୍ଷରୁ ମଧ୍ୟ ସମ୍ପୃକ୍ତ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ ବ୍ୟାପକ ଆକ୍ରମଣ କରାଯାଇଛି । କୁଏତରେ ଥିବା ଆମେରିକୀୟ ସାମରିକ କେନ୍ଦ୍ର ଉପରେ ଇରାନର ଡ୍ରୋନ୍ ସେଲିଂ ଯୋଗୁଁ କେତେକ କୁଏତ ସୈନିକ ଆହତ ହୋଇଛନ୍ତି ଏବଂ ବିଦ୍ୟୁତ ପ୍ଲାଣ୍ଟ କ୍ଷତିଗ୍ରସ୍ତ ହୋଇଛି । କତାର ଓ ବାହାରିନରେ ଥିବା ଆମେରିକାର ସାମରିକ ବିମାନ ତଥା ରାଡାର ପ୍ରଣାଳୀକୁ ଧ୍ୱଂସ କରିବା ପାଇଁ ମଧ୍ୟ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି । ଜୋର୍ଡାନ ସେନା ତିନୋଟି ଇରାନୀ ମିସାଇଲ୍‌କୁ ଆକାଶରେ ଖସାଇ ଦେଇଥିବା ବେଳେ ଇରାକର କୁର୍ଦ୍ଦିସ୍ତାନ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ୯ ଜଣ ସନ୍ତ୍ରାସବାଦୀ ପ୍ରାଣ ହରାଇଛନ୍ତି । ଗତ ଫେବୃଆରୀ ୨୮ ତାରିଖରୁ ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣ ଏବଂ ଇରାନ ଦ୍ୱାରା ହର୍ମୁଜ ପ୍ରଣାଳୀ ବନ୍ଦ କରାଯିବା ପରଠାରୁ ଏହି ଯୁଦ୍ଧ ଆରମ୍ଭ ହୋଇଥିଲା । ବର୍ତ୍ତମାନ ସୁଦ୍ଧା ଇରାନରେ ଅତିକମରେ ୩୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ନାଗରିକ ଭିତ୍ତିଭୂମି ଉପରେ ହେଉଥିବା ଆକ୍ରମଣକୁ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ନିନ୍ଦା କରିବା ସହ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । ଯୁଦ୍ଧର ସ୍ଥିତି ଜଟିଳ ହେଉଥିବା ବେଳେ ଚୀନ ଏବଂ ପାକିସ୍ତାନ ମଧ୍ୟସ୍ଥତା କରି ଉଭୟ ଦେଶକୁ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି ।

## ଲରେନ୍ସ ଗ୍ୟାଙ୍ଗ୍ ଟାର୍ଗେଟରେ ଅମୀର

ମୁମ୍ବାଇ, ୧୮ ।୭ (ଏଜେନ୍ସି): ବଲିଉଡ୍ ଅଭିନେତା ସଲମାନ ଖାନଙ୍କ ପରେ ଏବେ ସୁପରଷ୍ଟାର ଅମୀର ଖାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ଶନିବାର ଦିନ ବିଷ୍ଣୋଇ ଗ୍ୟାଙ୍ଗର ବୋଲି ଦାବି କରାଯାଉଥିବା ଏକ ଚିଠି ଏବଂ ଅଡିଓ କ୍ଲିପ୍ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ଏହି ଚିଠିରେ ଅମୀର ଖାନ ଗତ ୫ ଜୁଲାଇରେ ଗୌରୀ ସ୍ପ୍ରାଟ୍‌ଙ୍କ ସହ କରିଥିବା ତୃତୀୟ ବିବାହକୁ 'ଲଭ୍ ଜିହାଦ' ବୋଲି ଅଭିହିତ କରାଯାଇଛି । ଦେଶର ସଂସ୍କୃତି ବିରୋଧରେ ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ଏବଂ



ଏହାର ଜବାବ ଖୁବ୍‌ଶୀଘ୍ର ଦିଆଯିବ ବୋଲି ଗ୍ୟାଙ୍ଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଧମକପୂର୍ଣ୍ଣ ଚିଠିକୁ ନେଇ ବର୍ତ୍ତମାନ ସୁଦ୍ଧା ମୁମ୍ବାଇ ପୋଲିସ କିମ୍ବା ଅମୀର ଖାନଙ୍କ ସଂସ୍ଥା ତରଫରୁ କୌଣସି ଆନୁଷ୍ଠାନିକ ମନ୍ତବ୍ୟ ଦିଆଯାଇନାହିଁ । ଅମୀର ଖାନ ଏବଂ ତାଙ୍କ ସହଯୋଗୀ ଗୌରୀ ସ୍ପ୍ରାଟ୍‌ଙ୍କ କୋର୍ଟ ମ୍ୟାରେଜ୍‌କୁ ନେଇ କିଛି ସଂଗଠନ ସାମାଜିକ ଗଣମାଧ୍ୟମରେ ବିରୋଧ କରୁଥିବା ବେଳେ, ଅପରାଧୀ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଏହି ନୂଆ ଧମକ ବଲିଉଡ୍‌ରେ ପୁଣି ଥରେ ସୁରକ୍ଷା ଚିନ୍ତା ବଢ଼ାଇ ଦେଇଛି ।

## ରୁଷ୍‌ରେ ୟୁକ୍ରେନର ଡ୍ରୋନ ମାଡ଼; ୮ ମୃତ

ମସ୍କୋ, ୧୮ ।୭ (ଏଜେନ୍ସି): ୟୁକ୍ରେନ ସୀମା ପାର୍ଶ୍ୱରେ ଥିବା ରୁଷର ଭିତ୍ତିଭୂମି ଉପରେ ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରିଛି । ଗତ ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ରୁଷର ପ୍ରମୁଖ ବାଣିଜ୍ୟିକ ଗୋଦାମ ଓ ତେଲ ଡିପୋଗୁଡ଼ିକୁ ଟାର୍ଗେଟ୍ କରାଯାଇଛି, ଯେଉଁଥିରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଅନୁଯାୟୀ, ମସ୍କୋ ଏବଂ ତାମ୍ବୋଭ୍ ଅଞ୍ଚଳରେ ଥିବା ଦୁଇଟି ପ୍ରମୁଖ ପରିବହନ ଓ ଯୋଗାଣ କେନ୍ଦ୍ର ଉପରେ ଏହି ଦୂରଗାମୀ ଆକ୍ରମଣ କରାଯାଇଛି ।

## ଶିବସେନାରେ ୬ ଉଦ୍ଧବ ସାଂସଦଙ୍କ ଯୋଗଦାନକୁ ବାଚସ୍ପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଫଳରେ ଗୃହରେ ଶାସକ ଦଳ ସଭ୍ୟ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ବିରୋଧୀଙ୍କ ସଂଖ୍ୟା ହ୍ରାସ ପାଇଛି । ସିନ୍ଦେଙ୍କ ନେତୃତ୍ୱାଧୀନ ଶିବ ସେନାରେ ଉଦ୍ଧବ ସେନାର ୬ ସାଂସଦଙ୍କ ଯୋଗଦାନକୁ ସେ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଫଳରେ ଗୃହରେ ଶିବ ସେନାର ସଭ୍ୟସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ଉଦ୍ଧବଙ୍କ ନେତୃତ୍ୱାଧୀନ ଶିବ ସେନାରେ ୯ ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣ ବାହାରି ଆସି ସିନ୍ଦେ ସେନାରେ ସାମିଲ ହୋଇଥିଲେ । ଏଥିପାଇଁ ସେମାନେ ବାଚସ୍ପତିଙ୍କୁ ଭେଟି ଅନୁମୋଦନ ପାଇଁ ଅନୁରୋଧ କରିଥିଲେ ।

**ବିଦ୍ରୋହୀ ଟିଏମ୍‌ସି ସାଂସଦଙ୍କ ପାଇଁ ପୃଥକ ସ୍ଥାନ, ମିଶ୍ରଣ ଅଟକିଲା**

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ ମମତା ବାନାର୍ଜୀଙ୍କ ଟିଏମ୍‌ସିରେ ବିଦ୍ରୋହ କରି ଅଲଗା ହୋଇଥିବା ସୁଦୀପ ବନ୍ଦୋପାଧ୍ୟାୟଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ସାଂସଦଙ୍କ ପାଇଁ ପୃଥକ ଆସନ ବଣ୍ଟନ କରିଛନ୍ତି ବାଚସ୍ପତି । ଏହି ଗୋଷ୍ଠୀର ୨୦ ସାଂସଦ ଅଲଗା ଆସନରେ ବସିବେ । ତେବେ ନେସନାଲିଷ୍ଟ ସିଟିଜନ୍ ପାର୍ଟି ଅଫ୍ ଇଣ୍ଡିଆରେ ସେମାନଙ୍କର ମିଶ୍ରଣକୁ ଏବେ ମଞ୍ଜୁରୀ ପ୍ରଦାନ କରି ନାହାନ୍ତି । ୨୦ ବିଦ୍ରୋହୀ ସାଂସଦ ସିଟିଜନ ପାର୍ଟି ଭଳି ଏକ ଅପରିଚିତ ଦଳରେ ଯୋଗଦେବା ସହିତ ଏହି ମିଶ୍ରଣକୁ ସ୍ୱୀକୃତି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ବାଚସ୍ପତି ଏସଂପର୍କରେ ବିଶେଷଜ୍ଞମାନଙ୍କ ସହିତ ବିଚାର ବିମର୍ଶ ଜାରି ରଖିଥିବାରୁ ଏହାକୁ ସ୍ୱୀକୃତି ପ୍ରଦାନ କରି ନାହାନ୍ତି । ଅନ୍ୟପକ୍ଷରେ ସେମାନଙ୍କ ପାଇଁ ଅଲଗା ଆସନ ବ୍ୟବସ୍ଥା କରିଛନ୍ତି । ବାଚସ୍ପତିଙ୍କ ଏହି ନିଷ୍ପତ୍ତି ପରେ ୫୪୩ ସଭ୍ୟ ବିଶିଷ୍ଟ ଲୋକସଭାରେ ଏନଡିଏ ସଭ୍ୟସଂଖ୍ୟା ୩୧୮କୁ ବୃଦ୍ଧି ପାଇଥିବା ବେଳେ ବିରୋଧୀ ଇଣ୍ଡିଆ ମେଣ୍ଟର ସଭ୍ୟସଂଖ୍ୟା ୧୮୪କୁ ଖସି ଆସିଛି । ୩୮ ଜଣ ସାଂସଦ କୌଣସି ଗୋଷ୍ଠୀରେ ସାମିଲ ନାହାନ୍ତି ।

**ଇସ୍ତଫା ଦେବାକୁ ପ୍ରସ୍ତୁତ: ଅଭିଷେକ**

ଇତିମଧ୍ୟରେ ଟିଏମସି ମହାସଚିବ ଅଭିଷେକ ବାନାର୍ଜୀ କହିଛନ୍ତି ଯେ ବିଦ୍ରୋହୀ ସାଂସଦ ଓ ବିଧାୟକ ମମତା ବାନାର୍ଜୀଙ୍କ ପାଖକୁ ଫେରି ଆସିଲେ ସେ ସମସ୍ତ ଦଳୀୟ ପଦରୁ ଇସ୍ତଫା ଦେବାକୁ ପ୍ରସ୍ତୁତ ଅଛନ୍ତି ।

# ନୂଆ ମୋଡ଼ରେ ମହାରାଷ୍ଟ୍ର ରାଜନୀତି




**ପାୱାର ଓ ସୁନେତ୍ରା ଗୋଷ୍ଠୀ ମିଶ୍ରଣ ପାଇଁ ଚାପ ପକାଉଛି ବିଜେପି!**

ମୁମ୍ବାଇ, ୧୮ ।୭ (ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ପରିବର୍ତ୍ତନର ସଙ୍କେତ ମିଳିଛି । ବିଭାଜନ ଭୟରେ ଦଳକୁ ଏକଜୁଟ କରିବା ଲାଗି ଉଦ୍ୟମ ଚଳାଇଥିବା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି-ଏସପି)ର ବରିଷ୍ଠ ନେତା ଶରଦ ପାୱାର ଏବେ ଏନଡିଏ ସହ ସଂପର୍କରେ ଅଛନ୍ତି । ସେ ତାଙ୍କ ପାର୍ଟିକୁ ଏନଡିଏରେ ସାମିଲ କରିବାକୁ ଚାହୁଁଛନ୍ତି । କିନ୍ତୁ ଶରଦ ପାୱାରଙ୍କ ଗୋଷ୍ଠୀକୁ ଏକ ସ୍ୱତନ୍ତ୍ର ଦଳ ଭାବେ ନିଜ ଏନଡିଏରେ ସାମିଲ କରିବାକୁ ଚାହୁଁନାହିଁ ବିଜେପି । ବିଜେପିର ସର୍ତ୍ତ ଅନୁଯାୟୀ, ମେଣ୍ଟରେ ସାମିଲ ହେବା ପୂର୍ବରୁ ଶରଦ ପାୱାରଙ୍କ ଦଳକୁ ସୁନେତ୍ରା ପାୱାରଙ୍କ ନେତୃତ୍ୱାଧୀନ ମୂଳ ଏନସିପି ସହ ଏକତ୍ରିତ ହେବାକୁ ପଡ଼ିବ । ଶରଦ ଗୋଷ୍ଠୀ ଏଥିରେ ରାଜି ଥିଲେ ମଧ୍ୟ ସୁନେତ୍ରା ଏଥିପାଇଁ ରାଜି ହେଉ ନଥିବା କୁହାଯାଉଛି । ସୁନେତ୍ରାଙ୍କ ଗୋଷ୍ଠୀ ଯୁକ୍ତି କରୁଛନ୍ତି ଯେ ଦୁଇ ଦଳର ମିଶ୍ରଣ ହେଲେ ଶରଦଙ୍କ ଆଧିପତ୍ୟ ପୁଣି ବଢ଼ିଯିବ । କିନ୍ତୁ ମିଶ୍ରଣ ପାଇଁ ବିଜେପି ନେତା ଚାପ ପକାଇବାରେ ଲାଗିଛନ୍ତି । ଏହି ଦୁଇ ଗୋଷ୍ଠୀ ଏକାଠି ହେଲେ ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଉଭୟପକ୍ଷରୁ ଜଣକୁ ଲେଖାଏଁ ସ୍ଥାନ ମିଳିପାରେ ବୋଲି ଆଲୋଚନା ହେଉଛି । ତେବେ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ଏହି ରାଜନୈତିକ ସମୀକରଣ ପଛରେ ସଂସଦର ଗଣିତ ରହିଛି । ସୀମା ପୁନଃନିର୍ଦ୍ଧାରଣ ବିଲ୍ (ଯେଉଁଥିରେ ଲୋକସଭା ଆସନ ସଂଖ୍ୟା ୮୫୦କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଛି) ଉପରେ ଶରଦ ପାୱାରଙ୍କ ଦଳ ନରମ ଆଭିମୁଖ୍ୟ ଗ୍ରହଣ କରିବାର ସଙ୍କେତ ଦେଇଛି । ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରିବା ପାଇଁ ବିଜେପିକୁ ସଂସଦରେ ଦୁଇ-ତୃତୀୟାଂଶ ବହୁମତ ଆବଶ୍ୟକ ଏବଂ ଏନସିପିର ସମର୍ଥନ ଏହି ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ । ଏହି ସମ୍ଭାବ୍ୟ ମେଣ୍ଟକୁ ନେଇ ଶରଦ ପାୱାର କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଦେଇନଥିବା ବେଳେ ତାଙ୍କ ସାଂସଦ ସୁପ୍ରିୟା ସୁଲେ ଏନଡିଏରେ ସାମିଲ ହେବା ଗୁଜବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । କିନ୍ତୁ ବିଲ୍ ସପକ୍ଷରେ ସେ ମତ ଦେଇଥିବାରୁ ମିଶ୍ରଣ ଚର୍ଚ୍ଚା ଜୋର ଧରିଛି ।


ଅନ୍ୟପଟେ ଚଳିତ ବର୍ଷ ଜାନୁଆରୀ ମାସରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ପରେ ସୁନେତ୍ରା ପାୱାରଙ୍କ ଗୋଷ୍ଠୀରେ ମଧ୍ୟ ଆଭ୍ୟନ୍ତରୀଣ କନ୍ଦଳ ଦେଖାଦେଇଛି । ଏହି ମିଶ୍ରଣକୁ ସୁନେତା ବିରୋଧ କରୁଥିବା ବେଳେ ପଫୁଲ୍ଲ ପାଟେଲ ଓ ଅନ୍ୟ କେତେକ ନେତା ଏହା ସପକ୍ଷରେ ଯୁକ୍ତି ରଖୁଛନ୍ତି । ଯଦିଓ କଂଗ୍ରେସ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି, ତଥାପି ଶରଦ ପାୱାର ଏବଂ ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସଙ୍କ ମଧ୍ୟରେ ହୋଇଥିବା ଗୁପ୍ତ ଆଲୋଚନା ମହାରାଷ୍ଟ୍ର ରାଜନୀତିକୁ ନୂଆ ମୋଡ଼ ଆଡ଼କୁ ନେଇଯାଉଛି ।

# 'ବିକ୍ରମ-୧'ର ସଫଳତା ପଛରେ ଯୁବ ଇଞ୍ଜିନିୟରିଂ ଟିମ୍




ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଭାରତର ପ୍ରଥମ ବେସରକାରୀ କକ୍ଷପଥ ରକେଟ୍ 'ବିକ୍ରମ-୧'ର ପ୍ରଥମ ସଫଳ ଉତକ୍ଷେପଣ କେବଳ ଏକ ବୈଷୟିକ ସଫଳତା ନୁହେଁ, ବରଂ ଏହା ଦେଶର ମହାକାଶ କ୍ଷେତ୍ରରେ ଏକ ବଡ଼ ପିଢ଼ିଗତ ପରିବର୍ତ୍ତନର ସୂଚନା ଦେଇଛି । ଶ୍ରୀହରିକୋଟାରୁ ଆରମ୍ଭ ହୋଇଥିବା ଏହି 'ମିଶନ ଆଗମନ'ରେ ସବୁଠାରୁ ଆକର୍ଷଣୀୟ ଦିଗ ଥିଲା ଯେ, ଏହାର ନିୟନ୍ତ୍ରଣ କକ୍ଷରେ କୌଣସି ପୁରୁଖା ବିଜ୍ଞାନୀ ନୁହେଁ, ବରଂ ୨୦ରୁ ୩୦ ବର୍ଷ ବୟସ୍କ ଯୁବ ଇଞ୍ଜିନିୟରମାନେ ସମ୍ପୂର୍ଣ୍ଣ ଅଭିଯାନର ନେତୃତ୍ୱ ନେଉଥିଲେ । ଜଣେ ଯୁବ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏହି ଜଟିଳ ରକେଟ୍ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା, ଯାହା ଭାରତୀୟ ମହାକାଶ କ୍ଷେତ୍ରରେ ନୂତନ ଯୁବ ଶକ୍ତିର ପ୍ରତିଭାକୁ ପ୍ରମାଣିତ କରିଛି । ଇସ୍ରୋ ବିଜ୍ଞାନୀ ପବନ କୁମାର ଚନ୍ଦନା ଏବଂ ନାଗା ଭାରତ ଡାକାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସଂସ୍ଥା, ଭାରତ ସରକାରଙ୍କ ମହାକାଶ ସଂସ୍କାର ନୀତିର ଏକ ବଡ଼ ଉଦାହରଣ ସାଜିଛି । ଏହି ଅଭିଯାନରେ ଇସ୍‌ରୋର ବହୁମୂଲ୍ୟ ଭିତ୍ତିଭୂମି ଓ ଅଭିଜ୍ଞତା ବେସରକାରୀ ସଂସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହା ସହ ଏହି ମିଶନର ସ୍ୱତନ୍ତ୍ରତା ଥିଲା ଏହାର ଆଧୁନିକ ପ୍ରସାରଣ ଶୈଳୀ । ପାରମ୍ପରିକ ବୈଷୟିକ ଘୋଷଣା ବଦଳରେ ସିନେମାଶୈଳୀର ଦୃଶ୍ୟ, ଗ୍ରାଫିକ୍ସ ଏବଂ ମାନବୀୟ ସଂଘର୍ଷର କାହାଣୀ ମାଧ୍ୟମରେ ଏହାକୁ ସର୍ବସାଧାରଣଙ୍କ ସାମ୍ନାରେ ଉପସ୍ଥାପନ କରାଯାଇଥିଲା, ଯାହା ବିଶ୍ୱସ୍ତରୀୟ ମହାକାଶ ବାଣିଜ୍ୟ ଶୈଳୀ ସହ ସମାନ । 'ବିକ୍ରମ-୧'ର ସଫଳତା ସ୍ପଷ୍ଟ କରିଛି ଯେ ଭାରତୀୟ ବେସରକାରୀ ଉଦ୍ୟୋଗୀ ଏବଂ ଇଞ୍ଜିନିୟରମାନେ ଏବେ ବିଶ୍ୱ ସ୍ତରରେ ପ୍ରତିଯୋଗିତା କରିବାକୁ ପ୍ରସ୍ତୁତ ।

## ପବନ ଚନ୍ଦନାଙ୍କ ପ୍ରେରଣାଦାୟକ ଯାତ୍ରା




ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଗଣିତରେ ମାତ୍ର ୫୧ ନମ୍ବର ପାଇଥିବା ଜଣେ ଛାତ୍ର ଦିନେ ଭାରତର ବେସରକାରି ମହାକାଶ କ୍ଷେତ୍ରର ଇତିହାସ ରଚିବେ ବୋଲି କେହି କଳ୍ପନା କରିନଥିଲେ । କିନ୍ତୁ ସେହି ଛାତ୍ର ହେଲେ ପବନ କୁମାର ଚନ୍ଦନା । ତାଙ୍କ ସହ-ପ୍ରତିଷ୍ଠିତ ସଂସ୍ଥା ସ୍କାଇରୁଟ୍ ଏରୋସ୍ପେସ୍ ନିର୍ମିତ 'ବିକ୍ରମ-୧' ରକେଟ୍ ସଫଳତାର ସହ ମହାକାଶକୁ ପହଞ୍ଚି ଭାରତର ପ୍ରଥମ ବେସରକାରି ଉନ୍ନୀତ ଅନ୍ତରିକ୍ଷ ରକେଟ୍ ଭାବେ ନୂଆ ଇତିହାସ ସୃଷ୍ଟି କରିଛି । ଏହି ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଇରୁଟ୍‌ର ପ୍ରତିଷ୍ଠାତାମାନଙ୍କ ସହ କଥା ହୋଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ କହିଥିଲେ, 'ଆପଣମାନେ କେବଳ ମହାକାଶରେ ନୂଆ ସଫଳତାର ବୀଜ ରୋପଣ କରିନାହାନ୍ତି, ବରଂ ଆଗାମୀ ପିଢ଼ିକୁ ପ୍ରେରଣା ଦେବା ପାଇଁ ଭୂମିରେ ମଧ୍ୟ ନୂଆ ମୂଳଦୁଆକୁ ସୁଦୃଢ଼ କରିଛନ୍ତି ।' ହାଇଦରାବାଦରେ ଜନ୍ମିତ ପବନ କୁମାର ଚନ୍ଦନା ଏକ ମଧ୍ୟବିତ୍ତ ପରିବାରରେ ବଢ଼ିଥିଲେ । ପଢ଼ାରେ ବିଶେଷକରି ଗଣିତ ତାଙ୍କ ପାଇଁ ସହଜ ନଥିଲା । ତଥାପି ଯନ୍ତ୍ରପାତି ଓ ପ୍ରଯୁକ୍ତି ପ୍ରତି ତାଙ୍କ ଅସୀମ କୌତୂହଳ ଏବଂ ପିତାଙ୍କ ନିରନ୍ତର ପ୍ରୋତ୍ସାହନ ତାଙ୍କୁ ଆଗକୁ ବଢ଼ିବାର ଶକ୍ତି ଦେଇଥିଲା । ପରବର୍ତ୍ତୀ ସମୟରେ ସେ ପ୍ରଥମ ପ୍ରୟାସରେ ଆଇଆଇଟି ପ୍ରବେଶିକା ପରୀକ୍ଷାରେ ସଫଳ ହୋଇ ଆଇଆଇଟି ଖଡ଼ଗପୁରରେ ନାମ ଲେଖାଇଥିଲେ ।

## ଜନ୍ତରମନ୍ତରରେ ହଙ୍ଗାମା

## ଅଭିଜିତଙ୍କୁ କାଳିମାଡ଼



ନୂଆଦିଲ୍ଲୀ, ୧୮ ।୭ (ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତର ପ୍ରତିବାଦ ସ୍ଥଳରେ ଶନିବାର ପୁଣି ଉତ୍ତେଜନା ପ୍ରକାଶ ପାଇଛି । ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ପୋଲିସ ହସ୍ପିଟାଲ୍‌କୁ ନେଇଯିବା ପରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ ସେଠାରେ ଆମରଣ ଅନଶନ ଆରମ୍ଭ କରିଛନ୍ତି । ତେବେ ସେ ମଞ୍ଚରେ ବସି ସମର୍ଥକଙ୍କୁ ସମ୍ବୋଧିତ କରୁଥିବା ସମୟରେ ଜଣେ ମହିଳା ହଠାତ୍ ତାଙ୍କ ଉପରକୁ କାଳି ମାଡ଼ କରିଛନ୍ତି । ଏହାକୁ ନେଇ ପ୍ରତିବାଦ ସ୍ଥଳରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ୱାଙ୍ଗଚୁକଙ୍କ ବ୍ୟତୀତ ଆଇସା (ଏଆଇଏସ୍ଏ) ସଂଗଠନର ତିନିଜଣ ଛାତ୍ର ନେହା, ଆମିନ ଏବଂ ମନୀଷ ମଧ୍ୟ ଗତ ୨୧ ଦିନ ହେବ ଜନ୍ତରମନ୍ତରରେ ଅନଶନ ଜାରି ରଖିଛନ୍ତି । ସେମାନଙ୍କ ମଧ୍ୟରୁ ନେହାଙ୍କ ରକ୍ତରେ ଶର୍କରା ସ୍ତର ମାରାତ୍ମକ ଭାବେ ହ୍ରାସ ପାଇଥିବାରୁ (ହାଇପୋଗ୍ଲାଇସେମିଆ) ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି ହେବାକୁ ପରାମର୍ଶ ଦିଆଯାଇଛି । ଏହି ସମଗ୍ର ଘଟଣାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ଏଭଳି ଏକ ଶାନ୍ତିପୂର୍ଣ୍ଣ ଓ ଅହିଂସା ଆନ୍ଦୋଳନକୁ ବଳପୂର୍ବକ ଦବାଇବା ସମ୍ପୂର୍ଣ୍ଣ ଭୁଲ୍ ଏବଂ କୌଣସି ପ୍ରକାରର ଚାପ ପ୍ରୟୋଗ କରି ଛାତ୍ର ଓ ଜନସାଧାରଣଙ୍କ ସ୍ୱରକୁ ବନ୍ଦ କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି ।

## ରଥ ଦଳାଚକଟାରେ ଭକ୍ତଙ୍କ ମୃତ୍ୟୁ ମାମଲା

# ରିପୋର୍ଟ ତଲବ କଲେ ଓଏଚ୍ଆର୍‌ସି

ଭୁବନେଶ୍ୱର,୧୮।୭(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଦଳାଚକଟାରେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣାକୁ ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗ (ଓଏଚ୍ଆରସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ଘଟଣାରେ ଆଇନଜୀବି ନିଶିକାନ୍ତ ମିଶ୍ରଙ୍କ ଆବେଦନକୁ ବିଚାର କରି କମିଶନ ଗୃହ ବିଭାଗର ପ୍ରମୁଖ ସଚିବ ଏବଂ ପୁରୀ ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ କରିଛନ୍ତି। ଆଗାମୀ ଅଗଷ୍ଟ ୨୮ ସୁଦ୍ଧା ଏହି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆହତମାନଙ୍କୁ ଠିକ୍ ଚିକିତ୍ସା ଯୋଗାଇଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବାହୁଡା ଯାତ୍ରାକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ଗୃହ ବିଭାଗ, ପୁରୀ ଜିଲ୍ଲାପାଳ ଏବଂ



ପୁରୀ ଏସପିଙ୍କୁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ଦେଇଛନ୍ତି। ନିଶିକାନ୍ତ ଏହି ଘଟଣାରେ କମିଶନଙ୍କ ନିକଟରେ ଅଭିଯୋଗ କରି ବିଭିନ୍ନ ଦିଗକୁ ଦର୍ଶାଇ ଏକାଧିକ ଦାବି କରିଥିଲେ। ଘଟଣାରେ ତଦନ୍ତ

### ବାହୁଡ଼ା ଯାତ୍ରାକୁ ସୁରକ୍ଷିତ କରିବାକୁ ନିର୍ଦ୍ଦେଶ

କରି ଦାୟିତ୍ୱରେ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଥିଲେ। କମିଶନଙ୍କ ତଦନ୍ତ ଟିମ୍ ଦ୍ୱାରା ନିରପେକ୍ଷ ତଦନ୍ତ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ସେହିପରି ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ତଲବ କରିବାକୁ ମଧ୍ୟ ସେ ଦର୍ଶାଇଥିଲେ।

ସୂଚନାଯୋଗ୍ୟ, ଜୁଲାଇ ୧୬ ରଥଯାତ୍ରା ଦିନ ଅପରାହ୍ଣ ପ୍ରାୟ ୨ଟା ବେଳେ ପହଣ୍ଡି ଚାଲିଥିବା ବେଳେ ଏହି ଅଘଟଣ ଘଟିଥିଲା। ବଡ଼ଦାଣ୍ଡ ମରିଚିକୋଟ ଛକ ନିକଟରେ ଅତ୍ୟଧିକ ଭିଡ ଯୋଗୁ ଦଳାଚକଟା ହୋଇଥିଲା। ଏଥିରେ ଅନେକ ଭକ୍ତ ତଳେ ପଡ଼ିଯାଇଥିଲେ। ଅସୁସ୍ଥ ଓ ଆହତମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଦ୍ୱୟ କଟକ ଜିଲ୍ଲା ସିର୍ଲୋ ଗ୍ରାମର ଅନିଲ ଦାସ ଓ ଆନ୍ଧ୍ରପ୍ରଦେଶର ସୂର୍ଯ୍ୟକାନ୍ତ ରାଓ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଶତାଧିକ ଊର୍ଦ୍ଧ୍ୱ ଭକ୍ତ ଆହତ ମଧ୍ୟ ହୋଇଥିଲେ।

## ଏସ୍‌ଡିସି ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଜନଜାତିଙ୍କ ବିକାଶ ତ୍ୱରାନ୍ୱିତ କରିବାକୁ ପରାମର୍ଶ




ଭୁବନେଶ୍ୱର,୧୮।୭(ସମିସ): ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡ଼ିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇ ଏହା କହିଛନ୍ତି।

ଶନିବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଏସ୍‌ଡିସିର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରି ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝିବ ସହ ସେହି ଅନୁଯାୟୀ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା। ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଏଗୁଡ଼ିକର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ତରରେ ରହିଥିବା ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ସମାଧାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ। ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ସେ କହିଥିଲେ।

## ବିଦ୍ୟୁତ୍ ଆଘାତରେ ୨ ମୃତ

ସିମୁଳିଆ, ୧୮।୭ (ସମିସ): ଧାନବିଲରେ ବିଦ୍ୟୁତ୍ ଆଘାତରେ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ସିମୁଳିଆ ଥାନା ଅନ୍ତର୍ଗତ ଈଶ୍ୱରପୁର ପଞ୍ଚାୟତର ଚନ୍ଦ୍ରପଡା ଗ୍ରାମରେ ଘଟିଛି। ମୃତକ ଦ୍ୱୟ ହେଲେ ଗ୍ରାମର ମହେଶ୍ୱର ଦାସ ଏବଂ ମହିଳା ବୀରା ମୁଣ୍ଡା। ମହେଶ୍ୱର ନିଜର ଚାଷ ଜମି ଅଡା ପଞ୍ଚାୟତର ଦକ୍ଷିଣ ଅଡା ମଇଁଷା ମୁଣ୍ଡା ଅଞ୍ଚଳରେ ଗୃହପାଳିତ ପଶୁ ଓ ବନ୍ୟଜନ୍ତୁଙ୍କ ଦାଉରୁ ଧାନ ତଳି ଉଦ୍ଧାର କରିବା ପାଇଁ ବିଦ୍ୟୁତ ତାର ଲଗାଇଥିଲେ। ଆଜି ସକାଳେ ସେ ବିଦ୍ୟୁତ୍ ସଂଯୋଗ ହୋଇଥିବା ମେସିନଟିକୁ ବନ୍ଦ କରିବାକୁ ଯାଇ ବିଦ୍ୟୁତ ଆଘାତରେ ଆସି ଛିଟିକି ପଡ଼ିଥିଲେ। ସେହି ସମୟରେ ମହିଳା ବୀରା ମୁଣ୍ଡା ମହେଶ୍ୱରଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ଖବର ପାଇ ସ୍ଥାନୀୟ ଲୋକ ଦୁଇ ଜଣଙ୍କୁ ଉଦ୍ଧାର କରି ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କାର୍ଯ୍ୟରତ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ସୋଆର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ

# ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ଏଆଇ: ହାଇକୋର୍ଟ ମୁଖ୍ୟ ବିଚାରପତି

ଭୁବନେଶ୍ୱର,୧୮।୭(ସମିସ): କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବିର୍ଭାବ ଓ ବ୍ୟବହାର ବଢ଼ିଛି। ଅଦାଲତ କାର୍ଯ୍ୟ ପରିଚାଳନାରେ ଦକ୍ଷତା ବୃଦ୍ଧି କରିଛି। ମାତ୍ର ଏହା କେବେ ମଧ୍ୟ ସଚେତନ, ସମ୍ବେଦନଶୀଳ, ସ୍ୱତନ୍ତ୍ର ଓ ସ୍ୱାଧୀନ ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ କହିଛନ୍ତି। ଶନିବାର ଅନୁଷ୍ଠିତ ସୋଆ (ଶିକ୍ଷା "ଓ' ଅନୁସନ୍ଧାନ) ଡିମ୍ଡ୍-ଟୁ-ବି ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ୍ ଟଣ୍ଡନ ଆହୁରି କହିଛନ୍ତି ଯେ, ପ୍ରଯୁକ୍ତିର ବିକାଶ ପାରମ୍ପରିକ ଅଦାଲତ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ମାତ୍ର ଏହା କେବେ ବି ମାନବୀୟ ବିଚାର ଶକ୍ତିର ସ୍ଥାନ ନେଇପାରିବ ନାହିଁ। ସେ ପ୍ରଯୁକ୍ତିବିଦ୍ୟାକୁ ବିରୋଧ କରୁନାହାନ୍ତି; ବରଂ ମାନବୀୟ ସମ୍ବେଦନଶୀଳତା ଓ ଆଇନଗତ ଯୁକ୍ତିର ସ୍ଥାନ ଏଆଇ ନେଇପାରିବ ନାହିଁ। ସେହିପରି ସମାଜର ପ୍ରକୃତ ମୂଲ୍ୟାଙ୍କନ ତାହାର ନ୍ୟାୟସଙ୍ଗତ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଆଇନର ଶାସନ କେବଳ ଏକ ଧାରଣା ନୁହେଁ, ବରଂ ଏହା ନୈତିକତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତାକୁ ନେଇ ଗଠିତ। ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ନ୍ୟାୟ ପ୍ରଦାନ କରିବା। ଦେଶର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ "ସନ୍ତୋଷ ସିଂହ ବନାମ ୟୁନିଅନ ଅଫ୍ ଇଣ୍ଡିଆ' ମାମଲାର ରାୟକୁ ଉଲ୍ଲେଖ କରି 'ଗଣତନ୍ତ୍ରର ପ୍ରକୃତ ଶକ୍ତି କେବଳ ସମ୍ବିଧାନର ବିଭିନ୍ନ ଧାରାରେ ନୁହେଁ, ବରଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାରେ




ନିହିତ' ବୋଲି ଜଷ୍ଟିସ୍ ଟଣ୍ଡନ୍ କହିଛନ୍ତି।

ଏହି ଅବସରରେ ୩୦୦ରୁ ଅଧିକ ଗବେଷକଙ୍କୁ ପିଏଚ୍‌ଡି ଉପାଧି ପ୍ରଦାନ କରାଯାଇଥିବାବେଳେ ସୋଆ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତଙ୍କୁ ସମ୍ମାନସୂଚକ ଡକ୍ଟର ଅଫ୍ ଲ' (ହନରିସ କଜା) ଉପାଧି ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଓଡ଼ିଶା ହାଇକୋର୍ଟର ୧୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟର ୫ ଜଣ ବିଚାରପତି ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ନ୍ୟାୟମୂର୍ତ୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତ ସୋଆ ବିଶ୍ୱବିଦ୍ୟାଳୟ ଖୁବ୍ ଶୀଘ୍ର ପ୍ରସିଦ୍ଧ ଓ ମହାନ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇବ ବୋଲି ଆଶାବ୍ୟକ୍ତ କରିଛନ୍ତି। ସେହିପରି ଇସ୍ରାଏଲର ଉଦାହରଣ ଦେଇ ଗବେଷଣାକୁ ଗୁରୁତ୍ୱ ଦେଉଥିବା ଦେଶ ଅଧିକ ସମୃଦ୍ଧ ବୋଲି କହିବା ସହ ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର (ଡା.) ଅମିତ ବାନାର୍ଜୀ ଉତ୍ସବରେ ଅଧ୍ୟକ୍ଷତା କରି କହିଛନ୍ତି ଯେ, ଆଇନ ସଂପର୍କିତ ସଚେତନତା ବିନା କୌଣସି ଗବେଷଣା ସଂପୂର୍ଣ୍ଣ ହୁଏ ନାହିଁ। ଜ୍ଞାନ ଆମକୁ କ'ଣ ସମ୍ଭବ ତାହା ଜଣାଏ, ପ୍ରଜ୍ଞା ଆମକୁ କ'ଣ ବାଞ୍ଛନୀୟ ତାହା ଶିଖାଏ ଏବଂ ଆଇନ ସଂପର୍କିତ ସଚେତନତା ଆମକୁ କ'ଣ ଅନୁମୋଦିତ, ଦାୟିତ୍ୱପୂର୍ଣ୍ଣ ଓ ନ୍ୟାୟସଙ୍ଗତ ତାହା ବୁଝାଇଥାଏ। କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରିପୋର୍ଟ ଉପସ୍ଥାପନ କରି ଉଚ୍ଚମାନର ଶିକ୍ଷା ଓ ଗବେଷଣାର ଏକ ଅଗ୍ରଣୀ କେନ୍ଦ୍ରରେ ସୋଆ ପରିଣତ ହୋଇଥିବା କହିଛନ୍ତି। ଦୁଇଟି ମେଡିକାଲ କଲେଜ ଏବଂ ବ୍ରହ୍ମପୁରରେ ଥିବା ହସ୍ପିଟାଲ ସମେତ ଦୁଇଟି ପ୍ରମୁଖ ହସ୍ପିଟାଲ ପ୍ରତିଷ୍ଠା କରି ଓଡ଼ିଶା ସମେତ ପଡୋଶୀ ରାଜ୍ୟଗୁଡ଼ିକୁ ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ତଥା ଉପକୁଳପତି ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ, ଡିନ୍ (ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ) ପ୍ରଫେସର ଜୟନ୍ତ କୁମାର ନାଥ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପରିଚାଳନା କରିଥିଲେ। (ବିଶ୍ୱଜିତ)

# ଲଗାଣ ବର୍ଷାରେ ଫୁଲିଲା ରେବ-କପାଳି; ରାଜପଥ ଜଳମଗ୍ନ

କୋଠାର/ଅସୁରାଳି,୧୮।୭(ସମିସ): କିଛି ଦିନ ହେବ ସାରା ଜିଲ୍ଲାରେ ଲାଗି ରହିଥିବା ଜୀବନହନ୍ତା ଲଗାଣ ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳର ପ୍ରମୁଖ ନଦୀ ରେବ ଏବଂ କପାଳିର ଜଳସ୍ତର ହଠାତ୍ ବୃଦ୍ଧି ପାଇଛି। ନଦୀଦ୍ୱୟ ଫୁଲିବା ଫଳରେ ଆଖପାଖ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ବର୍ଷା ଓ ନଦୀର ବ୍ୟାକ୍-

### ଅନେକ ଗାଁ ଓ ବିଲ ଦାଣ୍ଡରେ ଆଣ୍ଠୁଏ ପାଣି

ୱାଟର ଯୋଗୁଁ ଅଞ୍ଚଳର ବହୁ ଗାଁର ବିଲଠାରୁ ଆରମ୍ଭ କରି ଜନବସତି ଓ ଗାଁ ଦାଣ୍ଡରେ ଏବେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି, ଯାହା ସ୍ଥାନୀୟ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିପକାଇଛି।

ସୂଚନାଯୋଗ୍ୟ, ଏହି ଲଗାଣ ବର୍ଷା ଓ ନଦୀର ବନ୍ୟା ପାଣି ଯୋଗୁଁ ବିଶେଷ କରି ଚୁଡ଼ାକୁଟି ମାଙ୍କିଡ଼ିଆ ରାସ୍ତାରେ ଆଣ୍ଠୁଏ ପାଣି ଯୋଗୁଁ ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। କାକୁଡ଼ି ଗଡ଼ିଆ, ଗୋବିନ୍ଦପୁର, କଲ୍ୟାଣୀ, ଝାରଦିଆ, କଟସାହି, ଇଟା ପାଳ, କାସିମପୁର, କୋଠାର ଓ କୋରୁଆ



ଆଦି ଗ୍ରାମଗୁଡ଼ିକ ଗମ୍ଭୀର ଭାବେ ପ୍ରଭାବିତ ହୋଇଛନ୍ତି। ଗାଁର ମୁଖ୍ୟ ରାସ୍ତା ଉପରେ ପାଣି ଚାଲୁଥିବାରୁ ବାହ୍ୟଜଗତ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ସଦୃଶ ହୋଇଛି। ଯାତାୟାତ ପାଇଁ ଲୋକେ ଚରମ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗାଁ ଦାଣ୍ଡ ସାଙ୍ଗକୁ ଶହଶହ ହେକ୍ଟର ଚାଷ ଜମି ଏବେ ଜଳମଗ୍ନ। ସବୁଜ ଧାନ କ୍ଷେତ ଉପରେ ପାଣି ଲହଡ଼ି ମାରୁଥିବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏହା ସହିତ ପାନୀୟ ଜଳର ସମସ୍ୟା ଓ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ସଂଗ୍ରହ କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ସ୍ଥିତି ଦିନକୁ ଦିନ ଗମ୍ଭୀର ହେଉଥିବାବେଳେ ପ୍ରଭାବିତ ଅଞ୍ଚଳରେ ତୁରନ୍ତ ପ୍ରଶାସନ ପକ୍ଷରୁ ରିଲିଫ୍, ଶୁଖିଲା ଖାଦ୍ୟ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ଯଦି ବର୍ଷା ଏମିତି ଲାଗିରହେ, ତେବେ ପରିସ୍ଥିତି ଆହୁରି ସଙ୍ଗୀନ ହେବାର ଆଶଙ୍କା ରହିଛି। ଅନ୍ୟପଟେ, ଭଦ୍ରକ-ଆରଡ଼ି ୩୫ ନମ୍ବର ଜାତୀୟ ରାଜପଥର ଅସୁରାଳି ନିକଟରେ ବନ୍ୟାଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ରାଜପଥ ମଝିରେ ପାଣିର ତୀବ୍ର ସୁଅ ଚାଲୁଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି ଏବଂ ଛୋଟ ଯାନବାହନ ଚଳାଚଳ ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଶେଷ ଚିନ୍ତାର ବିଷୟ ହେଉଛି, ରାତି ପାହିଲେ ହଜାର ହଜାର କାଉଡ଼ିଆ ଭକ୍ତ ଆରଡ଼ି ପୀଠକୁ ଜଳ ଅର୍ପଣ କରିବା ପାଇଁ ଏହି ରାସ୍ତା ଦେଇ ଯାତ୍ରା କରିବେ। ରାସ୍ତା ଉପରେ ପାଣିର ତୀବ୍ର ସୁଅ ଚାଲୁଥିବାରୁ ଭକ୍ତମାନଙ୍କ ସୁରକ୍ଷା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ପ୍ରଶାସନକୁ ନିବେଦନ କରିଛନ୍ତି ଯେ, କାଉଡ଼ିଆ ଭକ୍ତମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ପୁଲିସ ମୁତୟନ, ବ୍ୟାରିକେଡ୍ ବ୍ୟବସ୍ଥା, ସତର୍କ ସୂଚନା ବୋର୍ଡ ଏବଂ ଆବଶ୍ୟକ ସ୍ଥାନରେ ଉଦ୍ଧାରକାରୀ ଦଳ ନିୟୋଜିତ କରାଯାଉ। ସେହିପରି ବନ୍ୟା ପ୍ରଭାବିତ ଚାଷୀମାନଙ୍କ ପାଇଁ ତୁରନ୍ତ ସହାୟତା ଓ କ୍ଷତିପୂରଣ ଘୋଷଣା କରିବାକୁ ମଧ୍ୟ ଦାବି ଜୋର୍ ଧରିଛି।

# ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ଭାଙ୍ଗିଦେଲେ ଚୁଲି

ପୁରୀ,୧୮।୭(ସମିସ): ମହାପ୍ରଭୁଙ୍କ ଆଡ଼ପ ବିଜେ ପୂର୍ବରୁ ପୁଣି ଏକ ସମ୍ବେଦନଶୀଳ ବିବାଦ ସାମ୍ନାକୁ ଆସିଛି। ଗୁଣ୍ଡିଚା ମନ୍ଦିର ରୋଷଶାଳାର ୩ ଚୁଲି ଭାଙ୍ଗି ଦିଆଯାଇଛି। ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଏଭଳି ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ବେଳେ ଚୁଲି ଭଙ୍ଗା ବିବାଦ କୁମ୍ଭାରପଡ଼ା ଥାନାରେ ପହଞ୍ଚିଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ନରସିଂହ ମହାପାତ୍ର ଏତଲାରେ ଉଲ୍ଲେଖ କରିଛନ୍ତି, ଶ୍ରୀମନ୍ଦିର ଭଳି ତାଙ୍କର ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ୩ଟି ଚୁଲି (୫୭, ୫୮, ୫୯) ରହିଛି। ଗତ ୧୫ ତାରିଖ ସକାଳ ୯ଟାରେ ମାଟିମଣ୍ଡପ ସାହିର ୫ ଜଣ ଗୁଣ୍ଡା ଖଣ୍ଡା ଓ ଭୁଜାଲି ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ରୋଷଶାଳାରେ ପଶି ଉକ୍ତ ୩ଟି ଚୁଲିକୁ ଭଙ୍ଗାରୁଜା କରୁଥିଲେ। ଏହି ସମୟରେ ନରସିଂହ ଓ ତାଙ୍କ ସାନଭାଇ ପହଞ୍ଚି ଚୁଲି କ'ଣ ପାଇଁ ଭାଙ୍ଗୁଛ ବୋଲି ପ୍ରତିବାଦ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ଘଟଣାସ୍ଥଳରେ ଅନ୍ୟ ସେବାୟତ ପହଞ୍ଚି ଯାଇଥିଲେ। ଫଳରେ ଆକ୍ରମଣକାରୀମାନେ ଚମ୍ପଟ ମାରିଥିଲେ। ଗତବର୍ଷ ମଧ୍ୟ ମୁଖ୍ୟ ଅଭିଯୁକ୍ତ ଚୁଲି ଭାଙ୍ଗିଥିଲେ। ଏ ନେଇ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ପୁଣି ଚଳିତ ବର୍ଷ ଚୁଲି ଭଙ୍ଗାଯାଇଛି। ଏ ସମ୍ପର୍କରେ କୁମ୍ଭାରପଡ଼ା ଥାନାଧିକାରୀ ବିଜୟ କେତନ ବେହେରା କହିଛନ୍ତି, ଗୁଣ୍ଡିଚା ମନ୍ଦିର ରୋଷଶାଳାରେ ଚୁଲି ଭଙ୍ଗାଯିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ ପରେ ତଦନ୍ତ ଚାଲିଛି। ରଥଯାତ୍ରାରେ

### ଥାନାରେ ମାମଲା, ପୁଲିସର ତଦନ୍ତ ଜାରି

ମହାପ୍ରଭୁଙ୍କ ପହଣ୍ଡି ବିଳମ୍ବ ହେବା, ମସ୍ତକରେ ଟାହିଆ ନ ରହିବା ଏବଂ ଦଳାଚକଟାରେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଚାଲିଥିବାବେଳେ ଏବେ ଶ୍ରୀଗୁଣ୍ଡିଚା ମନ୍ଦିରର ରୋଷଶାଳାର ଚୁଲି ଭଙ୍ଗାଯିବା ବିବାଦ ପ୍ରଶାସନର ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଚୁଲି ଭଙ୍ଗା ଘଟଣାରେ ପ୍ରତିକ୍ରିୟା ଦେଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ନିକଟକୁ ଏ ନେଇ କୌଣସି ଅଭିଯୋଗ ଆସିନାହିଁ। ମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ ହେଲେ ପ୍ରଶାସନ ଏହାର ସମାଧାନ କରିବ।

## ଯାଞ୍ଚ ହେଲା ଶ୍ରୀମନ୍ଦିର

# ଗର୍ଭଗୃହ କାନ୍ଥରେ ଜମିଛି କଳା ଆସ୍ତରଣ

ପୁରୀ,୧୮।୭(ସମିସ): ଗର୍ଭଗୃହରେ 'ମୟଶ୍ଚର' ହୋଇଯାଇଛି। କାନ୍ଥରେ ଫିମ୍ପି ଭଳି କଳା ଆସ୍ତରଣ ଜମିଛି। ଏହାକୁ ସଫା କରାଯାଇ ରାସାୟନିକ ପ୍ରଲେପ ଦିଆଯିବ। ଏହାବ୍ୟତୀତ କେତେକ ବାର୍ଷିକ ମରାମତି ବି ହେବ। ଶନିବାର ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ, ଜଗମୋହନ, ରୋଷଘର ଏବଂ ଭୋଗମଣ୍ଡପ ଯାଞ୍ଚ ପରେ ଏହି ନିଷ୍ପତ୍ତି ହୋଇଛି। ମହାପ୍ରଭୁ ଏବେ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଛନ୍ତି। ଏଣୁ ଏହି ସମୟରେ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହିତ ଭୋଗ ମଣ୍ଡପର ସଂରକ୍ଷଣ କାର୍ଯ୍ୟ କରାଯିବ।

ଶନିବାର ଯାଞ୍ଚ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଆଲୋଚନା ପରେ ସମସ୍ତେ ମନ୍ଦିର ଭିତରକୁ ଯାଞ୍ଚ ପାଇଁ ଯାଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର୍ କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟର ମିଳିତ ଭାବେ ଏହି ଯାଞ୍ଚ କରିଛନ୍ତି। ସେମାନେ ଜଗମୋହନ, ନାଟମଣ୍ଡପ, ଗର୍ଭଗୃହ, ପ୍ରଥମ ଓ ଦ୍ୱିତୀୟ ମହଲା, ରୋଷଘର ଓ ଭୋଗ ମଣ୍ଡପ ଚଟାଣ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ବିଶେଷକରି ଗର୍ଭଗୃହ ଓ ଜଗମୋହନରେ କଳା ଆସ୍ତରଣ କେତେ ପରିମାଣର ଜମିଛି, କିଭଳି ଏହାର କେମିକାଲ ୱାସିଙ୍ଗ୍ କରାଯିବ, ବାୟୁ ଚଳାଚଳ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଗର୍ଭଗୃହ କାନ୍ଥରେ କଳା ଆସ୍ତରଣ ଜମିଥିବାବେଳେ ତେଲିଆ ବି ରହିଥିବା ଦେଖିବାକୁ ପାଇଥିଲେ। ଜଗମୋହନରେ ଲଗାଯାଇଥିବା ଷ୍ଟିଲ୍ ଫ୍ରେମ୍, ପକେଟ୍‌ଗୁଡ଼ିକର ଅନୁଧ୍ୟାନ ସହ ନାଟମଣ୍ଡପ ବିମ୍ ଫାଟ ଅନୁଧ୍ୟାନ ପାଇଁ ଲାଗି ଥିବା କ୍ରାକ୍ ମିଟରର ରିଡିଙ୍ଗ୍ ଅନୁଧ୍ୟାନ କରିଥିଲେ। ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍, ମାଡ୍ରାସ ଆଇଆଇଟି ପକ୍ଷରୁ ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ ସହ ଭୋଗ ମଣ୍ଡପର ମରାମତି ଓ ସଂରକ୍ଷଣ କାର୍ଯ୍ୟ କରାଯାଉଛି। ସେହିପରି ନାଟମଣ୍ଡପକୁ ଶୀତତାପ ନିୟନ୍ତ୍ରିତ କରାଯିବ। ଏଥିପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଯାଇଛି। ସାତ ଦିନ ମଧ୍ୟରେ ଯେଉଁସବୁ ରୁଟିନ୍ କାର୍ଯ୍ୟ କରାଯିବା କଥା ତାହା ଏଏସ୍ଆଇ ଦ୍ୱାରା ସମ୍ପନ୍ନ କରାଯିବ। ଯେଉଁ କାମ ରଥଯାତ୍ରା ପରେ ଆବଶ୍ୟକ ତାହା ଦୀର୍ଘ ମିଆଦି ସୂତ୍ରରେ ପରବର୍ତ୍ତୀ ସମୟରେ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଗତବର୍ଷ ରଥଯାତ୍ରା ସମୟରେ ଯେଉଁସବୁ ସ୍ଥାନରେ ଯୋଡ଼େଇ ମରାମତି କରାଯାଇଥିଲା ତାହାର ସ୍ଥିତି କେମିତି ରହିଛି ତାହାକୁ ଅନୁଧ୍ୟାନ କରାଯାଇଛି। କେତେକ ସ୍ଥାନରେ ଆବଶ୍ୟକ ମରାମତି କରିବାକୁ ପଡ଼ିବ। ତାହା ଠାକୁରଙ୍କ ନୀଳାଦ୍ରିବିଜେ ମଧ୍ୟରେ ଶେଷ କରାଯିବ ବୋଲି ଜଣାପଡ଼ିଛି।

## ତଥ୍ୟାନୁସନ୍ଧାନୀ ଦଳର ରିପୋର୍ଟ

# ୩ ମାସ ଭତ୍ତା ବନ୍ଦ ହିଁ ସାବିତ୍ରୀ ଦୋରାଙ୍କ ମୃତ୍ୟୁର କାରଣ

ଭୁବନେଶ୍ୱର,୧୮।୭(ସମିସ): ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ୩ ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ବନ୍ଦ ରଖିଲେ। ଏହାଦ୍ୱାରା ଅନେକ ଗରିବ ହିତାଧିକାରୀ ନାନା ସମସ୍ୟାରେ ପଡ଼ିବା ସହ ଗଞ୍ଜାମ ଜିଲ୍ଲାର ବେଗୁନିଆପଡା ବ୍ଲକର ବୃଦ୍ଧା ବିଧବା ବି. ସାବିତ୍ରୀ ଦୋରାଙ୍କ ମୃତ୍ୟୁ ହୋଇଥିଲା। ସିଏସ୍ଏନ୍ଆର୍, ସିଏସ୍ଏଫ୍ଏଚ୍ଆର୍, ରାଇଟ୍ ଟୁ ଫୁଡ୍ କ୍ୟାମ୍ପେନ୍ ଏବଂ ସିଏସ୍ଡି ଆଦି ସଂଗଠନର ମିଳିତ ଉଦ୍ୟମରେ ଗଠିତ ତଥ୍ୟଅନୁନ୍ଧାନକାରୀ ଦଳ ଏହା କହିଛି। ଶନିବାର ଏହି ମିଳିତ ସଂସ୍ଥାଙ୍କ ପକ୍ଷରୁ ରେଡକ୍ରସ ଭବନରେ ସାମ୍ବାଦିକ ସମ୍ମିଳନୀରେ ତିନି ମାସ ଧରି ସାମାଜିକ ସୁରକ୍ଷା ଭତ୍ତା ବନ୍ଦ ରହିବା କାରଣରୁ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ରିପୋର୍ଟ ପ୍ରକାଶ କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି, ୬୭ ବର୍ଷୀୟା ବିଧବା ବୃଦ୍ଧା ବି. ସାବିତ୍ରୀ ଦୋରାଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ସଦସ୍ୟ, ସ୍ଥାନୀୟ ବାସିନ୍ଦା, ଜନପ୍ରତିନିଧି, ପଞ୍ଚାୟତ କର୍ମଚାରୀ, ବ୍ଲକ ପ୍ରଶାସନ, ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ପରେ ଜଣାପଡ଼ିଛି, ସାବିତ୍ରୀ ଦୋରା ଜଣେ ବୃଦ୍ଧା ତଥା ବିଧବା ଥିଲେ




ଏବଂ ତାଙ୍କର ଜୀବନଧାରଣର ମୁଖ୍ୟ ଆଧାର ଥିଲା ସରକାରଙ୍କ ପକ୍ଷରୁ ମିଳୁଥିବା ମାସିକ ୧,୦୦୦ ଟଙ୍କା ବିଧବା ଭତ୍ତା ଏବଂ ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ ମିଳୁଥିବା ରାସନ। କିନ୍ତୁ ୨୦୨୬ ଏପ୍ରିଲରୁ ଜୁନ

### ବିକଳ୍ପ ବ୍ୟବସ୍ଥା ନ କରିବା ସରକାରଙ୍କ ଅପାରଗତା

ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି ତାଙ୍କ ଭତ୍ତା ବନ୍ଦ ରହିଥିଲା, ଯାହା ତାଙ୍କୁ ଗୁରୁତର ଆର୍ଥିକ ଏବଂ ମାନସିକ ସଙ୍କଟ ମଧ୍ୟକୁ ଠେଲିଦେଇଥିଲା। ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଏବଂ ବ୍ୟାଙ୍କକୁ ଯାଇଥିଲେ ମଧ୍ୟ ତାଙ୍କୁ କିଛି ସୁଫଳ ମିଳିପାରି ନ ଥିଲା। ପ୍ରତ୍ୟେକ ସ୍ଥାନରେ ତାଙ୍କୁ କେବଳ ଅପେକ୍ଷା କରିବାକୁ କିମ୍ବା ବୈଷୟିକ ତ୍ରୁଟିର ଦାହି ଦିଆଯାଇଥିଲା। ବିକଳ୍ପ ବ୍ୟବସ୍ଥା ନ କରି ସରକାର ଡିଜିଟାଲ ସେବାର ବାହାନା ଦେବା ହିଁ ସାବିତ୍ରୀଙ୍କ ଜୀବନ ନେବା ସହ ଅନେକ ଲୋକଙ୍କୁ ସମସ୍ୟାରେ ପକାଇଛି।

ଏହି ଘଟଣା ସାର୍ବଜନୀନ ହେବା ପରେ ପ୍ରାୟ ୧୭.୬ ଲକ୍ଷ ଉପଭୋକ୍ତାଙ୍କୁ ବକେୟା ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଘଟଣା ପ୍ରମାଣ କରୁଛି ଯେ ସମସ୍ୟା ଅର୍ଥର ଅଭାବ ନୁହେଁ; ବରଂ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାର ଇଚ୍ଛାଶକ୍ତି, ପ୍ରଶାସନିକ ଉତ୍ତରଦାୟିତ୍ୱ ଏବଂ ମାନବିକ ଦୃଷ୍ଟିଭଙ୍ଗୀର ଅଭାବ ହିଁ ଏହି ସଙ୍କଟକୁ ଆହୁରି ଗମ୍ଭୀର କରିଥିଲା। ଯଦି ସମୟ ମଧ୍ୟରେ ବିକଳ୍ପ ବ୍ୟବସ୍ଥା କରାଯାଇଥାନ୍ତା, ତେବେ ସାବିତ୍ରୀ ଦୋରାଙ୍କ ପରି ଜଣେ ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ମିଳିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ତଥ୍ୟ ଅନୁସନ୍ଧାନ ରିପୋର୍ଟ ରେ ସରକାରଙ୍କ ନିକଟରେ ଅନେକ ସୁପାରିଶ ରଖାଯାଇଛି। ଏଥିରେ ସାବିତ୍ରୀ ଦୋରାଙ୍କ ପରିବାରକୁ ବକେୟା ଭତ୍ତା, ପ୍ରାପ୍ୟ ରାସନ ଏବଂ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା, ତାଙ୍କ ମୃତ୍ୟୁ ଘଟଣାର ଏକ ସ୍ୱାଧୀନ ଏବଂ ନିରପେକ୍ଷ ତଦନ୍ତ କରିବା, ରାଜ୍ୟର ସମସ୍ତ ପ୍ରଭାବିତ ଭତ୍ତା ଉପଭୋକ୍ତାକାରୀଙ୍କୁ ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା, ପ୍ରତି ମାସରେ ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ପ୍ରଦାନକୁ ବାଧ୍ୟତାମୂଳକ ଓ ସୁନିଶ୍ଚିତ କରିବା, ଡିଜିଟାଲ ବ୍ୟବସ୍ଥା ସହ ନଗଦ ଓ ଘରକୁ ଯାଇ ଭତ୍ତା ପ୍ରଦାନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକାରୀ କରିବା, ଆଧାର ସଂଯୋଗ କିମ୍ବା ବାୟୋମେଟ୍ରିକ ସମସ୍ୟା କାରଣରୁ ଭତ୍ତା ବନ୍ଦ ନକରିବା, ଅସୁରକ୍ଷିତ ବୃଦ୍ଧ ବୃଦ୍ଧା, ବିଧବା ଏବଂ ଦିବ୍ୟାଙ୍ଗ ଭତ୍ତାଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଏବଂ ପଞ୍ଚାୟତ ଓ ବ୍ଲକ ସ୍ତରରେ ଏକ ସରଳ ଏବଂ ସମୟବଦ୍ଧ ଅଭିଯୋଗ ନିରାକରଣ ବ୍ୟବସ୍ଥା ପ୍ରଚଳନ କରିବା ଭଳି ପ୍ରସ୍ତାବ ରହିଛି।

**ସାର, ଔଷଧ ବଣ୍ଟନରେ ବ୍ୟାପକ ଅନିୟମିତତା ଘଟଣା**

# ଦୁଇ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ନିର୍ଦ୍ଦେଶ

ଅନୁଗୋଳ,୧୮ ।୭(ସମିସ):

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକରେ ସିଆର୍‌ଏଫ୍‌ଏମ୍ ଯୋଜନାର ବ୍ୟାପକ ବିହନ ଓ ସାର ହେରଫେର ଘଟଣାରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷର ଏହି ମାମଲାରେ କିଶୋରନଗର ସହକାରୀ କୃଷି ଅଧିକାରୀ (ଏଏଓ) ଦୀପ୍ତିମୟୀ ସିଂହଙ୍କ ବିରୋଧରେ ବିଭାଗୀୟ ତଦନ୍ତ କରାଯାଇ ତାଙ୍କୁ ଗତ ୧୦ ତାରିଖ କୃଷି ବିଭାଗ ମୁଖ୍ୟ ସଚିବ ସଚିନ ରାମଚନ୍ଦ୍ର ଯାଦବ ନିଲମ୍ବନ କରିଥିବା ବେଳେ ଏଥିରେରେ ସମ୍ପୃକ୍ତ ଥିବା ଦୁଇ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ସେମାନଙ୍କ ନାଁରେ ମାମଲା ରୁଜୁ କରିବାକୁ କୃଷି ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

୨୦୨୩-୨୪ ଓ ୨୦୨୪-୨୦୨୫ ବର୍ଷରେ କୃଷି ବିଭାଗ ପକ୍ଷରୁ ଏହି ବ୍ଲକକୁ ଆର୍‌ଏଫ୍‌ଏମ ଯୋଜନାରେ ପ୍ରାୟ ୧୭୦୦ କୁଇଣ୍ଟାଲ ମୁଗ, ୧୦୦୦ରୁ ଅଧିକ କୁଇଣ୍ଟାଲ ବିରି ବିହନ ଚାଷୀଙ୍କୁ ବଣ୍ଟନ ପାଇଁ ଆସିଥିଲା । ଏହାସହ ପ୍ରାୟ ୧୬ ପ୍ରକାର ଔଷଧ ଓ ସାର ଚାଷୀଙ୍କୁ ମାଗଣାରେ ପ୍ରଦାନ କରିବାକୁ ଦିଆଯାଇଥିଲା । ମାତ୍ର ଚାଷୀଙ୍କୁ ସମ୍ପୂର୍ଣ୍ଣ ବିହନ ଓ ସାର ଦିଆଯାଇ ନ ଥିଲା । ଏପରିକି ୨୦୨୪-୨୫ରେ ବ୍ଲକ୍‌କୁ ଆସିଥିବା ନାନୋ ଡିଏପିକୁ ସମ୍ପୂର୍ଣ୍ଣ ହଡ଼ପ କରି ରାଜ୍ୟ ବାହାରେ ବିକ୍ରି କରି ଦିଆଯାଇଥିଲା । ସରକାରୀ ଅର୍ଥ ହେରଫେର ଅଭିଯୋଗରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କିଶୋରନଗର ବ୍ଲକ ଏଏଓ ଦୀପ୍ତିମୟୀ ସିଂହଙ୍କୁ ନିଲମ୍ବନ କରାଯିବା ପରେ କୃଷି ବୈଷୟିକ ପ୍ରବନ୍ଧକ (ଏଟିଏମ) ଗୋପବନ୍ଧୁ ସାହୁ ଏବଂ ବ୍ଲକ ସଂଯୋଜକ (ଏଏଫସି) ରଞ୍ଜନ କୁମାର ପ୍ରଧାନଙ୍କ ବିରୋଧରେ ତୁରନ୍ତ ଥାନାରେ ମାମଲା ରୁଜୁ କରିବା ସହ ଉଭୟଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଅନୁଗୋଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଦିଆଯାଇଥିବା ଚିଠି ଅନୁଯାୟୀ, ସରକାରୀ ପାଣ୍ଠିର ବ୍ୟାପକ ଅନିୟମିତତା ଓ ହେରଫେରରେ ଏହି ଦୁଇଜଣଙ୍କ ସମ୍ପୃକ୍ତି ଥିବା ପ୍ରମାଣିତ ହୋଇଛି । ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ଏହାକୁ ନେଇ କୃଷି ବିଭାଗରେ ବଡ଼ ଆଲୋଡ଼ନ ସୃଷ୍ଟି ହୋଇଛି । ଏ ନେଇ ଜିଲ୍ଲା କୃଷି ଅଧିକାରୀ ବିନୋଦ ଦଳେଇ କୁହନ୍ତି, ଗୋପବନ୍ଧୁ ଓ ରଞ୍ଜନଙ୍କୁ ବହିଷ୍କାର ପାଇଁ ରାଜ୍ୟ କୃଷି ବିଭାଗ ପକ୍ଷରୁ ଚିଠି ଆସିଛି । ଏ ଦିଗରେ ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ବାଜିରେ ଲାଗୁଛି କୁନି ପିଲାଙ୍କ ଜୀବନ



**ଛୋଟ ଡଙ୍ଗାରେ ନଦୀ ପାର ହୋଇ ସ୍କୁଲ ଯାଉଛନ୍ତି**

**ସମାକୋଇ ପୋଲ ନିର୍ମାଣ ଦାବି ପୂରଣ ହୋଇନି**

**ବର୍ଷାଦିନେ ଶିକ୍ଷା ପ୍ରଭାବିତ, ବଢୁଛି ଅସନ୍ତୋଷ**

କଣିହାଁ,୧୮ ।୭(ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ କୁଲାପାଳ ଗ୍ରାମରେ ଆଜି ମଧ୍ୟ ମୌଳିକ ଭିତ୍ତିଭୂମିର ଅଭାବ ଲୋକଙ୍କ ଦୈନନ୍ଦିନ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରୁଛି । ସମକୋଇ ନଦୀ ଉପରେ ସେତୁ ନ ଥିବାରୁ କୁନି ଛାତ୍ରଛାତ୍ରୀମାନେ ପ୍ରତିଦିନ ଛୋଟ ଡଙ୍ଗାରେ ଭରା ନଦୀ ପାର ହୋଇ ସ୍କୁଲ ଯିବାକୁ ବାଧ୍ୟ ହେଉଛନ୍ତି । ବର୍ଷାଋତୁରେ ନଦୀ ଜଳସ୍ତର ବୃଦ୍ଧି ପାଇଲେ ଏହି ସମସ୍ୟା ଆହୁରି ଉତ୍କଟ ରୂପ ନେଉଛି । ଗ୍ରାମର ପିଲାମାନେ ବୁରୁକୁନା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କନକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ପବିତ୍ରନଗର ମହାବିଦ୍ୟାଳୟକୁ ଯିବା ପାଇଁ ଏହି ନଦୀ ଅତିକ୍ରମ କରୁଛନ୍ତି । ନଦୀରେ ପାଣି ଅତ୍ୟଧିକ ବଢ଼ିଲେ ସେମାନଙ୍କ ସ୍କୁଲ ଯିବା ବନ୍ଦ ହୋଇଯାଉଛି । ଆଉ ଯଦି ଯାଆନ୍ତି, ଅଭିଭାବକମାନେ ସେମାନଙ୍କ ସୁରକ୍ଷାକୁ ନେଇ ସବୁବେଳେ ଆଶଙ୍କାରେ ରହୁଛନ୍ତି ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସମକୋଇ ନଦୀ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ବହୁବାର ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ । ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କ ଅଭିଯୋଗ ହେଉଛି, ଗତ ସରକାର ଏବଂ ବର୍ତ୍ତମାନର ବିଜେପି ସରକାରଙ୍କ ଶାସନକାଳରେ ମଧ୍ୟ ଏହି ମୌଳିକ ସମସ୍ୟା ସମାଧାନ ହୋଇପାରିନାହିଁ । ଏକ ସେତୁ ନିର୍ମାଣ ଭଳି ଦୀର୍ଘଦିନର ଦାବି ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନର ଉଦାସୀନତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଜନସାଧାରଣଙ୍କ ଜୀବନ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ପରିସ୍ଥିତିରେ କୁଲାପାଳ ଗ୍ରାମବାସୀ ଶୀଘ୍ର ସମକୋଇ ନଦୀ ଉପରେ ଏକ ସେତୁ ନିର୍ମାଣ କରି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ପୁଣିଥରେ ଦାବି ଜଣାଇଛନ୍ତି ।

## ଡା. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପାଲଲହଡ଼ା,୧୮ ।୭(ସମିସ): ପାଲଲହଡ଼ା ଉପଖଣ୍ଡ ଉଦିତନଗର ଛକରେ ପବିତ୍ର ରଥଯାତ୍ରା ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି



ଉନ୍ମୋଚିତ ହୋଇଛି । ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି, ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଡା. ପ୍ରଧାନ ଜଣେ ଦକ୍ଷ ସଂଗଠକ ଥିଲେ । ଜନସେବା ପାଇଁ ନିଜ ଜୀବନକୁ ସମର୍ପିତ କରିଥିଲେ । ଜାତୀୟ ରାଜପଥ ବିକାଶରେ ତାଙ୍କ ଅବଦାନ ଅତୁଳନୀୟ ଥିଲା । ତାଙ୍କ ନୀତି ଆଦର୍ଶ ଆମ ପାଇଁ ପ୍ରେରଣାଦାୟୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

■ **ଡ୍ରେନରେ ପାଣି ଯାଉନି**

## ମନ୍ଦିରରେ ପଶିଲା ଆବର୍ଜନା ଜଳ



ବଇଣ୍ଡା,୧୮ ।୭(ସମିସ): ବଇଣ୍ଡା ଅଞ୍ଚଳରେ ଏବେ ଡ୍ରେନଗୁଡ଼ିକ ଭାଙ୍ଗିଗଲାଣି । ବିଶେଷକରି ଡ୍ରେନ ନିର୍ମାଣର ଏକ ବର୍ଷ ନ ପୂରୁଣୁ ଅନେକ ସ୍ଥାନରେ ଡ୍ରେନ ଭାଙ୍ଗିଯାଇଥିବା ବେଳେ ମଇଳା ପାଣି ନିଷ୍କାସନରେ ଅସୁବିଧା ସୃଷ୍ଟି ହେଉଛି । ବିଶେଷ କରି ବଇଣ୍ଡା ଛକରେ ଥିବା ଡ୍ରେନଗୁଡ଼ିକରେ ଏବେ ବର୍ଷାଜଳ ଯାଇପାରୁ ନାହିଁ । ଫଳରେ ଘର, ଦୋକାନ ଘରେ ଓ ମନ୍ଦିରରେ ଆବର୍ଜନା ପାଣି ପଶିଯାଉଛି । ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ କାମ କରାଯାଇଛି । ୨୦୨୫ରେ ଉକ୍ତ ଡ୍ରେନ କାମ ନିର୍ମାଣ ସରିଥିବା ବେଳେ ୫ ସ୍ଥାନରେ ଡ୍ରେନ ଭାଙ୍ଗିଗଲାଣି । ଏପରିକି ଡ୍ରେନଗୁଡ଼ିକ ମାଟିରେ ପୂର୍ଣ୍ଣ ହୋଇଯିବା ସହ ଅନେକ ସ୍ଥାନରେ ଭାଙ୍ଗି ଯାଇଥିବାରୁ ପାଣି ଯାଇ ନ ପାରି ରାସ୍ତାରେ ଭାସୁଛି । ତୁରନ୍ତ ଡ୍ରେନଗୁଡ଼ିକ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

## ବାଲୁଅକଟା ଗ୍ରାମ ହତ୍ୟାକାଣ୍ଡ ଘଟଣାରେ ୩ ଗିରଫ

ଅନୁଗୋଳ,୧୮ ।୭(ସମିସ): ଅନୁଗୋଳ ସଦର ଥାନା ବାଲୁଅକଟା ଗାଁରେ ଗତ ୧୨ ତାରିଖ ସଂଘଟିତ ହତ୍ୟାକାଣ୍ଡ ଘଟଣାରେ ଶନିବାର ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଶରଧାପୁର ଗାଁର ଅନ୍ତରା ବେହେରାଙ୍କ ପୁଅ ତଥା ମୁଖ୍ୟ ଅଭିଯୁକ୍ତ ଜିଲୁ ଓରଫ ଜୁଲୁ ବେହେରା (୨୪), ତାଙ୍କ ସହଯୋଗୀ ବନ୍ତଲା ଥାନା ଖାଲଗାଁର ତୋଫାନ ବାରିକଙ୍କ ପୁଅ କିଶନ ବାରିକ (୨୨) ଏବଂ ପ୍ରଭାତ ସାହୁଙ୍କ ପୁଅ ରିତେଶ ସାହୁ (୨୧) । ପୁଲିସ ସୂଚନା ମୁତାବକ ବାଲୁଆକଟା ଗ୍ରାମର ହେମନ୍ତ ବେହେରାଙ୍କୁ ଅତି ନିର୍ମମ ଭାବେ ଗାଁ ଦାଣ୍ଡରେ ଗୋଡ଼େଇ ଗୋଡ଼େଇ ଭୁଜାଲିରେ ହାଣି ହତ୍ୟା କରାଯାଇଥିଲା । ବିଳମ୍ବିତ ରାତିରେ ପୁଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିଥିଲା । ହେମନ୍ତଙ୍କ ପତ୍ନୀ ପ୍ରମିତା ବେହେରା (୩୫)ଙ୍କ ଲିଖିତ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ସେମାନଙ୍କୁ ଧରିବା ପାଇଁ ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଏସଡିପିଓ ରମାକାନ୍ତ ମହାଳିକ, ଅନୁଗୋଳ ଟାଉନ ଥାନା ଆଇଆଇସି ପ୍ରକାଶ ମାଝୀ ଏବଂ ସଦର ଥାନା ଆଇଆଇସି ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ତିନିଟି ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା । ସାଇବର ଶାଖା ସହାୟତାରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

## ଚାଷଜମିରେ ପାଣିରେ ବୁଡ଼ି ଚାଷୀ ମୃତ !

● **ଶୁକ୍ରବାରଠୁ ନିଖୋଜ ଥିଲେ**

କଣିହାଁ,୧୮ ।୭(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଗଣ୍ଡମଳା ପଞ୍ଚାୟତ ସୁଲେଇପାଳ ଗ୍ରାମରେ ଚାଷଜମିରେ ଭରି ରହିଥିବା ପାଣିରେ ବୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁଲେଇପାଳ ଗ୍ରାମର ମିଲୁ ରାଉତ । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରତିଦିନ ପରି ମିଲୁ ନିଜ ଚାଷଜମିକୁ କାମ କରିବାକୁ ଯାଇଥିଲେ । ତେବେ ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା । ଶନିବାର ସକାଳେ କିଛି ଗ୍ରାମବାସୀ ଚାଷ ଜମିରେ ଜମି ରହିଥିବା ପାଣିରେ ଏକ ମୃତଦେହ ଭାସୁଥିବା ଦେଖି ତୁରନ୍ତ ପୁଲିସ ଓ କଣିହାଁ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ । ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଚିହ୍ନଟ କରାଯାଇଥିଲା । ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ପାଇଁ ମୃତଦେହକୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

● **ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର**

## ବ୍ୟବଚ୍ଛେଦ ବିନା ଶେଷକୃତ୍ୟ ନେଇ ସନ୍ଦେହ

**ତଦନ୍ତ ଦାବି**

କଣିହାଁ,୧୮ ।୭(ସମିସ): କଣିହାଁ ବ୍ଲକ ସଗୁଡ଼ିପାଳ ନିକଟ ଲଙ୍ଗୁଆବେଡ଼ା ଗ୍ରାମର ନେଉଳ ବେହେରାଙ୍କ ଝିଅ ଭାବିନୀ ବେହେରା (୪୦)ଙ୍କ ମୃତଦେହ ଶନିବାର ଗାଁ ପୋଖରୀରୁ ଉଦ୍ଧାର ହୋଇଛି । ତେବେ ମୃତଦେହ ବ୍ୟବଚ୍ଛେଦ ନ କରାଇ ପରିବାର ପକ୍ଷରୁ ଶେଷକୃତ୍ୟ କରାଯାଇଥିବା କୁହାଯାଉଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଇଛି । ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଯଦି କୌଣସି ବେଆଇନ କାମ ଘଟିଥାଏ ତେବେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି ।

## ଠାକୁରଗଡ଼ କଲେଜରେ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ

କିଶୋରନଗର,୧୮ ।୭(ସମିସ): ଠାକୁରଗଡ଼ ସ୍ନାତକ ମହାବିଦ୍ୟାଳୟ ପରିସରେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ଅଙ୍ଗନବାଡ଼ି, ସ୍ୱଚ୍ଛ ଭାରତ, ଗ୍ରାମ ପଞ୍ଚାୟତ, ବ୍ୟାଙ୍କ ଆଦି ପରିଭ୍ରମଣ କରି ସେମାନଙ୍କ ସନ୍ଦର୍ଭ ପ୍ରସ୍ତୁତ କରିଥିଲେ । ଏହା ଉପରେ ବିଡିଓ ଟିଟସ ମହାନନ୍ଦିଆଙ୍କ ତତ୍ତ୍ୱାବଧାନରେ ମୌଖିକ ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା । ଏଥିରେ ବଇଣ୍ଡା ଷ୍ଟେଟବ୍ୟାଙ୍କ ଶାଖାର ସହ ପରିଚାଳକ ମିତେଶ ସାହୁ, ମହାବିଦ୍ୟାଳୟ ଅଧକ୍ଷା ପ୍ରତିମା ବାଘ, ଅଧ୍ୟାପକ ସରୋଜ ଦାଶ, ତରୁଣ ପ୍ରଧାନ, ସରୋଜ ପ୍ରଧାନ, କଲ୍ୟାଣୀରୂପା ମିଶ୍ର, ଟୁକୁନା ପ୍ରଧାନ ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ।



## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ସମ୍ମିଳନୀ



ବଇଣ୍ଡା,୧୮ ।୭(ସମିସ): ବଇଣ୍ଡା ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଦିନ ଶିକ୍ଷକ-ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଅଧ୍ୟକ୍ଷ ପ୍ରଶାନ୍ତ ଖମାରି ସ୍ୱାଗତ ଭାଷଣ ଦେଇଥିଲେ । ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅସିତ କୁମାର ଜେନା ସମ୍ମିଳନୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପଦାର୍ଥ ବିଜ୍ଞାନ ବିଭାଗର ଚନ୍ଦ୍ରଶେଖର ସିଂ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପ୍ରଗତି ଓ ପରୀକ୍ଷା ଫଳର ସମୀକ୍ଷା କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରବିନାରାୟଣ ବେହେରା ପିଲାମାନଙ୍କ ନିୟମିତ ଉପସ୍ଥାନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଦର୍ଶନ ବିଭାଗ ଅଧ୍ୟାପକ ପ୍ରକାଶ କୁମାର ଗମାଙ୍ଗ ଛାତ୍ରଛାତ୍ରୀଙ୍କ ଆଚରଣ, ଶୃଙ୍ଖଳା ଓ ମାନସିକ ବିକାଶ ଉପରେ ଏବଂ ସେହି ବିଭାଗ ମୁଖ୍ୟ ନିରଞ୍ଜନ ଦାସ କ୍ରୀଡ଼ା ଓ ସାଂସ୍କୃତିକ ଭଳି ସହ-ପାଠ୍ୟକ୍ରମ କାର୍ଯ୍ୟକଳାପର ସୁଯୋଗ ବିଷୟରେ ଦିଗଦର୍ଶନ ଦେଇଥିଲେ । ପରେ ଅଭିଭାବକମାନେ ନିଜ ମୂଲ୍ୟବାନ ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ । ଡ. କାଳିଆ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ସୁମିତ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଅଭିଭାବକ ଦିଲୀପ କୁମାର ସ୍ୱାଇଁ, ନରେଶ ପ୍ରଧାନ, ସନାତନ ନାଏକ, ବିଶ୍ୱନାଥ ପ୍ରଧାନ, ଅଜୟ ପ୍ରଧାନ, ଜଲିରାଣୀ ସାହୁ, ଶାନ୍ତି ପ୍ରଧାନ, ଅଞ୍ଜଳି ଦେହୁରୀ, ଦେବରାଜ ନାଏକ, ନମିତା ସାହୁ ପ୍ରମୁଖ ଯୋଗଦେଇଥିଲେ ।

● **ଅନୁଗୋଳ ବନ ବିଭାଗ**

## ଅସ୍ତ୍ର ପ୍ରଶିକ୍ଷଣ ଦ୍ୱାରା କାର୍ଯ୍ୟଦକ୍ଷତା ଓ ପ୍ରସ୍ତୁତି ସୁଦୃଢ଼

ଅନୁଗୋଳ,୧୮ ।୭(ସମିସ): ଜରପଡ଼ା ରେଞ୍ଜ କାର୍ଯ୍ୟାଳୟ ପରିସରରେ ଅନୁଗୋଳ ବନ ବିଭାଗର ଅବସରପ୍ରାପ୍ତ ଅସ୍ତ୍ର ନିରୀକ୍ଷକ ଗଗନେଶ୍ୱର ବେହେରାଙ୍କ ମାର୍ଗଦର୍ଶନରେ ଅସ୍ତ୍ର ରକ୍ଷଣାବେକ୍ଷଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଜରପଡ଼ା ରେଞ୍ଜ ଅଧିକାରୀ, ଫରେଷ୍ଟର, ବନରକ୍ଷୀ ଏବଂ ସ୍କ୍ୱାଡ୍ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣରେ ବିଭାଗୀୟ ଅସ୍ତ୍ରର ନିରାପଦ ବ୍ୟବହାର, ସଠିକ୍ ସଫା ଓ ରକ୍ଷଣାବେକ୍ଷଣ ପ୍ରଣାଳୀ, ଏବଂ ନିର୍ଦ୍ଧାରିତ ସୁରକ୍ଷା ନିୟମାବଳୀର କଠୋର ପାଳନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଭଳି ଦକ୍ଷତା ବିକାଶମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗଧାଡ଼ିର ବନ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା, ଶୃଙ୍ଖଳା ଓ ଜରୁରୀ ପରିସ୍ଥିତିରେ ପ୍ରସ୍ତୁତିକୁ ସୁଦୃଢ଼ କରିଥାଏ, ଯାହାଦ୍ୱାରା ସେମାନେ ବନ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣର ଦାୟିତ୍ୱକୁ ଅଧିକ ପ୍ରଭାବଶାଳୀ ଭାବେ ପାଳନ କରିପାରନ୍ତି ବୋଲି କୁହାଯାଇଛି ।



## ୨୦ରେ କିଶୋରନଗର ହାଇସ୍କୁଲ ପ୍ରତିଷ୍ଠା ଉତ୍ସବ

କିଶୋରନଗର,୧୮ ।୭(ସମିସ): ପିଏମ୍‌ଶ୍ରୀ କିଶୋରନଗର ହାଇସ୍କୁଲର ୬୯ତମ ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୦ ତାରିଖ ପାଳନ ହେବ । ଏ ନେଇ ସ୍କୁଲ ପରିସରରେ ପୁରାତନ ଛାତ୍ର ସଂସଦ ସଭାପତି ଡା. ଅଲେଖ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନଶିକ୍ଷକ ଅଶୋକ କୁମାର ପ୍ରଧାନ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଦେବରାଜ ପ୍ରଧାନ, ରାଜେନ୍ଦ୍ର ଦେହୁରୀ, ସୁଧୀର ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଲେଖକ ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ପ୍ରଧାନ ସୂଚନା ଦେଇଛନ୍ତି ।


## 'ଆତ୍ମୀୟ' ସ୍ୱେଚ୍ଛାସେବୀ ସଂଗଠନର ଶୁଭାରମ୍ଭ




ଅନୁଗୋଳ,୧୮ ।୭(ସମିସ): ପବିତ୍ର ଘୋଷଯାତ୍ରା ଅବସରରେ ଗୁରୁବାର ଅନୁଗୋଳ ଜିଲ୍ଲାରେ ସ୍ୱେଚ୍ଛାସେବୀ ସଂଗଠନ 'ଆତ୍ମୀୟ'ର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଂଗଠନର ପରିକଳ୍ପନା କରିଥିବା ତଥା ଆବାହକ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶୈଳଶ୍ରୀକ୍ଷେତ୍ର ସମ୍ମୁଖରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଶାନ୍ତ ତ୍ରିପାଠୀ ଓ ପର୍ଶୁରାମ ଦାଶ ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ କାର୍ଯ୍ୟାବଳୀ ସମ୍ବନ୍ଧରେ ବିବରଣୀ ଉପସ୍ଥାପନ କରିଥିଲେ । ଏହି ସଂଗଠନ ମୁଖ୍ୟତଃ ଗ୍ରାମାଞ୍ଚଳରେ ଜନସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ସହ ଗରିବ, ଅସହାୟ ଓ ନିରାଶ୍ରୟ ରୋଗୀଙ୍କ ଆତ୍ମୀୟ ଭାବେ କାର୍ଯ୍ୟ କରିବ ବୋଲି ଆବାହକ ମହାପାତ୍ର କହିଥିଲେ । ସ୍ୱେଚ୍ଛାସେବୀ ଶାନ୍ତନୁ ସ୍ୱାଇଁ, ଜୟନ୍ତ କୁମାର କର, ଆଦ୍ୟାଶୋକ ମିଶ୍ର, ରୁକେଶ ରୋଶନ ଦାସ, ବିଶ୍ୱଜିତ ବିଶ୍ୱାଳ, ସତ୍ୟସୁନ୍ଦର ଦାସ ପ୍ରମୁଖ ସଂଗଠନକୁ ସହଯୋଗ କରିବା ସହ ସଂଗଠନର ସାଥୀ ହେବାକୁ ସମର୍ଥନ ଜଣାଇଥିଲେ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଶୀର୍ବାଦ ଗ୍ରହଣ କରି ସଂଗଠନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତେ କାମନା କରିଥିଲେ ।

## ମାନଯୋର ଡ୍ୟାମ୍‌ର ଗୋଟିଏ ଗେଟ ଖୋଲିଲା

**ନଦୀ ପାଖକୁ ନ ଯିବାକୁ ତଳିଆ ଅଞ୍ଚଳ ଲୋକଙ୍କୁ ପରାମର୍ଶ**



କିଶୋରନଗର,୧୮ ।୭(ସମିସ): ଆଠମଲ୍ଲିକ ଉପଖଣ୍ଡ ମାନଯୋର ଡ୍ୟାମ୍‌ରେ ଅଧିକ ବର୍ଷାଜଳ ପ୍ରବେଶ କରୁଥିବାରୁ ଶନିବାର ଏହାର ଗୋଟିଏ ଗେଟ୍ ଖୋଲାଯାଇଛି । ମାନଯୋର ଜଳସେଚନ ପ୍ରକଳ୍ପ ଦ୍ୱାରା ୧୦ ହଜାର ୭୪୦ ହେକ୍ଟର ଚାଷଜମି ଜଳସେଚିତ ହେଉଛି । ଗୋଟିଏ ଗେଟ୍ ଖୋଲାଯିବା ଦ୍ୱାରା ୨୩୧ ଘନମିଟର ଜଳ ନିଷ୍କାସିତ ହେଉଥିବା ବିଭାଗୀୟ ଏସଡିଓ ପ୍ରକାଶ କରିଛନ୍ତି । ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ନଦୀ କୂଳକୁ ନ ଯିବାକୁ ବିଭାଗ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି ।

## ଦୀନଦୟାଲ ଉପାଧ୍ୟାୟ ଡିଜିଟାଲ ପ୍ରଶିକ୍ଷଣ ଶିବିର

ଅନୁଗୋଳ,୧୮ ।୭(ସମିସ): ଅନୁଗୋଳ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ସଭାପତିତ୍ୱରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଡିଜିଟାଲ ଲର୍ଣ୍ଣିଂ ପ୍ଲାଟଫର୍ମ ଅଧୀନରେ ଜିଲ୍ଲାସ୍ତରୀୟ ଡିଜିଟାଲ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଡିଜିଟାଲ ପ୍ରଶିକ୍ଷଣର ରାଜ୍ୟ ସହ-ସଂଯୋଜକ ତଥା ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜିଲ୍ଲା ଉପସଭାପତି ନୃସିଂହ ବରାଳ, ଡିଜିଟାଲ ପ୍ରଶିକ୍ଷଣର ଜିଲ୍ଲା ସଂଯୋଜକ ତଥା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କୁମାର ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲ୍ଲା ଡିଜିଟାଲ ପ୍ରଶିକ୍ଷଣର ସହ-ସଂଯୋଜକ ପ୍ରହ୍ଲାଦ ସାମଲ, ଯଶୋବନ୍ତ ପ୍ରସାଦ ବେହେରା ଓ ରୋଜାଲିନ ଦାସଙ୍କ ସମେତ ରାଜ୍ୟ ପଦାଧିକାରୀ, ଜିଲ୍ଲା ପଦାଧିକାରୀ, ଜିଲ୍ଲା ମୋର୍ଚ୍ଚା ସଭାପତି, ମଣ୍ଡଳ ସଭାପତି, ପ୍ରଭାରୀ, ଡିଜିଟାଲ ପ୍ରଶିକ୍ଷଣ ଟୋଲି ସଦସ୍ୟ ଏବଂ ଶକ୍ତିକେନ୍ଦ୍ର ପ୍ରମୁଖମାନେ ଉପସ୍ଥିତ ରହି ଡିଜିଟାଲ ସାଂଗଠନିକ ସଶକ୍ତୀକରଣ ଦିଗରେ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ।



# ବିଦ୍ୟାଳୟରେ ବିଶ୍ୱ ସର୍ପ ଦିବସ ପାଳିତ

ତାଳଚେର ସହର,୧୮ ।୭(ସମିସ):

ବିଶ୍ୱ ସର୍ପ ଦିବସ ଅବସରରେ ତାଳଚେର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରତନ୍ତ୍ର ସମ୍ବାଦପତ୍ର ଓ ପିଏଫଏ ସଂଗଠନ ମିଳିତ ସହଯୋଗରେ ପରିବେଶ ସୁରକ୍ଷାରେ ସାପଙ୍କ ଭୂମିକା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଅତିଥି ଭାବେ ତାଳଚେର ବନପାଳ ସିଦ୍ଧାର୍ଥ ଅନୁରାଗ ପରିଡ଼ା, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଦାସ, ଶିକ୍ଷାବିତ ଦୀପ୍ତିରଞ୍ଜନ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଧୀରମୋହନ ରାୟ, ରାଷ୍ଟ୍ରତନ୍ତ୍ର ଖବରକାଗଜର ସମ୍ପାଦକ ଦେବାଶିଷ ପରିଡ଼ା ପ୍ରମୁଖ ଯୋଗଦେଇ ସର୍ପ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରିଥିଲେ । ପରିବେଶ ସନ୍ତୁଳନରେ ସାପର ଭୂମିକା ଅତୁଳନୀୟ । ସେମାନେ ପ୍ରାକୃତିକ ଖାଦ୍ୟଶୃଙ୍ଖଳର ଏକ ଅବିଚ୍ଛେଦ୍ୟ ଅଙ୍ଗ । ସେମାନେ ମୂଷା ଓ କୀଟପତଙ୍ଗଙ୍କୁ ଖାଇ ଫସଲକୁ ସୁରକ୍ଷା ଦେଇଥାନ୍ତି ଏବଂ ପ୍ରକୃତିର ସନ୍ତୁଳନ ବଜାୟ ରଖନ୍ତି । ସାପମାନେ ଉଭୟ ଶିକାରୀ ଏବଂ ଶିକାର ଅଟନ୍ତି । ସେମାନେ ଛୋଟ ଜୀବଙ୍କୁ ଖାଇ ସେମାନଙ୍କ ସଂଖ୍ୟାକୁ ସୀମିତ ରଖନ୍ତି ଏବଂ ନିଜେ ମଧ୍ୟ ଶାଗୁଣା, ଚିଲ ଓ ବନ୍ୟଜନ୍ତୁଙ୍କ ଖାଦ୍ୟ ହୋଇଥାନ୍ତି । ପରିବେଶରେ କିଛି ପରିବର୍ତ୍ତନ, ପ୍ରଦୂଷଣ କିମ୍ବା ଜଙ୍ଗଲକ୍ଷୟ ହେଲେ ସାପମାନେ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି । ଏକ ସ୍ଥାନରେ ସାପଙ୍କ ଉପସ୍ଥିତି ସେହି ଅଞ୍ଚଳର ଜୈବ ବିବିଧତା ଏବଂ ପରିବେଶ ସ୍ୱାସ୍ଥ୍ୟକୁ ସୂଚାଏ । ସାପକୁ ଡରିବା ଉଚିତ ନୁହେଁ । ଯଦି ଘରେ ସାପ ପଶିଯାଏ ତେବେ ଗୋଟିଏ ଲମ୍ବା ଝାଡୁରେ ତାକୁ ଘଉଡ଼ାଇଲେ ଯେଉଁ ରାସ୍ତାରେ ସେ ପ୍ରବେଶ କରିଥାଏ ସେହି ରାସ୍ତା ଦେଇ ବାହାରକୁ ଚାଲିଯାଏ । ସପ କାମୁଡ଼ିଲେ ଭୟଭୀତ ନ ହୋଇ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ଯିବା ଉଚିତ ଓ କୌଣସି ଗୁଣିଗାରେଡ଼ିରେ ବିଶ୍ୱାସ କରିବା ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପିପୁଲ ଫର ଅନିମଲର ସଂଯୋଜକ କୁନା କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ମାଝୀ ଧନ୍ୟବାଦ ପ୍ରଦାନ କରିଥିଲେ ।



## ତୁଳସୀକ୍ଷେତ୍ରରେ ରଥଯାତ୍ରା | ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି

କେନ୍ଦ୍ରାପଡ଼ା,୧୮।୭(ସମିସ): ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଶ୍ରୀବଳଦେବଜୀଉଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏବେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଲୀଳା ସହ ତୁଳସୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଛି। ରଥଯାତ୍ରାର ନିର୍ଦ୍ଧାରିତ ପରମ୍ପରା ଅନୁଯାୟୀ ରଥ ଶ୍ରୀଗୁଣ୍ଡିଚା ମନ୍ଦିର ଚକଡ଼ାରେ ପହଞ୍ଚିବା ପରେ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ବିଜେରେ ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ଏହାପରେ ଜନ୍ମବେଦୀରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି। ତୁଳସୀକ୍ଷେତ୍ରର ରଥଯାତ୍ରାର ନିଜସ୍ୱ ସ୍ୱତନ୍ତ୍ର ପରମ୍ପରା ରହିଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଗୋଟିଏ ଦିନରେ ଶ୍ରୀଗୁଣ୍ଡିଚା ଯାତ୍ରା ସମାପ୍ତ ହେଉଥିବାବେଳେ କେନ୍ଦ୍ରାପଡ଼ାରେ ଏହା ଦୁଇଦିନ ଧରି ପାଳନ କରାଯାଏ। ପରମ୍ପରା ଅନୁଯାୟୀ ଦ୍ୱିତୀୟ ଦିନ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥାଏ ଓ ତୃତୀୟ ଦିନ ଚତୁର୍ଦ୍ଧାମୂର୍ତ୍ତି ଆଡ଼ପ ମଣ୍ଡପକୁ ବିଜେ କରନ୍ତି। ଗତ କିଛିବର୍ଷ ଧରି ବିଭିନ୍ନ କାରଣରୁ ଏହି ପରମ୍ପରା ବ୍ୟାହତ ହୋଇଥିଲା। ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପାଇଁ ଦୁଇଦିନ ବଦଳରେ ତିନିରୁ ଚାରି ଦିନ ସମୟ ଲାଗୁଥିଲା। ଚଳିତ ବର୍ଷ ନୀତିକାନ୍ତି ଓ ରଥଯାତ୍ରା ପ୍ରାୟ ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ସମ୍ପନ୍ନ ହୋଇଥିବାରୁ ସେବାୟତ, ପ୍ରଶାସନ ଓ ଭକ୍ତଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ତେବେ ସାମାନ୍ୟ ବାଧା ସୃଷ୍ଟି ହୋଇଥିଲା। ପ୍ରଥମ ଦିନ ରଥ ଅଳ୍ପ ଦୂରତା ଅତିକ୍ରମ କରିବା ପରେ ଦଉଡ଼ି ଛିଡ଼ିଯିବା, ରଥ ଉପରେ ଅତ୍ୟଧିକ ସେବାୟତ ଚଢ଼ିଯିବା ଓ ସୂର୍ଯ୍ୟାସ୍ତ ହୋଇଯିବାରୁ ରଥଟଣା ବନ୍ଦ କରିବାକୁ ପଡ଼ିଥିଲା। ପରଦିନ ରଥ ମୋଡ଼ ନେବାବେଳେ କିଛି ସମୟ ପାଇଁ ଅଟକି ଯାଇଥିଲା। ପରେ ରେଳବାଇ ଜ୍ୟାକ୍ ସାହାଯ୍ୟରେ ରଥକୁ ସିଧା କରାଯାଇ ପୁଣି ଟଣାଯାଇଥିଲା ଓ ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥ ଉପରେ ନୀତିକାନ୍ତି ସମାପ୍ତ ହେବା ପରେ ରାତିରେ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା। ପ୍ରଥମେ ବଡ଼ଠାକୁର ଶ୍ରୀବଳଦେବଜୀଉ, ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥ ଆଡ଼ପ ମଣ୍ଡପରେ ଅଧିଷ୍ଠିତ ହୋଇଥିଲେ। ଏହାପରେ ବଡ଼ସିଂହାର ବେଶ ଓ ରୋଷଘର ପ୍ରତିଷ୍ଠା ସହ ଆଡ଼ପ ଲୀଳାର ଶୁଭାରମ୍ଭ ହୋଇଛି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାବେଳେ ତୁଳସୀକ୍ଷେତ୍ର ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଛି। ଆସନ୍ତାକାଲି ହେରା ପଞ୍ଚମୀ ନୀତି ଓ ମହାଲକ୍ଷ୍ମୀଙ୍କ ରଥଭଙ୍ଗା ପରମ୍ପରା ସମ୍ପନ୍ନ ହେବା ସହ ରଥଯାତ୍ରାର ଆଉଏକ ଆକର୍ଷଣୀୟ ଅଧ୍ୟାୟର ତୁଳସୀକ୍ଷେତ୍ର ସାକ୍ଷୀ ହେବ ।

## ସଫା ହୋଇନି କେନାଲ | ଶେଷ ମୁଣ୍ଡ ଜମିରେ ପାଣି ପହଞ୍ଚିବା ନେଇ ସନ୍ଦେହ

ଡେରାବିଶ, ୧୮।୭(ସମିସ)



କେନ୍ଦ୍ରାପଡ଼ା ମୁଖ୍ୟ କେନାଲରେ ଖରିଫ ଚାଷ ପାଇଁ ପାଣି ଆସିବା ସମୟ ହୋଇଗଲାଣି। ତେବେ ଡେରାବିଶ ବ୍ଲକ୍ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲ୍‌ର ୧୧ନଂ, ୧୨ ନଂ, ୧୩ ନଂ କେନାଲ ଓ ଏହାର ଶାଖାନାଳ ଏ ପର୍ଯ୍ୟନ୍ତ ସଫେଇ ହୋଇନାହିଁ। ୨୦୦୯ ପୂର୍ବରୁ ଜଳସେଚନ ବିଭାଗ ଟେଣ୍ଡର କରି କେନାଲ୍‌ରେ ପାଣି ଆସିବାର ଯଥେଷ୍ଟ ପୂର୍ବରୁ କେନାଲ୍ ସଫା କରୁଥିବାବେଳେ ନିମ୍ନମାନର କାମ ଯୋଗୁଁ କେନାଲ ଶେଷ ମୁଣ୍ଡଯାଏ ପାଣି ପହଞ୍ଚିପାରୁ ନ ଥିଲା। ଏଥିସହିତ ଶାଖାନାଳରୁ ଶୋଠ ମାଧ୍ୟମରେ ଯାଉଥିବା ଛୋଟ ଛୋଟ ଶାଖା ନାଳ ସଫା କରାଯାଉ ନ ଥିଲା। ଏବେ କେନାଲ ସଫା ହୋଇ ନ ଥିବାରୁ ଶେଷ ମୁଣ୍ଡ ଜମିରେ ପାଣି ପହଞ୍ଚିବା ନେଇ ସନ୍ଦେହ ଜାତ ହୋଇଛି।

୨୦୦୯ଠାରୁ ପାଣି ପଞ୍ଚାୟତ ଗଠନ କରାଯାଇ ପ୍ରତ୍ୟେକ ଶୋଠ ଅଧୀନରେ ଥିବା ଚାଷୀଙ୍କ ମଧ୍ୟରୁ ସଭ୍ୟ ଓ ମୁଖ୍ୟ କେନାଲର ସଭ୍ୟ ନିର୍ବାଚିତ କରାଯାଇ ପାଣି ପଞ୍ଚାୟତ ଗଠନ କରାଯାଇଥିଲା। ପାଣି ପଞ୍ଚାୟତର କର୍ମକର୍ତ୍ତା ଚକର ସମସ୍ତ ଚାଷଜମିକୁ ପାଣି ଯିବା ପାଇଁ ବ୍ୟବସ୍ଥା କରୁଥିଲେ। କିନ୍ତୁ ପାଣି ପଞ୍ଚାୟତ ଗଠନର ୫ ବର୍ଷ ପରେ ଆଉ ପାଣି ପଞ୍ଚାୟତ ଗଠନ ପାଇଁ ଜଳସେଚନ ବିଭାଗ କୌଣସି ପଦକ୍ଷେପ ନେଉନାହାଁନ୍ତି। ଏବେ ସବୁ ପାଣି ପଞ୍ଚାୟତ ଭାଙ୍ଗିଯିବା ପରେ ଜଳସେଚନ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଳ ସଫା କରାଯାଉଛି। ୧୫ ବର୍ଷ ହେଲା ମୁଖ୍ୟ କେନାଲ୍‌ରେ ଖରିଫ୍ ଋତୁରେ ପାଣି ଆସି ଶାଖା ନାଳରେ ଯିବା ପରେ ର' ଠ' ଭାବେ ଠିକାଦାର ସଫା କରି ସରକାରୀ ଅର୍ଥ ବାଟମାରଣା କରିଆସୁଛନ୍ତି। ଚଳିତ ବର୍ଷ ସେହି ଉପାୟରେ ଟଙ୍କା ଆତ୍ମସାତ ହେବ ବୋଲି ଚାଷୀ ଅଭିଯୋଗ କରୁଛନ୍ତି। ଏବେ ୧୨ନଂ କେନାଲ୍ ମୁହଁ ଭାଙ୍ଗିଯାଇ ପୋତି ହୋଇ ରହିଥିବାବେଳେ ତାହାର ଅଦ୍ୟାବଧି ମରାମତି ହୋଇନାହିଁ। ଅପରପକ୍ଷରେ ଏହି କେନାଲ୍‌ର ବିଭିନ୍ନ ସ୍ଥାନରେ ପୋଲ ଓ ଗାର୍ଡୱାଲ ହୋଇଥିବାରୁ ସେଠାରେ କେନାଲ ଭିତରେ ମାଟି ଜମା ହୋଇ କେନାଲ୍ ଶଯ୍ୟା ପୋତି ହୋଇଯାଇଛି। କେତେକ ସ୍ଥାନରେ ବିଭିନ୍ନ ବର୍ଜ୍ୟବସ୍ତୁ ଗଦା ହୋଇ କେନାଲ୍ ପୋତି ହୋଇପଡ଼ିଥିବା ଦେଖିବାକୁ ମିଳୁଛି। ଏଗୁଡ଼ିକ ଖରା ସମୟରେ ସଫା କରାଯାଇନାହିଁ। ଏବେ ବର୍ଷା ଓ କେନାଲରେ ପାଣି ଆସିବା ପରେ ଏହା କିପରି ସଫା ହେବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଜଳସେଚନ ବିଭାଗର ଅଣଦେଖା ଯୋଗୁ କିଛି ବର୍ଷ ହେଲା ଚାଷୀ ଲଘୁଚାପ ବର୍ଷା ଉପରେ ନିର୍ଭର କରି ଖରିଫ ଚାଷ କରୁଛନ୍ତି। ଏଠାରେ ଜଳସେଚନ ବିଭାଗର ସ୍ଥାଣୁତା ପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

## ହୟଗ୍ରୀବ ଗୁରୁଙ୍କୁ କନିକା ଗୌରବ ସମ୍ମାନ

ରାଜକନିକା,୧୮।୭(ସମିସ): କନିକା ପ୍ରଜା ବିଦ୍ରୋହର ମହାନାୟକ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ରାଜକନିକାର ଡଃ ହୟଗ୍ରୀବ ଗୁରୁଙ୍କୁ କନିକା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବିପ୍ଳବୀ ଆନନ୍ଦ ଚନ୍ଦ୍ର



ଜେନା ସ୍ମୃତି କମିଟିର ମିଳିତ ସହଯୋଗରେ ଭୁବନେଶ୍ୱର ଗୀତଗୋବିନ୍ଦ ଭବନରେ ଆୟୋଜିତ ସମାରୋହରେ ମା' ମାଟିର ସେବାରେ ଉତ୍ସର୍ଗୀକୃତ ଯୋଗଦାନ ପାଇଁ ଡାଳିକାଏନ୍ଦା ଗ୍ରାମର ସ୍ୱର୍ଗତ ହରେକୃଷ୍ଣ ଗୁରୁ ଓ ମା' ମନୋରମା ଗୁରୁଙ୍କ ପୁତ୍ର ଡଃ ହୟଗ୍ରୀବ ଗୁରୁଙ୍କୁ ସମ୍ମାନିତ କରାଯାଇଛି। ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଉଦଘାଟକ ଭାବେ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ମୁଖ୍ୟଅତିଥି ଭାବେ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ଅତିଥି ଭାବେ ଡଃ ଦେବପ୍ରସାଦ ଦାଶ ଓ ଡଃ ଅଭୟ ଦ୍ୱିବେଦୀ, ଗବେଷକ ଡଃ ବାସୁଦେବ ଦାସ, ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ସଭାପତି ବିଚିତ୍ରାନନ୍ଦ ମହାନ୍ତି ଯୋଗଦେଇ ଡଃ ଗୁରୁଙ୍କୁ କନିକା ଗୌରବ ସମ୍ମାନ ପ୍ରଦାନ କରିଥିଲେ। କନିକାର ପ୍ରଜାକୁଳର ମୁକ୍ତି ପାଇଁ ନିଜର ପ୍ରେରଣାଦୀପ୍ତ ଲେଖନୀ ଚାଳନା ଓ ମେଳିଆ ମନୋଭାବରୁ ଦୁଃଖିନୀ କନିକା ପୁସ୍ତକ ବାଜ୍ୟାପ୍ତ ହେବା ଓ ଦେଶାନ୍ତର ଦଣ୍ଡକୁ ବରଣ କରି ବିପ୍ଳବୀ ଆନନ୍ଦ ଚନ୍ଦ୍ର ନିଜ ଜୀବନକୁ ତିଳ ତିଳ କରି ଉତ୍ସର୍ଗ କରିଥିଲେ। ସେହି କନିକା ମାଟି ଓ ଡାଳିକାଏନ୍ଦାର ସନ୍ତାନଙ୍କୁ କନିକା ଗୌରବ ସମ୍ମାନ ଅନ୍ୟ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ଡଃ ଗୁରୁ କହିଛନ୍ତି।

## ଆଲୋକ ଶିଖା ପକ୍ଷରୁ ସେବା ଶିବିର

ଗୋବିନ୍ଦପୁର,୧୮।୭(ସମିସ): ଆଲୋକ ଶିଖା ପରିବାର ପକ୍ଷରୁ ସାମାଜିକ ସେବା ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଉଦ୍‌ଘାଟନ କରିଥିଲେ। ଏହି ସେବା ଶିବିର ତିନିଦିନ ଧରି ଚାଲିବ। ଶିବିରରେ ଭକ୍ତ ଓ ସାଧାରଣ ଜନସାଧାରଣଙ୍କ ପାଇଁ ନିଃଶୁଳ୍କ ଦହିପାଣି ବଣ୍ଟନ, ପ୍ରାଥମିକ ଚିକିତ୍ସା ସେବା, ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ଜନସେବାମୂଳକ କାର୍ଯ୍ୟ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିବା ଆନ୍ତର୍ଜାତିକ ଆଲୋକ ଶିଖା ପରିବାରର ସମସ୍ତ



ପଦାଧିକାରୀ, ସ୍ୱେଚ୍ଛାସେବୀ ଓ ସଦସ୍ୟଙ୍କୁ ସଂଗଠନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୁଖଦୁଃଖର ସାଥୀ ଏହି ମୂଳମନ୍ତ୍ରକୁ ନେଇ ଆନ୍ତର୍ଜାତିକ ଆଲୋକ ଶିଖା ପରିବାର ଭବିଷ୍ୟତରେ ମଧ୍ୟ ଏଭଳି ଜନହିତକର ଓ ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଆଲୋକ ଶିଖା ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଅଧ୍ୟାପକ ରତ୍ନାକର ସେଠୀ, ଯୁଗ୍ମସଚିବ ଗୋପିନାଥ ତ୍ରିପାଠୀ, ସମ୍ପାଦକ ସୁରେଶ ବିଶ୍ୱାଳ, ରାଜ୍ୟ ସଂଯୋଜକ ବିଜ୍ଞାନ ବେଜ, ରାଜ୍ୟ ଯୁଗ୍ମ ସଂଯୋଜକ ସୁପ୍ରଭା ମହାରଣା, ଯୁଗ୍ମ ନିର୍ଦ୍ଦେଶିକା ଅମିତାରାଣୀ ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶିକା ସୋଦାମିନ ମଲ୍ଲିକ, ଜିଲ୍ଲା ପ୍ରୋଗ୍ରାମ ଅଫିସର ବିପ୍ଳବ ପଣ୍ଡା, ଯାଜପୁର ଜିଲ୍ଲା ସଂଯୋଜକ ଗୌରବ ଶୁଭ କେତନ ରଥ, ରାଜ୍ୟ ପର୍ଯ୍ୟବେକ୍ଷକ ବଳରାମ ନାୟକ, ରାଜ୍ୟ ପୋଗ୍ରାମ ଅଫିସର ଶୁଭମ୍ ସାହୁ, ମିଡ଼ିଆ ସଂଯୋଜକ ମହେଶ୍ୱର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶୈଳେନ୍ଦ୍ର ନାରାୟଣ ବିଦ୍ୟାଳୟର ପରିଚାଳନା କମିଟି ଗଠିତ





ରାଜନଗର,୧୮।୭(ସମିସ): ରାଜନଗର ବ୍ଲକ ସଦର ମହକୁମାର ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟି ଗଠନ କରାଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଭୋଟିଂ କରାଯାଇ ସଭାପତି ଭାବେ ସୋମନାଥ ବାରିକ ବିଜୟ ହୋଇ ସଭାପତି ମନୋନୀତ ହୋଇଥିଲେ। ପରେ ଉପସଭାପତି ଭାବେ ଲକ୍ଷ୍ମୀପ୍ରିୟା ରାଉତ ଓ ପରିଚାଳନା କମିଟି ସଦସ୍ୟ ଭାବେ ଶରତ ଚନ୍ଦ୍ର ମଲିକ, ଅଞ୍ଜନ ସାହୁ, ହେମନ୍ତ ସେଠୀ, ଶଶୀରେଖା ସେଠୀ, ସାଜନ ସେଠୀ, ପୂର୍ଣ୍ଣିମା ସାହୁ, ସୁମିତ୍ରା ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବୈଠକରେ ଅଭିଭାବକ ଉପସ୍ଥିତ ଥିବାବେଳେ କାର୍ଯ୍ୟକ୍ରମକୁ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

● କୃଷି ଓ ଆନୁଷଙ୍ଗିକ ସରକାରୀ ଯୋଜନା ସମ୍ପର୍କରେ ସଚେତନତା

## ଜନଅଭିଯୋଗ ଶୁଣାଣିରେ ସ୍ଥାପନ ହେବ ସହାୟତା କେନ୍ଦ୍ର

କେନ୍ଦ୍ରାପଡ଼ା,୧୮।୭(ସମିସ): କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଜନସାଧାରଣ, ବିଶେଷକରି କୃଷକଙ୍କୁ ସଚେତନ କରିବା ଓ ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାର ସୁଫଳ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତି ସୋମବାର ଆୟୋଜିତ ଜନଅଭିଯୋଗ ଶୁଣାଣି ଶିବିରରେ ସ୍ୱତନ୍ତ୍ର ସହାୟତା କେନ୍ଦ୍ର (ହେଲ୍ପ ଡେସ୍କ) ସ୍ଥାପନ କରାଯିବ। ଏ ନେଇ ଜିଲ୍ଲାପାଳ ରଘୁରାମ ଆର୍.ଆୟର ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ ବିଭାଗ ଅଧୀନରେ କାର୍ଯ୍ୟକାରୀ ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀଙ୍କ ଆବେଦନ ସଂଖ୍ୟା ଆଶାନୁରୂପ ନ ଥିବା ଲକ୍ଷ୍ୟ କରାଯାଇଥିଲା। ଫଳରେ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଯୋଜନାର ସଠିକ୍ ସୂଚନା ପହଞ୍ଚାଇ ସେମାନଙ୍କୁ ସରକାରୀ ସହାୟତାର ପରିସରଭୁକ୍ତ କରିବା ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥଳରେ ସ୍ଥାପିତ ହେବାକୁ ଥିବା ଏହି ସହାୟତା କେନ୍ଦ୍ରରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀଙ୍କ ସହ ବ୍ୟାଙ୍କ ପ୍ରତିନିଧି ଉପସ୍ଥିତ ରହିବେ। ସେମାନେ ଆଗ୍ରହୀ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାର ଯୋଗ୍ୟତା, ପଞ୍ଜୀକରଣ ଓ ଆବେଦନ ପ୍ରକ୍ରିୟା, ଆର୍ଥିକ ସହାୟତାର ବିବରଣୀ, ଯୋଜନାର ସୁବିଧା ସମ୍ପର୍କରେ ଆବଶ୍ୟକ ମାର୍ଗଦର୍ଶନ ଓ ପରାମର୍ଶ ପ୍ରଦାନ କରିବେ। ଜିଲ୍ଲାପାଳ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ଶୁଣାଣି ସ୍ଥଳରେ ସହାୟତା କେନ୍ଦ୍ର ସ୍ଥାପନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସହ ପଞ୍ଚାୟତ ସ୍ତରରେ ଏହି ବ୍ୟବସ୍ଥା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଅଧିକରୁ ଅଧିକ କୃଷକ ଓ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀ ଜନଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ସରକାରୀ ଯୋଜନା ସମ୍ପର୍କରେ ସଠିକ୍ ସୂଚନା ହାସଲ କରିପାରିବେ।

### ଲଗାଣ ବର୍ଷାରେ ପଚିଲା ଧାନ ତଳି

## ପୁଣି ଚାଷ ଆରମ୍ଭ କରିବାକୁ ଚିନ୍ତାରେ ଚାଷୀ



ମହାକାଳପଡ଼ା, ୧୮।୭ (ସମିସ): ଲଗାଣ ବର୍ଷା ମହାକାଳପଡ଼ା ଅଞ୍ଚଳର ଚାଷୀଙ୍କ ଆଶା ଉପରେ ପାଣି ପକାଇଦେଇଛି। ବହୁ କଷ୍ଟ ଓ ଆର୍ଥିକ ବୋଝ ବହନ କରି ବିଲରେ ପକାଇଥିବା ଧାନ ତଳି ପାଣିରେ ବୁଡ଼ି ରହିବାରୁ ପଚିଯାଇଛି। ଫଳରେ ଚାଷୀଙ୍କ ଟଙ୍କା, ପରିଶ୍ରମ ଓ ସମୟ ସବୁ ପାଣିରେ ମିଶିଯାଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଗତ କିଛିଦିନ ଧରି ଲଗାତର ବର୍ଷା ଯୋଗୁଁ ଅଞ୍ଚଳର ଅଧିକାଂଶ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଅନେକ ଚାଷୀ ଋଣ କରି ସାର, ବିହନ, କୀଟନାଶକ ଓ ଶ୍ରମିକ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ କରି ତଳି ପକାଇଥିଲେ। କିନ୍ତୁ ଅଦିନିଆ ଲଗାଣ ବର୍ଷା ସେମାନଙ୍କ ସମସ୍ତ ପରିଶ୍ରମକୁ ବ୍ୟର୍ଥ କରିଦେଇଛି। ବିଲରେ ଜମି ରହିଥିବା ପାଣି ନିଷ୍କାସନ ହୋଇ ନ ଥିବାରୁ ତଳି ପଚି ନଷ୍ଟ ହେବା ଆରମ୍ଭ କରିଛି। ଏବେ ପୁଣି ନୂଆ କରି ତଳି ପକାଇବା ପାଇଁ ଆବଶ୍ୟକ ଅର୍ଥ କେଉଁଠୁ ଆସିବ, ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ଗୋଟିଏ ପଟେ ପରିବାର ପ୍ରତିପୋଷଣର ଚିନ୍ତା, ଅନ୍ୟପଟେ ବ୍ୟାଙ୍କ ଓ ମହାଜନଙ୍କ ଋଣ ପରିଶୋଧର ଚାପ ସେମାନଙ୍କୁ ଅସହାୟ କରିପକାଇଛି। ବିଲରେ ନଷ୍ଟ ହୋଇଥିବା ତଳିକୁ ଦେଖି ଅନେକ ଚାଷୀ ଭାଙ୍ଗିପଡ଼ିଥିବା ଦେଖିବାକୁ ମିଳୁଛି। ଚାଷୀ ସରକାରଙ୍କ ନିକଟରେ ତୁରନ୍ତ କ୍ଷୟକ୍ଷତିର ସର୍ଭେ କରାଯାଇ କ୍ଷତିପୂରଣ, ମାଗଣା ବିହନ ଓ ଆବଶ୍ୟକ କୃଷି ସହାୟତା ଯୋଗାଇବାକୁ ଦାବି କରିଛନ୍ତି।

## ଭେଣ୍ଡିଂ ଜୋନ୍ ନିର୍ମାଣରେ ହାଇକୋର୍ଟଙ୍କ ଅନ୍ତରୀଣ ଅଙ୍କୁଶ

କଟକ,୧୮।୭(ସମିସ): ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ କ୍ରୀଡା ପାଇଁ ହକଦାର। ସ୍କୁଲ କୋଠା ସହିତ ସଂଲଗ୍ନ ଖେଳ ପଡିଆର ବ୍ୟବହାର ଓ ଏହାର ଆନନ୍ଦ ନେବାରୁ ଛାତ୍ରଛାତ୍ରୀଙ୍କୁ ସରକାର ବଞ୍ଚିତ କରିବା ଅସମ୍ଭବ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁରଠାରେ ଥିବା ବାଲିଆ ହାଇସ୍କୁଲ ଓ ଏମଇ ସ୍କୁଲ ନାମରେ ଥିବା ଜମିରେ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ସ୍କୁଲ ନାମରେ ଥିବା ପ୍ଲଟ ଉପରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ମଦନ ମୋହନ ବେହେରା ଓ ୬ ଜଣଙ୍କ ତରଫରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି

**ସ୍କୁଲ ସଂଲଗ୍ନ ଖେଳ ପଡ଼ିଆରୁ ଛାତ୍ରଛାତ୍ରୀଙ୍କୁ ବଞ୍ଚିତ କରିବା ଅସମ୍ଭବ**

ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜୁଲାଇ ୨୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଭାଗତପୁର ମୌଜାରେ ବାଲିଆ ହାଇସ୍କୁଲ ନାମରେ ପଟ୍ଟା ଥିବା ଜମିରେ ବେଆଇନ ଭାବେ ଭେଣ୍ଡିଂ ଜୋନ ବା ଦୈନିକ ହାଟ ନିର୍ମାଣ କରାଯାଉଥିବା ଅଭିଯୋଗ ନେଇ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ସ୍କୁଲ ଜମିରେ ଏପରି ନିର୍ମାଣ ଦ୍ୱାରା ଶିକ୍ଷା ଗ୍ରହଣ ପରିବେଶ ନଷ୍ଟ ହେବ ଓ ଖେଳ ପଡିଆ ସୁବିଧା ପିଲାମାନେ ପାଇ ପାରିବେ ନାହିଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଭବାନୀ ଶଙ୍କର ଦାସ ମାମଲା ପରିଚାଳନା କରୁଥିବା ବେଳେ ଜ୍ଞାନରଞ୍ଜନ ନାୟକ ସହାୟତା କରୁଛନ୍ତି।

## ଚିତ୍ତରଞ୍ଜନ ଦାସ କେନ୍ଦ୍ରାପଡ଼ା କଲେଜ ଅଧ୍ୟକ୍ଷ ନିଯୁକ୍ତ

କେନ୍ଦ୍ରାପଡ଼ା,୧୮।୭(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ କଟକ ଜିଲ୍ଲା କୁଆଁପାଳସ୍ଥ ଜବାହରଲାଲ ନେହେରୁ ଡିଗ୍ରୀ କଲେଜ ରସାୟନ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗ ନିଯୁକ୍ତି ପ୍ରଦାନ କରିଛି। ଏଠାରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନାଙ୍କୁ ଭଦ୍ରକ ଜିଲ୍ଲା ଅଗରପଡା ଡିଗ୍ରୀ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି। ଏତଦ୍‌ବ୍ୟତୀତ ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ଗୌରପ୍ରସାଦ ଷଡଙ୍ଗୀଙ୍କୁ ପଟ୍ଟାମୁଣ୍ଡାଇ ଡିଗ୍ରୀ କଲେଜ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ଏଥିସହ କେନ୍ଦ୍ରାପଡା କଲେଜ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ରଞ୍ଜିତ କୁମାର ଦାସଙ୍କୁ ମହାକାଳପଡାର ବାୟାବାବା ଡିଗ୍ରୀ କଲେଜର ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି।

## ଚୋରାମଦ ଜବତ, ୬ ଗିରଫ

କେନ୍ଦ୍ରାପଡ଼ା,୧୮।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ଜମ୍ବୁ ମେରାଇନ ଓ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ଜଗଦୀଶପୁର ଗ୍ରାମର ସରୋଜ ସାମଲଙ୍କଠାରୁ ୩୨ ଲିଟର ବିଦେଶୀ ମଦ, ନାଗପଟଣା ଗ୍ରାମର ଶଶୀକାନ୍ତ ମଲିକଙ୍କଠାରୁ ୨୯ ଲିଟର ବିଦେଶୀ ମଦ, ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁଙ୍କଠାରୁ ୧୫ ଲିଟର ଦେଶୀ ମଦ, ପ୍ରଭାକରପୁର ଗ୍ରାମର ପୁନୀ ରାଉତଙ୍କଠାରୁ ୧୮ ଲିଟର ବିଦେଶୀ ମଦ, ଝିଲି ଖିଲରଙ୍କ ନିକଟରୁ ୨୦ ଲିଟର ଦେଶୀ ରନ୍ଧା ମଦ ଓ ଦୀନବନ୍ଧୁ ରାଉତଙ୍କଠାରୁ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରଞ୍ଜନ ପାତ୍ର, ଅବକାରୀ ବିଭାଗର ଅନ୍ୟ କର୍ମଚାରୀ ସାମିଲ ଥିଲେ।

## ରଥଯାତ୍ରାରେ ଆରଏସ୍‌ଏସ୍ ପକ୍ଷରୁ ସେବା କାର୍ଯ୍ୟ

ପଟ୍ଟାମୁଣ୍ଡାଇ,୧୮।୭(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପାଳପାଟଣା ଗ୍ରାମରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ପାବନ କ୍ଷେତ୍ର ଭାବେ ପରିଚିତ ପାଳପାଟଣା ଗ୍ରାମର ଜଗନ୍ନାଥ ମନ୍ଦିରରେ ଏ ବର୍ଷ ପ୍ରଥମ ଥର ପାଇଁ ରଥଯାତ୍ରା ଆରମ୍ଭ ହୋଇଛି। ଗୁଣ୍ଡିଚା ଦିନ ଅପରାହ୍ନରେ ମହାପ୍ରଭୁ ଜଗନ୍ନାଥ ରଥାରୁଢ଼ ହେବାପରେ ମନ୍ଦିର ପରିସରରେ ଭକ୍ତ ରଥ ଟାଣିଥିଲେ। ରଥଯାତ୍ରା ଅବସରରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟ ରଖି ପଟ୍ଟାମୁଣ୍ଡାଇ ଖଣ୍ଡର ଶାସନ ମଣ୍ଡଳ ଶ୍ରୀରାମପୁର ଶାଖା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା। ସ୍ୱୟଂସେବକ ଭକ୍ତଙ୍କୁ ଜଳ ସେବା ସହିତ ଆଶୁ ଚିକିତ୍ସା ସେବା ଯୋଗାଇ ଦେଇଥିଲେ। ଶାଖା ମୁଖ୍ୟ ଶିକ୍ଷକ ଦୀପକ ମାନଧାତାଙ୍କ ପରିଚାଳନାରେ ଦେବାଶିଷ ମାନଧାତା, ସୋମନାଥ ରାଉତ, ଶୁଭେନ୍ଦୁ ରାଉତ, ଅଭୟ ମାନଧାତା, ନିଶିକାନ୍ତ ରାଉତ, ରୋମୁ ରାଉତ, ଶୁଭମ ମାନଧାତା ପ୍ରମୁଖ ସେବା ଯୋଗାଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



ଗରଦପୁର, ୧୮।୭(ସମିସ): ନଡିଆବରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଅର୍ଜୁନୀ ଚରଣ ସାହୁଙ୍କ ଆଜି ତାଙ୍କ ବାସଭବନ କଉଡିଆବରାଇଠାରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ଜଣେ ଅମାୟିକ, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ପୁତ୍ରରା ଜୟନ୍ତ ସାହୁ ମୁଖାଗ୍ନି ଦେଇଥିଲେ। ବରିଷ୍ଠ ନେତା ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ସରପଞ୍ଚ ସନ୍ତୋଷ ମାହାଳୀ, ସରପଞ୍ଚ ନିର୍ମଳା ନାୟକ, ସମିତି ସଭ୍ୟା ସୁମିତ୍ରା ପଣ୍ଡା, ସାମ୍ବାଦିକ ଦୀପ୍ତିରଞ୍ଜନ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ନଡ଼ିଆ ଗଛ ପଡ଼ି ଭାଙ୍ଗିଲା ଘର



ପଞ୍ଚୁପାଣ୍ଡବ,୧୮।୭(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଅଜୟ କୁମାର ନାୟକଙ୍କ ଚାଳ ଘର ଉପରେ ନଡ଼ିଆ ଗଛ ପଡ଼ି ଭାଙ୍ଗିଯାଇଛି। ଗୁରୁବାର ଦିନ ଲଗାଣ ବର୍ଷା ସହ ପବନ ହୋଇଥିବାବେଳେ ଘର ପରିସରରେ ଥିବା ନଡ଼ିଆ ଗଛଟି ଉପୁଡ଼ି ପଡ଼ି ଘର ଉପରେ ପଡ଼ିଥିଲା। ଗଛ ପଡ଼ିବା ସମୟରେ ଅଜୟ କୌଣସି କାମରେ ଯାଇଥିବାବେଳେ ବଡ଼ ଅଘଟଣରୁ ବର୍ତ୍ତିଯାଇଥିଲେ ମଧ୍ୟ ଅନ୍ୟ ବଖରାରେ ଥିବା ଗାଇ ବାଛୁରୀ ଆହାତ ହୋଇଥିବା ଅଭିଯୋଗ ହେଉଛି। ଦୁଇ ବଖରା ଚାଳ ଘର ମଧ୍ୟରେ ନିଜେ ଏକ ବଖରାରେ ରହନ୍ତି ଓ ଅନ୍ୟ ଏକ ବଖରାରେ ଗୋରୁଗାଈ ରୁହନ୍ତି। ଅଜୟଙ୍କୁ ସରକାରୀ ଗୃହ ମିଳି ନ ଥିବାରୁ ସେ ଏ ପର୍ଯ୍ୟନ୍ତ ଚାଳ ଛପର ଘରେ ରହୁଥିବା ଅଞ୍ଚଳବାସୀ କହିଛନ୍ତି। ଏ ଖବର ପାଇ ରାଜନଗର ଆର୍‌ଆଇ ସାରଦା ପ୍ରସାଦ ପ୍ରଧାନ ପହଞ୍ଚି ତଦନ୍ତ କରିଛନ୍ତି ଓ ଅଜୟଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତର ପିଇଓ ଗୋବିନ୍ଦ ସାହୁଙ୍କୁ ପଚାରିବାରୁ ଅଜୟ ଯୋଗ୍ୟ ହିତାଧିକାରୀ ଥିଲେ ସରକାରୀ ଆବାସ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଜୟନ୍ତୀରେ ରକ୍ତଦାନ ଶିବିର



ପଟ୍ଟାମୁଣ୍ଡାଇ,୧୮।୭(ସମିସ): ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ୬୭ତମ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୧୦ ତାରିଖରେ ଏକ ମେଗା ରକ୍ତଦାନ ଶିବର ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ ବେଲତଳସ୍ଥ ହରିହରାନନ୍ଦ ଧ୍ୟାନ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଦିତ୍ୟନାଥ ଗିରି, ସ୍ୱାମୀ ବ୍ରଜେଶାନନ୍ଦ ଗିରି, ସ୍ୱାମୀ ଧ୍ୟାନ ନିତ୍ୟାନନ୍ଦ ଗିରି, ବାବା ଗୋପିନାଥ କର, ବାବା ବ୍ରଜକିଶୋର ପଣ୍ଡା, ବାବା ଅଭିମନ୍ୟୁ ପଡିହାରୀ, ଗୋପୀନାଥ ତ୍ରିପାଠୀ, ପ୍ରମୋଦ ସାହୁଙ୍କ ସମେତ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ବହୁ ଶିଷ୍ୟ ଯୋଗ ଦେଇଥିଲେ। ରକ୍ତଦାନ ଶିବିର ଅଗଷ୍ଟ ୧୦ ତାରିଖ ସକାଳ ୯ଟାରୁ ଅପରାହ୍ନ ୨. ୩୦ ମିନିଟ ପର୍ଯ୍ୟନ୍ତ ଚାଲୁ ରହିବ। ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ବ୍ୟାପକ ପ୍ରଚାର ପ୍ରସାର କରାଯିବାକୁ ବୈଠକରେ ସ୍ଥିର ହୋଇଥିବାବେଳେ ବାବା ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

### ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

## ଅସ୍ତ୍ରୋପଚାର ପରେ ମହିଳାଙ୍କୁ ତଳେ ଗଡ଼ାଦେଲେ

ରାଜକନିକା,୧୮।୭(ସମିସ)



ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ମହିଳାଙ୍କୁ ତଳେ ଗଡ଼ାଇଦେଲେ। ଡ୍ରେସିଂ ରୁମରେ ଅନ୍ଧାରରେ ଚାଲିଛି ଚିକିତ୍ସା। ରୋଗୀ ଓ ସାଧାରଣ ଲୋକଙ୍କ ପାଇଁ ଥିବା ଶୌଚାଳୟରେ ଆଲୁଅ ନାହିଁ। ଏଭଳି ଏକ ବିକଳ ଚିତ୍ର ଆଜି ସନ୍ଧ୍ୟାରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଖବର ସଂଗ୍ରହ କରିବାକୁ ଯିବା ବେଳେ ମେଡିକାଲ ବାରଣ୍ଡାରେ ଗଡୁଥିଲେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ହୋଇଥିବା ମହିଳା। ସେହିପର ଡ୍ରେସିଂରୁମରେ ଆଲୁଅ ଥାଇ ଅଳ୍ପ ଆଲୁଅରେ କାମଚଳା ଭାବେ ରୋଗୀଙ୍କ ଚିକିତ୍ସା ଚାଲିଥିଲା। ଏ ସମ୍ପର୍କରେ ମେଡିକାଲ ଅଫିସର ଡାକ୍ତର ବାଦଲ ମହାନ୍ତିଙ୍କୁ ପଚାରିବାରୁ ସେ ଅତମତ ହୋଇ ଆମର ବେଡ୍ ନାହିଁ, କ'ଣ କରିବୁ। ଆଡଜଷ୍ଟ କରି କାମ ଚଳାଉଛୁ। କାଲିଠୁ ମେଡିକାଲରେ ବିଜୁଳି ସମସ୍ୟା ଦେଖାଦେଇଛି। ଆଜି ତାକୁ ସଜଡ଼ାଯାଉଛି ବୋଲି କହିଥିଲେ। ତେବେ ଏ ପ୍ରକାର ସଫେଇରେ ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ କେହି ସନ୍ତୁଷ୍ଟ ନ ଥିବାବେଳେ କୋଠସାହିର ଜଣେ ଯୁବକ ତାଙ୍କୁ ମୋବାଇଲ

**ଡ୍ରେସିଂରୁମ ଓ ଶୌଚାଳୟର ନାହିଁ ଆଲୋକ ବ୍ୟବସ୍ଥା**

ଲାଇଟରେ ଇଞ୍ଜେକ୍ସନ ଦିଆଯାଇଥିବା କହିଛନ୍ତି। ଅବ୍ୟବସ୍ଥା ଓ ଅନିୟମିତତାର ସୀମା ଟପିଛି ରାଜକନିକା ମେଡିକାଲ। ସବୁବେଳେ ନାନା ସମସ୍ୟା ଲାଗି ରହିଥିବାବେଳେ ଏହାର ସଠିକ ପରିଚାଳନା କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ରାଜକନିକା ବ୍ଲକର ୨୯ ପଞ୍ଚାୟତର ଲକ୍ଷ ଲକ୍ଷ ଲୋକଙ୍କ ଭରସାର କେନ୍ଦ୍ର ଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କେବଳ କାଗଜ କଲମରେ ନିଜର ସ୍ଥିତି ଜାହିର କରିଆସୁଥିବା ସହ ରେକର୍ଡ ପତ୍ରରେ ଗୋଲାପୀ ଚିତ୍ର ଦେଇ ବିକାଶର ନାରା ବଜାୟ ରଖିଛି। ଆଜି ଏହି ଅସ୍ତ୍ରୋପଚାର ପାଇଁ ୩୦ରୁ ଅଧିକ ମହିଳାଙ୍କୁ ସେମାନଙ୍କର ଆଶା ଦିଦି ଡକାଇ ଆଣିଥିଲେ। ଅସ୍ତ୍ରୋପଚାର ପରେ ସେମାନଙ୍କୁ ମହିଳା ୱାର୍ଡ ତଳେ ଶୁଆଇ ଦେଇଥିଲେ। ସେଠାରେ ପଙ୍ଖା ଚାଲୁ ନ ଥିବାରୁ ପରେ ସେମାନଙ୍କୁ ଆଣି ବାରଣ୍ଡାରେ ଶୁଆଇ ଦେଇଥିଲେ। କ୍ରମାଗତ ଅବହେଳାକୁ ଦୃଷ୍ଟି ଦେଇ ଜିଲ୍ଲାପାଳ ଓ ସିଡିଏମଓ ଏହାର ପ୍ରତିକାର କରିବାକୁ ଦାବି ହୋଇଛି।

# ଲଗାମ୍





ପଦ୍ମାଳୟା ସାମଲ

ସେଦିନ ଥାଏ ରବିବାର। ପପୁନିର ଏକା ଜିଦ୍ ବାପାଙ୍କ ସହ ଘର ପାଖ ପଡ଼ିଆକୁ କ୍ରିକେଟ ଖେଳିବାକୁ ଯିବ ଯେମିତି ସେ ସ୍କୁଲରେ ପଢ଼ିବା ସମୟରେ ବାପାଙ୍କ ସହିତ ଖେଳିବାକୁ ଯାଉଥିଲା। ଚାକିରି ଫେରନ୍ତା ପୁଅକୁ ମନା କରିପାରୁ ନଥାନ୍ତି ରାଜୀବ ବାବୁ। ବାପ ପୁଅଙ୍କର କଥୋପକଥନ ଶୁଣି ପାଖ ଘରୁ ଚାଲିଆସିଲେ ସୌଦାମିନୀ। ରାଜୀବ ବାବୁଙ୍କୁ ଇଙ୍ଗିତ କରି କହିଲେ, "ହଇଟି! ଏତେ ଦିନେ ପୁଅ ଘରକୁ ଫେରିଛି। ମନ କରିଛି ଯଦି କ୍ରିକେଟ ଖେଳିବାକୁ, ତାକୁ ଟିକେ ନେଇ ଖେଳେଇ ଆଣିଲେ କ'ଣ ଅସୁବିଧା ହେଇଯିବ ତୁମର?" ଥତମତ ହୋଇ ରାଜୀବ ବାବୁ କହିଲେ, "ହଉ! କହୁଛ ଯଦି ଉପରବେଳା ଆମେ ସାଙ୍ଗ ହୋଇ ଯିବୁ।" ବୟସ ହେଲାଣି। ରାଜୀବ ବାବୁଙ୍କର ଭିତରୁ ଇଚ୍ଛା ନଥିଲେ ବି ମାଆ ପୁଅଙ୍କ କଥାକୁ ଟାଳି ପାରିଲେ ନାହିଁ।

କାଲି ଭଳି ଲାଗୁଛି ରାଜୀବଙ୍କୁ। ପୁଅ ବାବୁନି ସେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥାଏ। ଦିନେ ଆସି କାନ୍ଦି କାନ୍ଦି କହିଲା, "ବାବା! ମୋ ସାଙ୍ଗମାନେ ମତେ ତାଙ୍କ ସାଙ୍ଗରେ ଖେଳାଉ ନାହାନ୍ତି। ସେମାନେ ପରସ୍ପର ଭିତରେ ଖରାପ ଭାଷାରେ କଥା ହେଉଥିଲେ। ମୁଁ ସେମାନଙ୍କୁ ଗାଳି କରିବାରୁ ସେମାନେ ମତେ ତାଙ୍କ ସହିତ ଖେଳିବାକୁ ସଫା ସଫା ମନା କରିଦେଲେ। ମୁଁ ଏବେ କାହା ସହିତ କ୍ରିକେଟ ଖେଳିବି କୁହ ତମେ।" ତତକ୍ଷଣାତ୍ ରାଜୀବ ବାବୁ ପୁଅକୁ ବୁଝେଇ କହିଲେ, "ସେମାନେ ତତେ ସେମାନଙ୍କ ସହିତ ନ ଖେଳେଇଲେ କଣ ହେଲା, ମୁଁ ତ ଅଛି ନା! ଅଫିସ୍‌ରୁ ଫେରିଲେ ଆମେ ଦୁଇଜଣ ସାଙ୍ଗ ହୋଇ କ୍ରିକେଟ ଖେଳିବା। ତା' ପୂର୍ବରୁ ତୋର ସ୍କୁଲର ହୋମୱାର୍କ ସାରିଦେଇଥିବୁ।" ସେଦିନ ବାବୁନି ବାପାଙ୍କର କଥା ଶୁଣି ଖୁସିରେ ନାଚି ଯାଇଥିଲା। ତା' ପରଠାରୁ ବାପ ପୁଅ ଦୁହେଁ ନିୟମିତ ଖେଳିବାକୁ ଯାଉଥିଲେ ବାବୁନି କଲେଜରେ ପଢ଼ିବା ପର୍ଯ୍ୟନ୍ତ। ସମସ୍ତଙ୍କ ଜୀବନରେ ଏମିତି କିଛି ମିଠା ସ୍ମୃତି ଥାଏ ଯେତେବେଳେ ମନେ ପଡ଼ିଲେ ବି ମନଟା ଖୁସିରେ ତଲ୍ଲୀନ ହୋଇଯାଏ।

ବେଙ୍ଗାଲୁରୁରେ ଆଇ. ଟି. କମ୍ପାନୀରେ ଚାକିରି କରୁଥିବା ପୁଅ ଘରକୁ ଆସିଲେ କେତେ କଣ ରାନ୍ଧି ଖାଇବାକୁ ଦିଅନ୍ତି ସୌଦାମିନୀ। ଚା' ଧରି ରୁମ୍ ଭିତରକୁ ପଶିଗଲା ବେଳକୁ ବାବୁନି ଡ୍ରେସ୍ ପିନ୍ଧି ରେଡି ହୋଇ ଯାଇଥିଲା। ମାଆଙ୍କ ହାତରୁ ଚା' କପଟି ଧରି ଚୁମୁକ ଦେଉ ଦେଉ ସୌଦାମିନୀଙ୍କୁ କହିଲା, "ମାମା! ବାବାଙ୍କୁ କୁହ ମୁଁ କାନଭାସ୍ ପିନ୍ଧିଲା ଭିତରେ ଚା' ପିଇ ଜଲଦି ରେଡି ହୋଇଯିବେ। ବାବାଙ୍କୁ କହିବ ମୁଁ ଆଣିଥିବା ସ୍ପୋର୍ଟସ୍ ସୁ ଆଉ ଟି ସାର୍ଟ ପିନ୍ଧିବେ। ବହୁତ ଦିନ ପରେ ଆମେ ଆଜି କ୍ରିକେଟ ଖେଳିବୁ।" ସୌଦାମିନୀ ପାଖ କୋଠରିକୁ ଯାଇ ରାଜୀବଙ୍କୁ ଜଣେଇଦେଲେ। କିଛି ସମୟ ଭିତରେ ବାପ ପୁଅ ବ୍ୟାଟ୍ ବଲ୍ ଧରି ଘରୁ ବାହାରିଗଲେ। ଝରକା ଫାଙ୍କାରୁ ଏ ଦୃଶ୍ୟ ଦେଖି ଅନ୍ତର ଭିତରୁ ଖୁସିହେଲେ ସୌଦାମିନୀ।

ପଡ଼ିଆରେ ବାପ ପୁଅ ଦୁହେଁ କ୍ରିକେଟ ଖେଳରେ ମଜି ଯାଇଥାଆନ୍ତି। ପାଖାପାଖି ତିରିଶ ମିନିଟ୍ ଖେଳି ସରିବା ବେଳକୁ ହଠାତ୍ ହାତରେ ବଲ୍ ଧରି ଘାସ ଉପରେ ଚେତା ହରାଇ ଟଳିପଡ଼ିଲେ ରାଜୀବ। ବାବୁନି ଏ ଦୃଶ୍ୟ ଦେଖି ପାଖରେ ଥିବା ବାଇକ୍ ପାଖକୁ ଦୌଡ଼ି ଯାଇ ଡିକିରେ ଥିବା ପାଣି ବୋତଲ ଆଣି ବାବାଙ୍କ ମୁହଁରେ କିଛି ପାଣି ଛିଞ୍ଚି ଦେଲା। ସେତେବେଳକୁ ରାଜୀବଙ୍କର ଚେତା ନଥିଲା। ପାଣି ଛିଞ୍ଚିଲା ପରେ ବି ତାଙ୍କର ଚେତା ଫେରିଲା ନାହିଁ। ବାବୁନି ବାବାଙ୍କର ଏ ଅବସ୍ଥା ଦେଖି ବିଚଳିତ ହୋଇ ମାମାଙ୍କୁ ଫୋନ୍ କଲା। ସୌଦାମିନୀଙ୍କ କହିବା ଅନୁସାରେ ବାବୁନି ଟ୍ୟାକ୍ସି ଭଡ଼ା କରି ରାଜୀବକୁ ନେଇ ପାଖ ଡାକ୍ତରଖାନାର ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରିଦେଲା। ସେତେବେଳକୁ ସେଠାରେ ସୌଦାମିନୀ ଆସି ପହଞ୍ଚି ସାରିଥାଆନ୍ତି। ରାଜୀବଙ୍କ ଅବସ୍ଥା ଦେଖି ଡାକ୍ତର ତୁରନ୍ତ ସାଲାଇନ ଚଲେଇଦେଲେ ଏବଂ ଚେତା ଫେରିବା ପର୍ଯ୍ୟନ୍ତ ମାଆ ପୁଅଙ୍କୁ ଭୟଭୀତ ନହୋଇ ଜଗି ରହିବାକୁ ପରାମର୍ଶ ଦେଲେ।

ଘଟଣା ସମ୍ପର୍କରେ ମାମାଙ୍କୁ କହି ନିଜକୁ ଦୋଷୀ ମନେକରି ମନ କଷ୍ଟ କରୁଥାଏ ବାବୁନି। ଠିକ୍ ଏତିକିବେଳେ ରାଜୀବ ଆଖି ଖୋଲି ଚାହିଁଲେ। ଆଖିରୁ ଲୁହ ପୋଛିବାକୁ ସୌଦାମିନୀଙ୍କୁ ଠାରି କହିଲେ। ରାଜୀବଙ୍କ ପାଖକୁ ଲାଗିଯାଇ କପାଳକୁ ଖୁସିରେ ଆଉଁଷି ଦେଲା ବାବୁନି। ବାବାଙ୍କ ଚେତା ଫେରି ଆସିଥିବାରୁ ଖୁସିରେ ବାବୁନି ଆଖିରୁ ଗାଲ ଉପର ଦେଇ ଦୁଇଧାର ଲୁହ ଗାଡ଼ି ଆସିଲା। ବାବୁନିର ହାତକୁ ଗୋଟିଏ ହାତରେ ଜାବୁଡ଼ି ଧରି ରାଜୀବ କହିଲେ, "ଧନରେ! ଆଦୌ ମନ କଷ୍ଟ କରନା। ଯାହା ହେବା କଥା ହେଇଗଲାଣି। ଆମର ବଳ ବୟସ ଗଲାଣି। ଏଣିକି ଜଗି ରଖି ଚଳିବା କଥା। ମନରେ ସାହସ ଥିଲେ କ'ଣ ହେବ ଶରୀର ସାଥି ଦେଲେ ତ! ତୁ ଭାବୁଥିବା ପଚିଶ ବର୍ଷ ତଳର ବାବା ହୋଇ ଆଉ ନାହିଁ ମୁଁ। ମୋର ଗୋଟିଏ ବାକ୍ୟ ସବୁବେଳେ ମନେ ରଖିଥିବୁ - ଯୁବକ ଅବସ୍ଥାରେ ମନକୁ ଏବଂ ବାର୍ଦ୍ଧକ୍ୟ ଅବସ୍ଥାରେ ଶରୀରକୁ ଲଗାମ୍ ଦେଲେ ଜୀବନ ଆମର ହସ ଖୁସିରେ କଟିଥାଏ।"

ଅତି ପାଖରେ ବସି ବାବାଙ୍କ କହିବା କଥାକୁ ମର୍ମେ ମର୍ମେ ଅନୁଭବ କରୁଥିଲା ଛବିଶି ବର୍ଷର ପୁଅ ବାବୁନି। ଆଉ ଲୁଗା କାନିରେ ଆଖିରୁ ଲୁହ ପୋଛି ନିରବରେ ମୁଣ୍ଡ ଟୁଙ୍ଗାରି ରାଜୀବଙ୍କ କଥାକୁ ସମର୍ଥନ ଜଣାଉଥିଲେ ସୌଦାମିନୀ। ■


ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨


# ଆସ

ଫନୀ ମହାନ୍ତି



ତମେ ଆସ
ଧାରା ଶ୍ରାବଣ ପରି
ହେ ମୋର ପ୍ରିୟ ମହିମମୟ
ଭଦ୍ର ଅତିଥି!

ଭ୍ରୂ- ଭଙ୍ଗୀରେ ପ୍ରଳୟର ଘନଘଟା ରଚି
ପ୍ରଖର ପଦପାତରେ ଝଡ଼ର ଝଙ୍କାର
ତୋଳି, ତାଣ୍ଡବ ନୃତ୍ୟରେ ପୃଥ୍ୱୀ
ଦୁଲୁକାଇ, ଅନ୍ଧକାରର ମୃଗମଦରେ
ବାଟହୁଡ଼ି, ପୁରୁଷକାରର
ଦୀପ୍ତିରେ, ମହିମାନ୍ୱିତ ହୋଇ ଆସ
ମୋ ସ୍ୱର୍ଦ୍ଧାର ଭବ୍ୟ ଅଙ୍ଗନକୁ

ଦୁଇ କି, ତିନି ପାଦ ଆଗକୁ ଯାଇ
ପ୍ରବାଳ ଖଚିତ ପ୍ରବେଶ
ଦ୍ୱାରର ଏରୁଣ୍ଡି ଡେଇଁ ମୁଁ
ତମକୁ ସଙ୍ଖୋଳିବି ମହାପ୍ରେମରେ
ବରଣମାଳା ଦେବି
ପ୍ରୀତିର ଅର୍ଘ୍ୟରେ ତମରି ଗଳାରେ ନିଡ଼ରରେ,

ତମେ ମୋର
ଅନିବାର୍ଯ୍ୟ ସୌଭାଗ୍ୟର ଉଜ୍ଜ୍ୱଳ ଭବିଷ୍ୟତ
ତମେ ମୋର
ଆନନ୍ଦ ଆଶୀର୍ବାଦର ଅଭୟ କବଚ
ତମେ ମୋର
ବିଷାଦ ଅପନୋଦନର ମୃଣ୍ମୟ ଆରୋଗ୍ୟମାଳା

ବ୍ୟର୍ଥତାର ଅର୍ଥଶୂନ୍ୟ
କାହାଣୀମାଳାରେ।

ମେଘ ମଲ୍ଲାର ରାଗରେ
ବିମଣ୍ଡିତ ତୁମ ଅନାହତ ରାଗିଣୀ
ଉତୁରିଲା ଦୁଧହାଣ୍ଡି ପରି ଉଚ୍ଛୁଳୁଛି
ପ୍ରତି ଚେତନାରେ ତୁମ
ସ୍ନାୟୁର ସହରେ,

ହେ ମହାନୁଭବ ଭଦ୍ର ମହାଅତିଥି !
ଜନ୍ମଜନ୍ମାନ୍ତର ପାଇଁ
ତୁମେ ମୋର
ସୌନ୍ଦର୍ଯ୍ୟର ଲୋଭନୀୟ
ଶ୍ୟାମନୀଳ ଗୋଲ ହସ୍ତାକ୍ଷର ॥ ■


ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର




# ଶେଷରେ ଦିନେ

ପ୍ରଦୀପ ବିଶ୍ୱାଳ



ଶେଷରେ ଦିନେ
ଆମେ ସଭିଏଁ
ପାଲଟିଯିବା ଗୋଟିଏ ଗୋଟିଏ ଗପ,
ଆସନ୍ତୁ ଭୁଲିବା ନାହିଁ
ତାହା ହେବା ଉଚିତ
ପଢ଼ିବା ପରି ଯୋଗ୍ୟ!
ରାତି ଗଭୀର ହେଉଛି ଏବେ
ଭାରୀ ହୋଇଉଠୁଛି
ମୋ ମନ।
ହରମୁଜ୍ ଉପରେ
ନିକ୍ଷେପ ହେଉଥିବା କ୍ଷେପଣାସ୍ତ୍ର
ପ୍ରତିକ୍ଷଣରେ ଆଘାତ କରୁଛି ମୋ ହୃଦୟକୁ
ରକ୍ତ ନିଗିଡ଼ି ପଡୁଛି
ମୋ' ଛାତିରୁ
ମୁଁ କ'ଣ
ଆଉ ଶୋଇପାରିବି ଏବେ ?
ଡୋନାଲ୍ଡ ଟ୍ରମ୍ପ୍ ବି
ଏବେ ବିତାଉଥିବେ
ଏକ ବିନିଦ୍ର ରଜନୀ
ଇରାନୀୟ ଆକାଶରେ ଉଡୁଥିବା
ଡ୍ରୋନ୍‌ଗୁଡ଼ିକକୁ ଦେଖି ଦେଖି,
ଯେଉଁ ଗପଟି ହେବ



ଆସନ୍ତାକାଲିର
ମୁଖ୍ୟ ସମ୍ବାଦ।
ଜଣେ କବି କେବେ ବି ସ୍ଥାନ ପାଏନାହିଁ
ମୁଖ୍ୟ ସମ୍ବାଦରେ
କୌଣସି ଗଣମାଧ୍ୟମରେ କେବେ ବି,
ଏହା ସେମାନଙ୍କ ପାଇଁ ସଂରକ୍ଷିତ
ଯେଉଁମାନେ ମାନବିକତାକୁ କମ୍
ଅଥଚ ଅଧିକ ଗୁରୁତ୍ୱ ଦିଅନ୍ତି
ନିଜ ଅହଂକାରକୁ।
ଇତିହାସ ପରିପୂର୍ଣ୍ଣ
ଯୁଦ୍ଧର କାହାଣୀରେ
ଯାହାର ପରିଣତି କେବଳ
ମଣିଷର ଜୀବନ ହାନିରେ।
ସେଥିରେ ନଥାଏ
ଆଶ୍ୱାସନାର ବାଣୀରେ
ଆତ୍ମାକୁ ସାନ୍ତ୍ୱନା ଦେଉଥିବା
କବିତାର କାହାଣୀ।
କାହାର ଗପ ପ୍ରକୃତରେ ପଢ଼ିବା ଯୋଗ୍ୟ? ■


ମୋ: ୯୪୩୭୧୭୧୫୮୫


# ରେବା ରାୟଙ୍କ କବିତାରେ ବିଭୁପ୍ରେମ



ରାଜୀବ କୁମାର ଷଡ଼ଙ୍ଗୀ

ବିଂଶ ଶତାବ୍ଦୀର ପ୍ରଥମ ପାଦରେ ଆପଣାର ସାଧନା ବଳରେ ଓଡ଼ିଆ ସାହିତ୍ୟକୁ ବିଭିନ୍ନ ଦିଗରୁ ସମୃଦ୍ଧ କରିଥିବା ଜଣେ ଅସମାନ୍ୟ ପ୍ରତିଭାମୟୀ ନାରୀ ଥିଲେ ରେବା ରାୟ। ଏକାଧାରରେ ସେ ଥିଲେ ଜଣେ କବି, ଗାଳ୍ପିକା, ପ୍ରାବନ୍ଧିକା, ସଂପାଦିକା, ସମାଜସେବିକା ଓ ଆଧୁନିକ ନାରୀ ଶିକ୍ଷାର ପ୍ରବର୍ତ୍ତିକା। ୧୮୭୬ ଅଗଷ୍ଟ ୫ ତାରିଖ ଶ୍ରାବଣ ପୂର୍ଣ୍ଣିମା ଦିନ ସେ କଟକରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଜଗନ୍ନାଥ ରାଓ ଓ ମାତାଙ୍କ ନାମ ରମା ବାଇ। ଜଗନ୍ନାଥ ରାଓ ଥିଲେ ଭକ୍ତକବି ମଧୁସୂଦନ ରାଓଙ୍କର ଅନୁଜ। ତେଣୁ ରେବା ଥିଲେ ଭକ୍ତକବିଙ୍କ ଝିଆରୀ। ବାଲ୍ୟକାଳରୁ ପରିବାରର ସାହିତ୍ୟିକ ପରିବେଶର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା।

ରେବାଙ୍କଠାରେ ୧୩ ବର୍ଷ ବୟସରୁ କବିତ୍ୱର ଉନ୍ମେଷ ଘଟିଥିଲା। କିଶୋରୀ ଜୀବନର ଉତ୍ସାହ ଓ ଉଦ୍ଦୀପନାକୁ ନେଇ ମାତ୍ର ତେରବର୍ଷ ବୟସରୁ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ଯେଉଁ ସମସ୍ତ କବିତା ରଚନା କରିଥିଲେ ତନ୍ମଧ୍ୟରୁ ଚାଳିଶଟି କବିତାକୁ ନେଇ ୧୯୦୩ ମସିହାରେ 'ଅଞ୍ଜଳି' ପୁସ୍ତକ ପ୍ରକାଶିତ ହୋଇଥିଲା। ସ୍ୱପ୍ନ ବିଭୋର ମନ ବ୍ରହ୍ମ ଜିଜ୍ଞାସୁ ପ୍ରାଣ ବିଭୁପ୍ରେମ ଓ ସମାଜ ଜୀବନର ଅସହାୟ ମଣିଷପ୍ରତି ମମତ୍ୱବୋଧର ଅନ୍ତଃସ୍ୱର ତାଙ୍କ କବିତାଗୁଡ଼ିକରେ ସ୍ପଷ୍ଟ ଭାବେ ପ୍ରତିଫଳିତ। ପ୍ରାଥମିକ ପର୍ଯ୍ୟାୟରୁ ରେବା ରାୟ ଥିଲେ ଗୀତିକବି। ତାଙ୍କ କବିତାଗୁଡ଼ିକର ସାଙ୍ଗୀତିକତାପୂର୍ଣ୍ଣ ଛନ୍ଦୋବଦ୍ଧ ଓ ଉଚ୍ଛ୍ୱାସମୟ। 'ଅଞ୍ଜଳି' କବିତା ସଂକଳନର 'ନୀରବେ', 'ପ୍ରାର୍ଥନା', 'ବିଧବାର ଦୁଃଖ', 'ତବଇଚ୍ଛା ପୂର୍ଣ୍ଣ ହେଉ', 'ଜନ୍ମୋତ୍ସବ ଉପହାର', 'ସ୍ନେହ ଉପହାର' ଓ 'କେତୁମ୍ଭେ ସମ୍ମୁଖେ ମୋର' ପ୍ରଭୃତି କବିତା ଭାବପୂର୍ଣ୍ଣ ଏବଂ ସମ୍ବେଦନଶୀଳ। ସମର୍ପିତ କବି ପ୍ରାଣରେ ସେ ଥିଲେ ପରିପୂର୍ଣ୍ଣ। କେଉଁଠି ପ୍ରକାଶ ପାଇଛି ଜୀବନର ଦୁଃଖ, ବିଡ଼ମ୍ବନା, ସ୍ୱପ୍ନ, ବାସ୍ତବତା, ଅବିଶ୍ୱାସ ଓ ବିଶ୍ୱାସ, ପ୍ରେମ ସତ୍ୟ ପୁଣି କେଉଁଠି ପ୍ରକାଶ ପାଇଛି ବିଭୁପ୍ରେମ।

ନାରୀକବି ରେବା ରାୟ ଥିଲେ ଦିବ୍ୟ ଭାବନାର କବି। ତାଙ୍କ ରଚିତ 'ନୀରବେ' କବିତା ପାଠକ ପ୍ରାଣକୁ ମନ୍ତ୍ରମୁଗ୍ଧ କରେ। ଏହି କବିତାର ଶବ୍ଦ ସଂଯୋଜନା ଛାନ୍ଦସିକତା, ଗୀତିଧର୍ମିତା ଏବଂ ନିସର୍ଗବୋଧ ଅନୁପମ। ସୃଷ୍ଟିର ଚରମ ରହସ୍ୟବୋଧ ଏଥିରେ ଉଦ୍‌ଘାଟିତ। କୁମୁଦ, କୁମୁଦିନୀ, କୌମୁଦୀ, ସୁନିଳ ଆକାଶ, ତାରକା, ତଟିନୀ, ପୁଷ୍ପ ଏବଂ ଆମ୍ରପକ୍ଷୀର ନୀରବ ସଙ୍ଗୀତ ଏହି କବିତାରେ ଭାବାବେଗ ସୃଷ୍ଟିକରେ।

'ପ୍ରାର୍ଥନା' କବିତା ଶ୍ରୀମତୀ ରାୟଙ୍କର ବିଭୁପ୍ରୀତିର ଏକ ଅମଳିନ ପରିପ୍ରକାଶ। ଏଥିରେ କବି ପରାହର ପରମେଶ୍ୱରଙ୍କ ପାଦପଦ୍ମରେ ଦାସୀ ହେବାର କାମନା କରିଛନ୍ତି। ନିରନ୍ତର ତାଙ୍କର ଅର୍ଚ୍ଚନା ବନ୍ଦନା କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ବୋଲି ଦୀନବନ୍ଧୁଙ୍କ ନିକଟରେ କବି ବାଞ୍ଛା କରିଛନ୍ତି। କବି ଲେଖିଛନ୍ତି :-

"ଇଚ୍ଛା ବଡ଼ ପ୍ରାଣ ନାଥ
ତବ ଦାସୀ ହେବି
ତବ ପ୍ରେମମୟ ସୁଖ
ସଦା ନିରେଖିବି
ତବ ପବିତ୍ର ଚରଣ
ନିତ୍ୟ କରିବି ବନ୍ଦନା।"

ପ୍ରଭୁଙ୍କ ପଦାରବିନ୍ଦରେ କବି ସମର୍ପିତ। ସେ ଧନରତ୍ନ ଆଶା କରିନାହାନ୍ତି। କେବଳ ବିଭୁକୃପା ଏବଂ ଶାଶ୍ୱତ ପ୍ରେମ କାମନା କରି ଶ୍ରୀଚରଣରେ ନିତ୍ୟ ନିବାସ କରିବା ପାଇଁ ଇଚ୍ଛା କରିଅଛନ୍ତି।

'ବିଧବାର ଦୁଃଖ' ହେଉଛି ଶ୍ରୀମତୀ ରାୟଙ୍କ 'ନୀରବେ' କବିତା ପରି ଏକ ଉଚ୍ଚାଙ୍ଗ କବିତା। ଏହି କବିତାରେ ରହସ୍ୟବାଦୀ ଚିନ୍ତା ଏବଂ ବିଭୁପ୍ରୀତିର ଅମଳୀନ ଭାବ ପ୍ରକାଶ ପାଇଛି। କବି ଆତ୍ମାର ସମର୍ପିତ ଭାବ ଏବଂ ପିପାସା ଏହି କବିତାରେ ପ୍ରକାଶିତ ହୋଇଛି।

ପରମେଶ୍ୱରଙ୍କ ଜଗତରେ ମଣିଷ ଏକ ସୁନ୍ଦର ସୃଷ୍ଟି। ଆଙ୍ଗିକର ସେ ସୁନ୍ଦର ହେଉ ବା ନ ହେଉ ଆତ୍ମିକରେ ସେ ମହନୀୟ ଗୁଣ ବିଭୂତିରେ ଅନୁପମ। ଫୁଲର ସୁଗନ୍ଧ ପରି, ଚନ୍ଦ୍ରମାର ଚନ୍ଦ୍ରିକା ପରି, ଓଠରେ ଲାବଣ୍ୟମୟ ହସ ମଣିଷର ଅନ୍ତଃସୌନ୍ଦର୍ଯ୍ୟ। ଜଗତର ଅନନ୍ତ ଶୋଭାରାଶି ସହିତ ସମନ୍ୱିତ ହେବାପରି ଦିବ୍ୟଦୃଷ୍ଟି ଓ ଅନୁଭବ ମଣିଷ ପାଖରେ ହିଁ ଉପଲବ୍ଧ। ଏହି ଦିବ୍ୟ ଭାବନାର ଆଲୌକିକ ସ୍ପର୍ଶରେ ବିଗଳିତ କବିଙ୍କ ପ୍ରାଣ।

'କେତୁମ୍ଭେ ସମ୍ମୁଖେ ମୋର' ଶ୍ରୀମତୀ ରେବା ରାୟଙ୍କର ଏକନିଷ୍ଠ ବିଭୁପ୍ରୀତିର ଆନ୍ତରିକ ସ୍ୱାକ୍ଷର। ବିଶ୍ୱବ୍ରହ୍ମାଣ୍ଡ ନାୟକ ପରାତ୍ପର ପରମେଶ୍ୱରଙ୍କ ପ୍ରେମ ଅପାର। ସେ ଅନନ୍ତ ପାରାବାର। ତାଙ୍କ ଭାବରାଜ୍ୟ ଅସୀମ। ଦୁର୍ଜ୍ଜୟ ସଂସାର ବନ୍ଧନରେ ଏବଂ ମହାଅନ୍ଧକାର ବିମୁକ୍ତିରେ ସେ ସଚ୍ଚିଦାନନ୍ଦ। ସେ ଆତ୍ମାର ଆତ୍ମା। ସେ ପ୍ରାଣାରାମ। ଏକାକୀ ଏ ହାହାକାରମୟ ଜୀବନରେ ପ୍ରେମାମୃତ। ସେ ଶରଣ ରକ୍ଷକ। ସେ ସଜନେ, ନିର୍ଜନେ, ସୁଖେ-ଦୁଃଖେ, ସ୍ୱଦେଶେ- ବିଦେଶେ ଓ ଜୀବନେ- ମରଣେ ଆତ୍ମାର ପ୍ରତିଟି କ୍ଷେତ୍ରରେ ସେ ଚିର ଜାଗ୍ରତ। ଏହି ବିଶ୍ୱାତୀତ ଭାବର ମହାନ୍ ପରମ୍ପରା ଆଧୁନିକ କାଳରେ ଭକ୍ତକବି ମଧୁସୂଦନ ରାଓଙ୍କର କବିତାରେ ଲକ୍ଷ୍ୟ କରାଯାଏ। ସେହି ପରମ୍ପରାର ସୁଯୋଗ୍ୟା ଭାବରେ ଶ୍ରୀମତୀ ରାୟଙ୍କ କବିତାରେ ଦୃଶ୍ୟମାନ ହୁଏ।

ପରମେଶ୍ୱର ସର୍ବବ୍ୟାପକ। ସର୍ବଭୂତରେ ସେ ବିରାଜିତ। ତାଙ୍କ ମହିମା ଅବର୍ଣ୍ଣନୀୟ। ଅନନ୍ତ ଶକ୍ତିର ସେ ମୂଳାଧାର। ଅନନ୍ତ ପ୍ରଶାନ୍ତିର ସେ ଜଳଧି। ତାଙ୍କର ଅମୃତମୟ ଦୃଷ୍ଟିରେ ଆତ୍ମା ପବିତ୍ରିତ ଏବଂ ପରିଶୋଧିତ। ତାଙ୍କରି ପାଦପଦ୍ମରେ କବି ଭକ୍ତିପୂତ ନୈବେଦ୍ୟ ଅର୍ପଣ କରିଛନ୍ତି। ଏହିପରି ହିମାଦ୍ରୀ ସଦୃଶ ମହାମହିମଙ୍କୁ ସମ୍ମୁଖରେ ପାଇ କବି ଧନ୍ୟ ହୋଇଛନ୍ତି।

'ଅଞ୍ଜଳି' କବିତା ସଂକଳନ ପରେ 'ଶକୁନ୍ତଳା' ଗଳ୍ପ ସଂକଳନ ପ୍ରକାଶ ପାଇଥିଲା। 'ଶକୁନ୍ତଳା' ଶୀର୍ଷକ ଗଳ୍ପ ଶ୍ରୀମତୀ ରାୟଙ୍କୁ ପ୍ରଥମ ନାରୀ ଗାଳ୍ପିକା ଭାବରେ ପରିଚିତି ସୃଷ୍ଟି କରାଏ। କାରଣ 'ଶକୁନ୍ତଳା' ନାରୀ ଲେଖିକାଙ୍କ ଦ୍ୱାରା ଲିଖିତ ପ୍ରଥମ ଗଳ୍ପ। ଏହାଛଡ଼ା ରେବା ରାୟ ନାରୀ ଶିକ୍ଷାର ପ୍ରସାର ପାଇଁ କେବଳ ଯେ, କାର୍ଯ୍ୟ କରିଥିଲେ ତାହା ନୁହେଁ, ସେ ନାରୀ ଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ୧୯୦୫ ମସିହାରେ ନିଜ ଗୃହରେ ଆଦର୍ଶ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହା ସରକାରୀ ସ୍ୱୀକୃତି ଲାଭ କରିଥିଲା।

ରେବାଙ୍କ ସମୟରେ ନାରୀଶିକ୍ଷା ଏବଂ ନାରୀ ସ୍ୱାଧୀନତାର ସ୍ୱପ୍ନ ଥିଲା ସୁଦୂର ପରାହତ। ୧୮୯୨ ମସିହାରେ ନାରୀଶିକ୍ଷାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ରେବା ରାୟଙ୍କ ସଂପାଦନାରେ 'ଆଶା' ନାମକ ଏକ ପତ୍ରିକା ପ୍ରକାଶ ପାଇଥିଲା। ରେବା ରାୟ ଥିଲେ ଓଡ଼ିଶାର ପ୍ରଥମ ନାରୀ ପତ୍ରିକାର ସଂପାଦିକା। ସେହିପରି ୧୯୦୯ ମସିହାରୁ 'ପ୍ରଭାତ' ନାମକ ଶିଶୁ ପତ୍ରିକା ନିଜ ସଂପାଦନାରେ ପ୍ରକାଶ କରିଥିଲେ। ଏହା ଅନିୟମିତ ଭାବରେ ପ୍ରକାଶ ପାଇବା ପରେ ୧୯୧୪ ମସିହାରେ ବନ୍ଦ ହୋଇଯାଇଥିଲା। ଏହି ମାସିକ ପତ୍ରିକା ହିଁ ଥିଲା ପ୍ରଥମ ଶିଶୁ ପତ୍ରିକା। ଶ୍ରୀମତୀ ରାୟଙ୍କ କବିତାଗୁଡ଼ିକରେ ବିଭୁପ୍ରେମ, ଦିବ୍ୟ ଭାବନା ଓ ଅନନ୍ୟ ଈଶ୍ୱର ଉପଲବ୍ଧିକୁ ଅନୁଭବ କରି ହୁଏ ପ୍ରାଣପୂର୍ଣ୍ଣ ଭାବରେ। ଆଜି ସଶରୀରରେ ନଥିଲେ ମଧ୍ୟ ଏହି ପ୍ରତିଭା ସବୁରି ପ୍ରାତଃସ୍ମରଣୀୟ। ■


ଯଶୋଦା କୁଟୀର
ରାମକୃଷ୍ଣପୁର, ରାମେଶ୍ୱର
କଟକ- ୭୫୪୨୦୧
ମୋ: ୯୪୩୯ ୭୩୫୩୧୧


## ପୁସ୍ତକ ପରିଚୟ

### ଜରା ନିବାସ

କବିତା ବାରିକ




ଟାଇମ୍ ପାସ
ବରମୁଣ୍ଡା, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୨୨୫ ଟଙ୍କା

ଜୀବନର ଏକ କରୁଣ ସମୟ ଜରାବସ୍ଥା। ବାର୍ଦ୍ଧକ୍ୟରେ ମଣିଷ ଅସହାୟ ହୋଇପଡ଼େ। ନିଜ ପୁତ୍ରକନ୍ୟାଙ୍କ ସେବା ଶୁଶ୍ରୂଷାରୁ ଅନେକେ ବଞ୍ଚିତ ହୋଇଥାନ୍ତି। ନିଜର କେହି ଆତ୍ମୀୟସ୍ୱଜନ ନଥିବା ବା ପରିବାର ସଦସ୍ୟଙ୍କଠାରୁ ଉପେକ୍ଷିତ ବୃଦ୍ଧବୃଦ୍ଧାଙ୍କ ଶେଷ ଠିକଣା ପାଲଟି ଯାଇଥାଏ ଜରା ନିବାସ ବା ବୃଦ୍ଧାଶ୍ରମ। ସେଭଳି ବାର୍ଦ୍ଧକ୍ୟରେ ଉପନୀତ କିଛି ମଣିଷଙ୍କ କରୁଣ କାହାଣୀ ସଂକଳିତ ହୋଇଛି କବିତା ବାରିକଙ୍କ 'ଜରା ନିବାସ' ପୁସ୍ତକରେ। ଏହି ପୁସ୍ତକରେ ମୋଟ ୧୭ଟି ମନଛୁଆଁ ଗପ ସଂକଳିତ ହୋଇଛି। ଏଥିରେ ସଂକଳିତ 'ଜରା ନିବାସ', 'ଅନ୍ତର୍ଦାହ', 'ସଂପର୍କର ପରିଭାଷା', 'ଅସ୍ତିତ୍ୱ', 'ମାତୃଦିବସରୁ ଜରା ନିବାସ', 'କେତେ ଦିନର ଜୀବନ', 'ପରିଚୟ', 'ନୂଆ ଜୀବନର ଠିକଣା', 'ଶେଷ ନୀଡ଼' ଆଦି ଗପଗୁଡ଼ିକ ଭାବ ଓ କାରୁଣ୍ୟ ନିଶ୍ଚିତ ଭାବରେ ପାଠକମାନଙ୍କ ହୃଦୟକୁ ବିଗଳିତ କରିଦେବ। ସାଂପ୍ରତିକ ସମାଜର ବାସ୍ତବ ଚିତ୍ର, ବୃଦ୍ଧାବସ୍ଥାରେ ମଣିଷର ଅସହାୟତା, କାରୁଣ୍ୟକୁ ବିଭିନ୍ନ ଚରିତ୍ର ମାଧ୍ୟମରେ ଗାଳ୍ପିକା ଅତି ଚମତ୍କାର ଭାବେ ପ୍ରସ୍ଫୁଟିତ କରିଛନ୍ତି। 'ଜରା ନିବାସ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଅନ୍ଧାରର ଆର୍ତ୍ତନାଦ

ଚିନ୍ମୟ ରଞ୍ଜନ ମିଶ୍ର





ବେଳାବାଲି ପ୍ରକାଶନ
ଟେଲିଫୋନ୍ ଭବନ ରୋଡ୍, ବ୍ରହ୍ମପୁର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୧୦ ଟଙ୍କା

ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ରଙ୍କ ଏକ ବାସ୍ତବଧର୍ମୀ ନାଟକ ହେଉଛି 'ଅନ୍ଧାରର ଆର୍ତ୍ତନାଦ'। ଦିନକୁ ଦିନ ଯୁବ ପିଢ଼ି ସହରୀ ସଭ୍ୟତା ପ୍ରତି ଆକର୍ଷିତ ହେବାରେ ଲାଗିଛନ୍ତି। ଗାଁ ଛାଡ଼ି ସହର ମୁହାଁ ହେଉଛନ୍ତି ଅନେକ ଗ୍ରାମ୍ୟ ଯୁବକ। ତେବେ ପରବର୍ତ୍ତୀ ସମୟରେ ସହରର ପରିବେଶ, ଜୀବନଶୈଳୀ ଭିତରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ମାନସିକ, ଶାରୀରିକ ଦୁଃଖ, ଯନ୍ତ୍ରଣାରେ ଅସହାୟ ହୋଇପଡ଼ି ପୁଣି ଗାଁକୁ ଫେରିଛନ୍ତି। ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି 'ଅନ୍ଧାରର ଆର୍ତ୍ତନାଦ' ନାଟକରେ। ଅଜୁ, ବିଜୁ, ଗୁରା, ଚୌଧୁରୀ, ରଘୁଆ, ଚନ୍ଦୁରୁ, ଶାରଦା, ରୁପା ଆଦି ଚରିତ୍ରକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଛି। ଆଦର୍ଶ ବାପା ଚନ୍ଦୁରୁର ଦୁଇ ପୁଅ ଅଜୁ ଓ ବିଜୁ। ବଡ଼ ପୁଅ ବିଜୁ ବଡ଼ ଲୋକ ହେବାର ସ୍ୱପ୍ନରେ କିଭଳି ଘର ଛାଡ଼ି ସହରକୁ ଯାଇ ପ୍ରତାରଣାର ଶିକାର ହୋଇ ପୁଣି ଗାଁକୁ ଫେରି ଆସିଛି। ତାହା ବେଶ୍ ପ୍ରଭାବଶାଳୀ ଭାବେ ବର୍ଣ୍ଣନା କରାଯାଇଛି ଏହି ନାଟକରେ। ହସ, ଲୁହ, ପ୍ରେମ, ଭାବପ୍ରବଣ, ସାମାଜିକ ବାସ୍ତବତା ଆଧାରିତ ଏହି ନାଟକଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ମନ, ଜୀବନ ଓ ସମାଜ

ଡକ୍ଟର ଦେବୀଲାଲ ମିଶ୍ର




ବନଫୁଲ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମାଜର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ରଚିତ ଡକ୍ଟର ଦେବୀଲାଲ ମିଶ୍ରଙ୍କ 'ମନ, ଜୀବନ ଓ ସମାଜ' ପୁସ୍ତକ ପ୍ରକାଶ ପାଇଛି। ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ଲୋକପ୍ରିୟ ଆଲେଖ୍ୟଗୁଡ଼ିକର ଏହା ଏକ ସମାହାର। ମଣିଷ ଜୀବନର ସଫଳତା, ବିଫଳତା, ଖୁସି, ବିଶ୍ୱାସ, ଆନନ୍ଦ, ଶାନ୍ତି, ଅବସାଦ ଆଦିକୁ ନେଇ ରଚିତ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ଓ ଚିନ୍ତନଶୀଳ ହୋଇଛି। ସେହିପରି 'ସଂପର୍କର ତତ୍ତ୍ୱ', 'ପ୍ରେମର ପରିଭାଷା', 'ବନ୍ଧୁତାର ବନ୍ଧ', 'ଶିହରଣହୀନ ସଂପର୍କ' ଆଦି ଆଲେଖ୍ୟରେ ମାନବୀୟ ସଂପର୍କ, ପ୍ରେମ, ବନ୍ଧୁତ୍ୱ, ଚିନ୍ତାଧାରାର ମହନୀୟତା ପ୍ରତିପାଦିତ ହୋଇଛି। ସେଭଳି 'କର୍ତ୍ତବ୍ୟ ଓ ଅଧିକାର', 'ରାଜନୀତିର ସ୍ୱାଭିମାନ', 'ନିର୍ବାଚନ ଓ ଜନ –ମନସ୍ତତ୍ତ୍ୱ', 'ସାମ୍ବାଦିକ ଓ ସମ୍ବେଦନା', 'ସାହିତ୍ୟିକ ଓ ସାମ୍ବାଦିକତା' ଆଦି ପ୍ରବନ୍ଧଗୁଡ଼ିକ ସାଂପ୍ରତିକ ସମାଜ ପାଇଁ ବେଶ୍ ପ୍ରାସଙ୍ଗିକ ମନେ ହୁଏ। ପ୍ରତିଟି ଲେଖାରେ ଏକ ସାମାଜିକ ବାର୍ତ୍ତା ରହିଛି। ଏହି ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

## ଆଜି ଶ୍ରୀଅଙ୍ଗରେ ବ୍ୟବହୃତ ଅଳଙ୍କାରର ହେବ ଗଣତି

ପୁରୀ,୧୮।୭(ସମିସ): ମହାପ୍ରଭୁଙ୍କ ରତ୍ନ ଅଳଙ୍କର ଗଣତି ବେଳେ ଶ୍ରୀଅଙ୍ଗରେ ବ୍ୟବହୃତ ଅଳଙ୍କାରର ଗଣତି ହୋଇପାରି ନ ଥିଲା। ଏହି ଅଳଙ୍କାର ରବିବାର ଗଣତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗତ ମେ' ୨୩ ତାରିଖଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ସ୍ଥଗିତ ରହିଛି। ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ବ୍ୟବହୃତ ଏବଂ ସ୍ନାନ ପୂର୍ଣ୍ଣିମା ଅବସରରେ ଉଲାଗି ହୋଇଥିବା ଅଳଙ୍କାରାଦିର ଗଣତି ରବିବାର ଗୋଟିଏ ଦିନ ପାଇଁ କରାଯିବ। ଏହି ଗଣତି କାର୍ଯ୍ୟ ରାଜ୍ୟ ସରକାରଙ୍କ ଅନୁମୋଦିତ ବ୍ୟବସ୍ଥାବଳୀ (ଏସ୍‌ଓପି) ଅନୁଯାୟୀ ସମ୍ପାଦନ ହେବ। ସେହିପରି ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅବଶିଷ୍ଟ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟର ତାରିଖ ପରବର୍ତ୍ତୀ ସମୟରେ ଅବଗତ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ପୂର୍ବଭଳି ସମସ୍ତ ସେବାୟତ ଏବଂ ସଦସ୍ୟମାନଙ୍କ ଆନ୍ତରିକ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

# ସମବାୟ କ୍ଷେତ୍ରରେ ସ୍ୱଚ୍ଛତା ପାଇଁ ଲଢ଼େଇ କରିବ କଂଗ୍ରେସ

ଭୁବନେଶ୍ୱର,୧୮।୭(ସମିସ): ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକ ଦେବାଳିଆ ସ୍ତରରେ ପହଞ୍ଚିଲାଣି। କଂଗ୍ରେସ ଶାସନକାଳରେ ରାଜ୍ୟରେ ଗଢ଼ି ଉଠିଥିବା ଚିନିକଳ, ସୂତାକଳ, ତେଲକଳ ଏବଂ ସମବାୟ ଭିତ୍ତିକ ଶୀତଳଭଣ୍ଡାର ଓ ଆରସିଏମସି ଭଳି ଅନେକ ସଂସ୍ଥା ଭାଙ୍ଗିଗଲାଣି। ଏବେ ବିକାଶ ପରିବର୍ତ୍ତେ ବିନାଶ ଘଟୁଛି ବୋଲି ରାଜ୍ୟ କଂଗ୍ରେସ କହିଛି। ତେବେ ସମବାୟ କ୍ଷେତ୍ରରେ

### ପ୍ରଭାରୀଙ୍କ ସହ ବୈଠକ ପରେ ରୋଡ୍‌ମ୍ୟାପ ପ୍ରସ୍ତୁତ




ସ୍ୱଚ୍ଛତା ଆସିବା ସହ କିପରି ସମବାୟ କ୍ଷେତ୍ରକୁ ସ୍ୱଚ୍ଛ, ନିରପେକ୍ଷ ରଖିହେବ ସେଥିପାଇଁ କଂଗ୍ରେସ ଜୋରଦାର ଲଢ଼େଇ କରିବ। ଏଥିପାଇଁ ଶୁକ୍ରବାର ପିସିସ ପ୍ରଭାରୀ ଲାଲଜୀ ଦେଶାଇଙ୍କ ସମେତ ସହପ୍ରଭାରୀ ଓ ପିସିସି ସଭାପତିଙ୍କ ଉପସ୍ଥିତିରେ ପିସିସି ସମବାୟ ପ୍ରକୋଷ୍ଠର କାର୍ଯ୍ୟପନ୍ଥାକୁ ନେଇ ଏକ ରୋଡ୍‌ମ୍ୟାପ ସ୍ଥିର ହୋଇଛି।

ଏ ସମ୍ପର୍କରେ ପିସିସି ସମବାୟ ପ୍ରକୋଷ୍ଠ ମୁଖ୍ୟ ଅମିୟ ପଟ୍ଟନାୟକ କହିଛନ୍ତି, କେତେକ ମୁଷ୍ଟିମେୟ ଅସାଧୁ ଲୋକଙ୍କ ଦ୍ୱାରା ସମବାୟ ସଂସ୍ଥାଗୁଡ଼ିକ ପରିଚାଳିତ ହେବାଦ୍ୱାରା ବହୁ କ୍ଷତିରେ ପହଞ୍ଚିବା ସହ ଅଂଶୀଦାରମାନେ ତାଙ୍କ ହକ୍‌ରୁ ବଞ୍ଚିତ ହେଉଛନ୍ତି। କ୍ରମାଗତଭାବେ ପରିଚାଳନାଗତ ତ୍ରୁଟି, ଓ ଅଭିଜ୍ଞତାର ଅଭାବ ଫଳରେ ସ୍ଥିରୀକୃତ ଆଭିମୁଖ୍ୟଗୁଡ଼ିକର ସଫଳ ରୂପାୟନ ହୋଇ ପାରୁନାହିଁ। ଅମଲାତନ୍ତ୍ରର ଫନ୍ଦି ଫିକରରେ ବହୁ ସମବାୟ ସଂସ୍ଥା ଆଜି ବଳିପଡ଼ୁଛି। ଏଥିରୁ ସମ୍ପୂର୍ଣ୍ଣ ମୁକ୍ତ ଓ ନିରପେକ୍ଷତା, ଅଂଶୀଦାରମାନଙ୍କ ଅଧିକାର ଏବଂ ସମବାୟ ସଂସ୍ଥାଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ ଓ ମାନବ ସମ୍ବଳ ବୃଦ୍ଧି ପାଇଁ କଂଗ୍ରେସ ଦଳ ତରଫରୁ କଂଗ୍ରେସ ସମବାୟ ପ୍ରକୋଷ୍ଠ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛି।

କୃଷି ସହିତ ସମବାୟ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଗ୍ରାମାଞ୍ଚଳରେ କୃଷି ଓ ସମବାୟ ଭିତ୍ତିଭୂମି ସୁଦୃଢ଼ ହେଲେ ରାଜ୍ୟ ଅର୍ଥନୀତିର ପ୍ରଗତି ହିଁ ସମ୍ଭବ। ତେଣୁ ସମବାୟ କ୍ଷେତ୍ରକୁ ସ୍ୱଚ୍ଛ, ନିରପେକ୍ଷ ଓ ସମିତିର ସଭ୍ୟ/ସଭ୍ୟାମାନଙ୍କ ଅଧିକାରକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ସମବାୟ ସଂସ୍ଥାଗୁଡ଼ିକରେ ନିୟୋଜିତ କର୍ମଚାରୀମାନଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ ପାଇଁ ସୁପଦକ୍ଷେପ ନିଆଯିବା ଜରୁରୀ। ଓଡ଼ିଶା ରାଜ୍ୟରେ ଥିବା ପ୍ରାୟ ୮ହଜାର ବିଭିନ୍ନ ସମବାୟ ସମିତିର ସଭ୍ୟସଂଖ୍ୟା ୧ କୋଟିର ଉର୍ଦ୍ଧ୍ୱ। ତେଣୁ ସଭ୍ୟମାନଙ୍କର ସମାନ ଅଧିକାର ସହିତ ସାମଗ୍ରୀକ ବିକାଶ ପାଇଁ ସମବାୟ ସଂସ୍ଥାଗୁଡ଼ିକ ବାସ୍ତବାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କଲେ ଓଡ଼ିଶା ରାଜ୍ୟରେ ସମବାୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ହୋଇ ପାରିବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନ୍ମବେଦୀରେ...

ଦର୍ପଦଳନ ରଥ ଏବଂ ସିଂହଦ୍ୱାରରେ ହିଁ ଅଟକି ରହିଥିଲା ନନ୍ଦିଘୋଷ ରଥ। ଶୁକ୍ରବାର ସକାଳ ୯ଟା ୪୦ରେ ପୁନଶ୍ଚ ରଥ ଟଣାଯାଇଥିଲା। ଅପରାହ୍ଣ ୨ଟା ୫୦ ସୁଦ୍ଧା ତିନିରଥ ଶରଧାବାଲିରେ ପହଞ୍ଚିଥିଲେ। ଦୁଇରାତି ଓ ଦୁଇଦିନ ରଥ ଉପରେ ହିଁ ଦୈନନ୍ଦିନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳ ସାଢ଼େ ୭ଟାରୁ ୭ଟା ୪୦ମଧ୍ୟରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ରଥ ଉପରେ ଠାକୁର ଥିବାବେଳେ ଖଇ, କୋରା, ଶଙ୍ଖକୋରା, ଫଳମୂଳ ଭୋଗ ଲାଗି କରାଯାଇଥିଲା। ମଙ୍ଗଳ ଆଳତିଠାରୁ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ଅପରାହ୍ଣ ୩ଟା ୧୫ ମଧ୍ୟରେ ଶେଷ ହୋଇଥିଲା। ଏହାପରେ ଦାରୁଦେବତାଙ୍କ ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ସକାଳେ ଅସରାଏ ବର୍ଷା ପରେ ପାଗ ବେଶ୍ ଅନୁକୂଳ ଥିଲା। ଖରା ନ ଥିଲା, ଆକାଶ ମେଘାଚ୍ଛନ୍ନ ରହିଥିଲା। ଏହାପରେ ଆରମ୍ଭ ହୋଇଥିଲା ପହଣ୍ଡି ପାଇଁ ପ୍ରକ୍ରିୟା। ତିନିରଥରୁ ଘୋଡ଼ା ଫିଟାଯାଇ ଚାରମାଳ ବନ୍ଧାଯାଇଥିଲା। ଏହାପରେ ସନ୍ଧ୍ୟା ୭ଟା ୪୦ରେ ପୁଷ୍ପାଞ୍ଜଳି ସରି ବାଜିଥିଲା ବିଜେ କାହାଳୀ। ସନ୍ଧ୍ୟା ୭ଟା ୪୫ଆରମ୍ଭ ହୋଇଥିଲା ପହଣ୍ଡି। ପ୍ରଥମେ ମଦନମୋହନ, ରାମ ଓ କୃଷ୍ଣ ଆଡ଼ପ ମଣ୍ଡପକୁ ବିଜେ ହୋଇଥିଲେ।

ପରେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ନିଆଯାଇଥିଲା। ଘଣ୍ଟ, ସଂକୀର୍ତ୍ତନ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ସୁଦର୍ଶନଙ୍କ ପହଣ୍ଡି ପରେ ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ସଅଳ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ ଶ୍ରୀବଳଭଦ୍ର। ବଡ଼ଠାକୁରଙ୍କ ପରେ ହଳଦୀମୁଖି ଦେବୀ ସୁଭଦ୍ରା ଜନ୍ମବେଦୀକୁ ଗୋଟି ପହଣ୍ଡିରେ ବିଜେ କରିଥିଲେ। ଶେଷରେ ବିଶ୍ୱନିୟନ୍ତା ମହପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ହଲିଝୁଲି କାଳିଆ ଠାକୁର ରାତି ୧୦.୪୦ରେ ଆଡ଼ପମଣ୍ଡପକୁ ବିଜେ କରିଥିଲେ। ପହଣ୍ଡି ପାଇଁ ରଥ ସିଂହାସନ ଛାଡ଼ି ହଂସପଟା ନିକଟକୁ ଆସିବା ପରେ ସେଠାରେ ଠାକୁରମାନଙ୍କ ଟାହିଆ ଲାଗି ହୋଇଥିଲା। ପତିମହାପାତ୍ର ସେବକ ଘଷା ଏବଂ ବିଡ଼ିଆ ମଣୋହୀ କରିବା ସହିତ କର୍ପୂର ଆଳତି କରିଥିଲେ। ଏହାପରେ ଗୋଟିପହଣ୍ଡିରେ ଜଣଙ୍କ ପରେ ଜଣେ ଠାକୁର ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଚତୁର୍ଦ୍ଧାବିଗ୍ରହ ଆଡ଼ପ ମଣ୍ଡପରେ ରୁନ୍ଧାଯିବା ପରେ ନିର୍ଘଣ୍ଟ ଅନୁଯାୟୀ, ଅନ୍ୟାନ୍ୟ ନୀତି କରାଯାଇଛି। ଅପରପକ୍ଷେ ରବିବାରଠାରୁ ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବାହାରିବ ଆଡ଼ପ ଅବଢ଼ା। ଗୁଣ୍ଡିଚା ମନ୍ଦିର ରୋଷଘରେ ପ୍ରସ୍ତୁତ ହେବ ଏହି ଅବଢ଼ା। ଭକ୍ତମାନେ କିପରି ସୁରୁଖୁରୁରେ ମହାପ୍ରସାଦ ପାଇପାରିବେ ସେଥିଲାଗି ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ଗଗନ ଛୁଇଁଲା...

ଚାରୋଟି ସ୍ତର ଆଶାମୁତାବକ କାର୍ଯ୍ୟ କରିଥିଲେ ଏବଂ ଏହାର ପୃଥକୀକରଣ ପ୍ରକ୍ରିୟା ଅତି ସୂକ୍ଷ୍ମ ଓ ସ୍ୱଚ୍ଛ ଥିଲା। ଏହି ଅଭୂତପୂର୍ବ ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଏରୁଟ୍ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଯୁବ ବୈଜ୍ଞାନିକମାନେ କେବଳ ମହାକାଶରେ ଏକ ନୂତନ ବୃକ୍ଷ ରୋପଣ କରିନାହାନ୍ତି, ବରଂ ମାଟିରେ ଏକ ନୂଆ ଚେରକୁ ମଧ୍ୟ ଶକ୍ତ କରିଛନ୍ତି, ଯାହା ଆଗାମୀ ପିଢ଼ିକୁ ଅନୁପ୍ରାଣିତ କରିବ।

୨୦୧୮ ମସିହାରେ ଇସ୍ରୋର ପୂର୍ବତନ ଯୁବ ବୈଜ୍ଞାନିକ ପବନ କୁମାର ଚନ୍ଦନା ଏବଂ ନାଗା ଭାରତ ଡାକାଙ୍କ ଦ୍ୱାରା ସ୍କାଏରୁଟ୍ ପ୍ରତିଷ୍ଠା କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ଛୋଟ ଉପଗ୍ରହ ବଜାର ପାଇଁ ମହାକାଶ ଯାତ୍ରାକୁ ସହଜ ଏବଂ ଶସ୍ତା କରିବା। ପୂର୍ବରୁ ୨୦୨୨ରେ ଏହି କମ୍ପାନୀ 'ବିକ୍ରମ-ଏସ୍' ନାମକ ଭାରତର ପ୍ରଥମ ଘରୋଇ ରକେଟ୍‌କୁ ମହାକାଶକୁ ପଠାଇ ଇତିହାସ ରଚିଥିଲା। ଆଜିର ଏହି ସଫଳତା ସ୍କାଏରୁଟ୍‌କୁ ବାଣିଜ୍ୟିକ ଭାବେ ନିୟମିତ ରକେଟ୍ ଉତକ୍ଷେପଣ କରିବା ଦିଗରେ ଏକ ନୂତନ ଶକ୍ତି ପ୍ରଦାନ କରିଛି।

### ସୋନମଙ୍କୁ ଉଠାଇନେଲା...

ଅନଶନ ଜାରି ରଖିବ ବୋଲି ଘୋଷଣା କରିଛି। ସରକାରଙ୍କ ଏପରି ଦମନ ସତ୍ତ୍ୱେ ଆସନ୍ତା ୨୦ ତାରିଖରେ ସେମାନେ ସଂସଦ ଭବନ ଆଡ଼କୁ ପଦଯାତ୍ରା କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ କହିଛନ୍ତି।

ସରକାରଙ୍କ ଏପରି କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅନଶନ ଭଙ୍ଗ କରିବାକୁ ମନା କରିଦେଇଛନ୍ତି ସୋନମ ୱାଙ୍ଗଚୁକ୍। ମେଡିକାଲରେ ଭର୍ତ୍ତି କରାଯିବା ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା। ମାତ୍ର ଏବେ ସ୍ୱାସ୍ଥ୍ୟ ବିଗିଡ଼ିବାରେ ଲାଗିଛି। ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ସେ ମେଡିସିନ୍ କିମ୍ବା ସାଲାଇନ୍ ନେବାକୁ ମନା କରିଦେଇଛନ୍ତି। ସେ କେବଳ ଲୁଣ ପାଣି ପିଉଛନ୍ତି ଏବଂ କୌଣସି ଚିକିତ୍ସା ଗ୍ରହଣ କରୁନାହାନ୍ତି। ତାଙ୍କ ଚିକିତ୍ସା ପାଇଁ ନିୟୋଜିତ ଡାକ୍ତର କହିଛନ୍ତି ଯେ ସୋନମ ଏମିତି ଅନଶନ ଚଳାଇଲେ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଅଚଳ ହୋଇପଡ଼ିବ।

ଅନ୍ୟପକ୍ଷରେ ୱାଙ୍ଗଚୁକଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ସଫଦରଜଙ୍ଗ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଦିଆଯାଉ ନଥିବା ଏବଂ କୌଣସି ପ୍ରକୃତ ଚିକିତ୍ସା ଚାଲି ନଥିବା ସେ ଦାବି କରିଛନ୍ତି। ଏହାସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରୀ ସ୍ତରରେ ଦିଆଯାଉଥିବା ତଥ୍ୟକୁ ମଧ୍ୟ ସେ ସନ୍ଦେହ କରିଛନ୍ତି। ଦିଲ୍ଲୀ ପୁଲିସ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୱାଙ୍ଗଚୁକଙ୍କୁ ହସ୍ପିଟାଲ ଆଣିଥିବା କହୁଥିବା ବେଳେ ଗୀତାଞ୍ଜଳି ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ଉଚ୍ଚ ନ୍ୟାୟାଳୟ କେବଳ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କହିଥିଲେ, ହସ୍ପିଟାଲରେ ଭର୍ତ୍ତି କରିବାକୁ କୌଣସି ଆଦେଶ ଦେଇ ନଥିଲେ।

ସୂଚନାଯୋଗ୍ୟ ଯେ ପରୀକ୍ଷା ପରିଚାଳନାରେ ଅନିୟମିତତା ପ୍ରତିବାଦରେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସୋନମ ୱାଙ୍ଗଚୁକ ଗତ ୨୧ ଦିନ ହେବ ଆମରଣ ଅନଶନ ଚଳାଇଛନ୍ତି। ଏହି ଆନ୍ଦୋଳନ କ୍ରମଶଃ ତୀବ୍ର ହେଉଥିବା ବେଳେ ଏବଂ ସଂସଦ ଅଭିମୁଖେ ପଦଯାତ୍ରା କରିବାର ଦୁଇ ଦିନ ପୂର୍ବରୁ ପୁଲିସ ତାଙ୍କୁ ଆନ୍ଦୋଳନ ସ୍ଥଳରୁ ହଟାଇ ଦେଇଛି। ଆଜି ସକାଳ ପ୍ରାୟ ୭ଟା ୩୦ ମିନିଟରେ ସାଧା ପୋଷାକରେ ପୁଲିସ ଅନଶନ ସ୍ଥଳକୁ ଆସି ୱାଙ୍ଗଚୁକଙ୍କୁ ଉଠାଇନେଇଥିଲା। ଏହି ସମୟରେ ସେଠାରେ ବହୁସଂଖ୍ୟାରେ ଦିଲ୍ଲୀ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ଆନ୍ଦୋଳନକାରୀ ଏହାର ବିରୋଧ କରିବାରୁ ସେମାନଙ୍କୁ ପୁଲିସ ହଟାଇ ଦେଇଥିଲେ।

### 'ଲହରୀ'କୁ ଜାତୀୟ...

ସାମାଜିକ ଜୀବନର ମୂଳତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ-ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀକୁ ବେଶ୍ ଦର୍ଶକୀୟ ଆଦୃତି ମିଳିଥିଲା। ହସର ଲହରୀ ଯେମିତି, ଲୁହର ଲହରୀ ବି ସେମିତି, ବାସ୍ତବ ଜୀବନର ଅନେକ ଉତ୍ଥାନପତନକୁ ଏଥିରେ ଚିତ୍ରିତ କରାଯାଇଛି। ଏହାସହ ବିକାଶ ରାସ୍ତାରେ ବୟସ କେବେ ବାଧକ ସାଜିପାରେନି ବୋଲି ବାର୍ତ୍ତା ନେଇ ଇକୋ ଟୁରିଜିମ୍ ଦ୍ୱାରା ଗାଁର ଲୋକମାନେ କିଭଳି ବିକାଶ କରୁଛନ୍ତି, ତାହା ମଧ୍ୟ ଚଳଚ୍ଚିତ୍ରରେ ଦର୍ଶାଯାଇଛି। କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟ ପରଦାରେ ମଧ୍ୟ 'ଲହରୀ' ଭଲ ପ୍ରଦର୍ଶନ କରିଥିଲା।

ଏହି ସିନେମାରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଛନ୍ତି। ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ ଏବଂ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ଅମର୍ତ୍ତ୍ୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ସହିତ କାହାଣୀ, ଗୀତ ରଚନା, ନୃତ୍ୟ ନିର୍ଦ୍ଦେଶନା ଓ ସମ୍ପାଦନାର ଗୁରୁ ଦାୟିତ୍ୱ ନିଭାଇଛନ୍ତି। ଜାତୀୟ ସ୍ତରରେ ଓଡ଼ିଆ ସିନେମା ପାଇଁ ଏହା ଏକ ଗୌରବମୟ ସଫଳତା। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଲହରୀ' ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ସମ୍ମାନିତ ହେବା ଓଡ଼ିଆ ଚଳଚ୍ଚିତ୍ର ଜଗତର ସୃଜନଶୀଳତା ଓ ଗୁଣାତ୍ମକ କାହାଣୀକୁ ପୁଣିଥରେ ଜାତୀୟ ମଞ୍ଚରେ ପ୍ରତିଷ୍ଠିତ କରିଛି। ଏହି ସଫଳତା ଓଡ଼ିଆ ସିନେମା ଶିଳ୍ପକୁ ଆହୁରି ମଜବୁତ କରିଥିବା କୁହାଯାଉଛି।

ଏହି ପୁରସ୍କାର ଘୋଷଣା ପରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ୍ ମିଡିଆ ଏକ୍ସରେ ସେ ଲେଖିଛନ୍ତି, ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ 'ଲହରୀ' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ମନୋନୀତ ହେବା ବେଶ ଖୁସିର ବିଷୟ। ଚଳଚ୍ଚିତ୍ରର ନିର୍ମାତା, ଅଭିନେତା ତଥା ଏଥିସହ ଜଡ଼ିତ ସଭିଙ୍କୁ ମୋର ଶୁଭେଚ୍ଛା। ଆଗାମୀ ଦିନରେ ସମସ୍ତଙ୍କର ଆହୁରି ସଫଳତା କାମନା କରୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ପାଖାପାଖି ହେବ...

ଆବଶ୍ୟକ ବାଲଟପେପର ଓ ଗାଡ଼ି ପାଇଁ ମଧ୍ୟ ବରାଦ ହୋଇଛି। ଏନ୍‌ଏସିଗୁଡ଼ିକର ପ୍ରତି ୱାର୍ଡରେ ଗୋଟିଏ ଲେଖାଏଁ ବୁଥ୍ ସ୍ଥାପନ କରାଯିବ। ସେହିପରି ସମ୍ବଲପୁର ମହାନଗର ନିଗମକୁ ନେଇ ହାଇକୋର୍ଟରେ ଲାଗି ରହିଥିବା ଆଇନଗତ ସମସ୍ୟାର ସମାଧାନ ହୋଇସାରିଛି ଓ ଏଥିପାଇଁ ସରକାରୀ ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ ପାଇସାରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ପୌର ଏବଂ ପଞ୍ଚାୟତ ନିର୍ବାଚନ ମଧ୍ୟରେ ୪-୬ ମାସ ଅନ୍ତର ରହୁଥିବା ବେଳେ ଆସନ୍ତା ବର୍ଷ ଏହା ଲାଗି ଲାଗି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଅନ୍ୟପଟେ ନିର୍ବାଚନୀ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରସଙ୍ଗକୁ ନେଇ ରାଜନୈତିକ ବୟାନବାଜି ଜୋରଦାର ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, କଂଗ୍ରେସ ଉଭୟ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ସରକାର ସହରାଞ୍ଚଳରେ କୌଣସି ଜନକଲ୍ୟାଣକାରୀ ଯୋଜନା କରି ନ ଥିବାରୁ ଜନତା ତାଙ୍କୁ କଦାପି ଗ୍ରହଣ କରିବେ ନାହିଁ। ବାସ୍ତବରେ ସରକାର କେବଳ ନିର୍ବାଚନ ନାଁରେ ଭେଳିକି ଦେଖାଉଛନ୍ତି। ଆମେ କରୁଛୁ କରୁଛୁ ବୋଲି ସରକାର କେବଳ କହିବେ; କିନ୍ତୁ ନିର୍ବାଚନ କରାଇବାକୁ ପଛଘୁଞ୍ଚା ଦେବେ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନୂଆ ଏନଏସି ଓ ପୌରପାଳିକା ଗଠନ ନେଇ ଘୋଷଣା କରିଥିଲେ। ବିଜେପି ସରକାର ଆସିବା ପରେ ଏହି ପ୍ରକ୍ରିୟା ଆଗକୁ ବଢ଼ାଉଛି ସତ; ମାତ୍ର ୩୫ଟି ଅଞ୍ଚଳକୁ ଏଥିରେ ସାମିଲ କରାଯାଇଥିବାରୁ ଅନ୍ୟ ଘୋଷିତ ଅଞ୍ଚଳକୁ ଏଥିରୁ ବାଦ୍ ଦିଆଯାଇଛି। ତେଣୁ ସେଠାକାର ଲୋକଙ୍କ ମଧ୍ୟରେ ସରକାରଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ରହିଛି। ଏହି ଅସନ୍ତୋଷ କାରଣରୁ ସରକାର ଭୟରେ ଜାଣିଶୁଣି ପଞ୍ଚାୟତ ନିର୍ବାଚନକୁ ଘୁଞ୍ଚାଇ ଦେଇଛନ୍ତି। ପୌର ନିର୍ବାଚନ ହେଲେ ବିଜେଡି ନିଶ୍ଚିତ ଭାବେ ବିଜୟୀ ହେବ। ସାଧାରଣଜନତା ଏବେ ବି ବିଜେଡି ସହିତ ଅଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବିଜେପି ବିଧାୟକ ସନାତନ ବିଜୁଳି କହିଛନ୍ତି, ବିଜେପି ସରକାର ନୂଆ ପୌରସଂସ୍ଥା କାଗଜପତ୍ର କାମ ସାରି ଓ ନିର୍ବାଚନ ବି କରିବାକୁ ଯାଉଛନ୍ତି। ଏଥିପାଇଁ ବିଜେପି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଅନେକ ପୌର ପ୍ରତିନିଧି ଏବେ ବିଜେପିମୁହାଁ ହେଉଛନ୍ତି ବୋଲି ସେ କହିଛନ୍ତି।

## ୩ ବର୍ଷିଆ ଏଲ୍‌ଏଲ୍‌ବି ପାଇଁ ଆବେଦନ ଆରମ୍ଭ

■ ଜୁଲାଇ ୩୦ ଯାଏଁ ଆବେଦନ କରିପାରିବେ ଛାତ୍ରଛାତ୍ରୀ
■ ଅଗଷ୍ଟ ୬ ତାରିଖରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର,୧୮।୭(ସମିସ): ତିନି ବର୍ଷିଆ ଏଲ୍‌ଏଲ୍‌ବି (ଆଇନ) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆବେଦନ ଆରମ୍ଭ ହୋଇଛି। ସାମ୍ସ ପୋର୍ଟାଲ୍‌ରେ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ୩୦ ତାରିଖ ଯାଏଁ ଆବେଦନ କରିପାରିବେ। ଅଗଷ୍ଟ ୬ ତାରିଖ ଅପରାହ୍ଣ ୨ ଟା ରେ ପ୍ରଥମ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଏହି ରାଉଣ୍ଡରେ ନାମଲେଖା ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଅଗଷ୍ଟ ୬ ରୁ ୧୧ ତାରିଖ ମଧ୍ୟରେ ସ୍ଲାଇଡ୍ ବା ଫ୍ରିଜ ବିକଳ୍ପ ବାଛିବା ସହ ନାମଲେଖାଇବେ। ଅଗଷ୍ଟ ୧୭ ତାରିଖରେ ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇବ। ଆଇନ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଅଗଷ୍ଟ ୨୧ ତାରିଖରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୪ଟି ଶିକ୍ଷାନୁଷ୍ଠାନରେ ମୋଟ ୩୯୦ଟି ସିଟ୍ ରହିଛି।


**34001/498/2627** GOVERNMENT OF ODISHA

**SUPERINTENDING ENGINEER, BOUDH (R&B) DIVISION, BOUDH**

E-mail - eeboudhrb@gmail.com

**INVITATIONS FOR BIDS (IFB)**

No. 3373 Date. 15-07-2026

**1st corrigendum to tender call Notice no. SE BDH-04/2026-27 dated 10.07.2026.**

The following changes are made in respect of the bid identification No. BDH. 04/2026-27 dated 10.07.2026 for Sl. No. 01 i.e., **"Shifting of 11 KV HT & LT lines and sub-station for Construction of HL Bridge over Kukuteswar Nallah at Ch. 8/130 Km on Purunakatak-Dholpur road in the District of Boudh".**

1. Date & Time of availability of Bid documents in the portal : From 22.07.2026, 10.00 AM to 30.07.2026, 5.00 PM
2. Last date/time for seeking of Tender Clarification: 30.07.2026 up to 1.00 P.M
3. Last date / time for receipt of bids in the portal : up to 5.00 P.M. of dated 30.07.2026
4. Date & time of opening of tender /Bid : 31.07.2026 at 11.30 A.M

Superintending Engineer,
Boudh (R&B) Division, Boudh

OIPR-34001/34134/1/26-27/0009

**ବୀରମିତ୍ରପୁର ପୌରପାଳିକା କାର୍ଯ୍ୟାଳୟ; ବୀରମିତ୍ରପୁର**

**OFFICE OF THE BIRMITRAPUR MUNICIPALITY; BIRMITRAPUR**

Municipality Office, Birmitrapur-770033,
Tel:-0661-2610228 Webpage:-https://birmitrapur.in, E-mail: -biramitrapurm.hud@nic.in

ପୌରପାଳିକା କାର୍ଯ୍ୟାଳୟ ବୀରମିତ୍ରପୁର- ୭୭୦୦୩୩ 13001/1224/2627

**ନିଲାମ ନୋଟିସ୍**

ସଂଖ୍ୟା: ୧୮୧୨, ତାରିଖ: ୧୭.୦୭.୨୦୨୬

ବୀରମିତପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୮(ଆଠ) ଗୋଟି ଦୋକାନ ଗୃହକୁ ଖୋଲା ନିଲାମ ଦ୍ୱାରା ଆବଣ୍ଟନ କରାଯିବ। ଆଗ୍ରହୀ ବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ଖୋଲା ନିଲାମ ରେ ଅଂଶଗ୍ରହଣ କରିପାରିବେ। ଏହାର ନିର୍ଦ୍ଧାରିତ ମୂଲ୍ୟ ଓ ଅମାନତ ଟଙ୍କାର ବିବରଣୀ ତଥା ନିଲାମର ସର୍ତ୍ତାବଳୀ ନିମ୍ନମତେ ଦିଆଗଲା।

| କ୍ରମିକ ନଂ | ଦୋକାନ | ନିର୍ଦ୍ଧାରିତ ପ୍ରାରମ୍ଭିକ ମୂଲ୍ୟ ପ୍ରତ୍ୟେକ ପାଇଁ | ଅମାନତ ରାଶି ପ୍ରତ୍ୟେକ ପାଇଁ | ମାସିକ ଦୋକାନ ଭଡା |
|---|---|---|---|---|
| ୧ | ବୀରମିତପୁର କୋର୍ଟ ସମ୍ମୁଖରେ ନବ ନିର୍ମିତ ୮(ଆଠ) ଗୋଟି ଦୋକାନ ( ବାମରୁ ଡାହାଣ କ୍ରମିକସଂଖ୍ୟା୦୧ ରୁ ୦୮) | ଟ.୧,୫୦,୦୦୦/- | ଟ.୧୫,୦୦୦/- | ଟ.୨୫୦୦/- |

ସର୍ତ୍ତାବଳୀ

୧. କେବଳ ବୀରମିତ୍ରପୁର ପୌରାଞ୍ଚଳର ବସିନ୍ଦା ଉକ୍ତ ନିଲାମରେ ଭାଗ ନେଇପାରିବେ।
୨. ପୂର୍ବରୁ ପରିଷଦର ବକେୟା ଦେୟ ଥିବା କିମ୍ବା କଳା ତାଲିକା ଭୁକ୍ତ ବ୍ୟକ୍ତି ଉକ୍ତ ନିଲାମରେ ଭାଗ ନେଇ ପାରିବେ ନାହିଁ। ଏହି ସକାଶେ ବ୍ୟକ୍ତି ନିଜେ ଆତ୍ମଘୋଷଣା ନାମା ଦାଖଲ କରିବେ।
୩. ଜଣେ ବ୍ୟକ୍ତି କେବଳ ଗୋଟିଏ ମାତ ଦୋକାନ ନେଇପାରିବେ।
୪. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ତାରିଖ, ସ୍ଥାନ, ସମୟରେ ଉପସ୍ଥିତ ରହି ନିର୍ଦ୍ଧାରିତ ଦୋକାନ ର ଅମାନତ ରାଶି ପୌରପାଳିକା ପାଣ୍ଠିରେ ଜମା କରିବେ ଅନ୍ୟଥା ନିଲାମ ଡାକରେ ଅଂଶଗ୍ରହଣ କରିପାରିବେ ନାହିଁ।
୫. ଯେଉଁ ବ୍ୟକ୍ତି ଙ୍କ ନାମରେ ପୂର୍ବରୁ ପୌରପାଳିକା ତରଫରୁ ଦୋକାନ ଗୃହ ଆବଣ୍ଟିତ ହୋଇଥାଏ, ତେବେ ଉକ୍ତ ବ୍ୟକ୍ତି ନିଲାମ ଡାକରେ ଭାଗ ନେଇ ପାରିବେ ନାହିଁ।
୬. ନିଲାମ ଡାକ ନିର୍ଦ୍ଧାରିତ ପ୍ରାରମ୍ଭିକ ମୂଲ୍ୟ ଠାରୁ ଆରମ୍ଭ ହୋଇ ଟ.୫୦୦୦.୦୦ଙ୍କା ଲେଖାଏଁ ବଢ଼ି ବଢ଼ି ଯିବ।
୭. ଯାହାଙ୍କ ସପକ୍ଷରେ ସର୍ବୋଚ୍ଚ ଡାକ ନିଲାମ ସିଦ୍ଧ ହେବ ସେ ଉକ୍ତ ନିଲାମ ଡାକରେ ପୂର୍ବ ରାଶି ଏକକାଳୀନ ଦାଖଲ କରିବେ। ନଚେତ ତାଙ୍କର ଅମାନତ ରାଶି ଟଙ୍କା ବ୍ୟାଜାପ୍ତି କରାଯିବ।
୮. ନିମ୍ନ ସ୍ୱାକ୍ଷରକାରୀ ଯେକୌଣସି ନିଲାମ ଡାକ ଓ ଆବଣ୍ଟନ ବାବଦରେ ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ।
୯. ତା.୦୩.୦୮.୨୦୨୬ରିଖ ସମୟ ପୂର୍ବାହ୍ନ ୧୧ଟା- ନିଲାମ ଡକାଯିବ, ସ୍ଥାନ-ପୌରପରିଷଦ ସଭାଗୃହ, ବୀରମିତ୍ରପୁର ପୌରପାଳିକା।

ନିର୍ବାହୀ ଅଧିକାରୀ
ବୀରମିତ୍ରପୁର ପୌରପରିଷଦ

OIPR-13001/13139/1/26-27/0004

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**(ZILLA SWASTHYA SAMITI, Dhenkanal)**

**INVITING OBJECTIONS (IF ANY) OF THE DATA BASE**

10001/378/2627

In pursuance to the Advt. No-2015 dtd-09.06.2026, the Candidates applied for the post of **Physiotherapist-IPU, DHH (In-House)** under NHM for Dhenkanal districts are requested to check the data base in the District website www.dhenkanal.odisha.gov.in. In case of any objection regarding the data base, may be communicated to the Chief District Medical & PH Officer, Dhenkanal in written on or before **30.07.2026, 5.30 p.m** by **"Speed-post / Registered post only"** with the superscription on the envelop **"Objection on the Database for the Post of ..............."**. Any objections will not be entertained after the due date. The Undersigned is not responsible for any postal delay.

Sd/- Chief District Medical & P.H. Officer,
Dhenkanal

OIPR-10001/10059/1/26-27/0008

**DOCUMENT LOST**

ମୁଁ ବିଶ୍ୱନାଥ ନାୟକ, ବୟସ ପ୍ରାୟ ୭୪ ବର୍ଷ, ସ୍ୱର୍ଗତ କେଶବ ନାୟକଙ୍କ ପୁତ୍ର, ଗ୍ରାମ/ପି.ଓ.- ତରାସ, ଥାନା- ରାଜକନିକା, ଜିଲ୍ଲା- କେନ୍ଦ୍ରାପଡ଼ା, ଓଡ଼ିଶା ର ବାସିନ୍ଦା, ଏତଦ୍ୱାରା ଘୋଷଣା କରୁଛି ଯେ ମୁଁ ଗଙ୍ଗାଧରପୁର ଗ୍ରାମର ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ପୁଅ ଶୁଭକାନ୍ତ ନାୟକଙ୍କ ଠାରୁ **RSD ନଂ- 10991500518** (ତାରିଖ: ୧୬.୧୧.୨୦୨୫) ଖାତା ନଂ- ୨୨୪/୪୦ ଓ ପ୍ଲଟ୍ ନଂ- ୧୦୨୬/୧୧୮୫, ମୌଜା- ବଡ଼ତାଇଲା ବିଶିଷ୍ଟ ଏକ ଜମି କ୍ରୟ କରିଥିଲି। ଉକ୍ତ ଜମିର ମୂଳ ଦସ୍ତାବିଜ୍ କୌଣସି ସ୍ଥାନରେ ହଜିଯାଇଛି ଏବଂ ତାହା ଆଉ ମିଳିବାର ସମ୍ଭାବନା ନାହିଁ। ଯଦି କୌଣସି ବ୍ୟକ୍ତି ଏହା ପାଆନ୍ତି, ତେବେ ଦୟାକରି ମୋ ଠିକଣା କିମ୍ବା ନିକଟସ୍ଥ ଥାନାରେ ଯୋଗାଯୋଗ କରିବେ ଏବଂ ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ସେଥିପାଇଁ ମୁଁ ଦାୟୀ ରହିବି ନାହିଁ।

**ସତ୍ୟପାଠ**

ମିନତି ଯେନା ବୟସ (୫୦), ସ୍ୱାମୀ- ସ୍ୱର୍ଗତ ନୃସିଂହ ଯେନା ଗ୍ରାମ- କୋଇକଦା, ପୋ- ଦ୍ୱୋବଲ, ଥାନା- ଧାମନଗର ଜିଲ୍ଲା-ଭଦ୍ରକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋର ନାମ ଘରବାଡ଼ି ପଟାରେ ଅର୍ଣ୍ଣପୂର୍ଣ୍ଣା ଯେନା ଉଲ୍ଲେଖ ଅଛି, ମୋର ନାମ ମିନତି ଯେନା ପରିବର୍ତ୍ତେ ଅର୍ଣ୍ଣପୂର୍ଣ୍ଣା ଯେନା ବୋଲି ଉଲ୍ଲେଖ ଅଛି, ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଆଫିଡେଫିଟ ନଂ - ୫୦୦୫ ତା- ୨୫.୦୬.୨୦୨୬ରିଖ ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ର ମିନତି ଯେନା ପରିଚିତ କଲି, ଯାହା ଆବଶ୍ୟକ ସ୍ଥଳେ କାର୍ଯ୍ୟରେ ଆସିବ। (ମିନତି ଯେନା ଏବଂ ଅର୍ଣ୍ଣପୂର୍ଣ୍ଣା ଯେନା ଜଣେ ଅଟନ୍ତି)

ସ୍ୱା/-ମିନତି ଯେନା

**AFFIDAVIT**

I, Talimun Bibi, Age-56, W/o- Akbar Khan, At: Badahantuad, Ward No.: 12, PO/PS: Banpur, Dist.: Khurda, PIN-752031, Odisha, declared by this Affidavit No. 842/2026 Dated. 17.07.2026, That now onwards I shall be known as TALEMUN BIBI that for all future Purposes.

**AFFIDAVIT**

I, Smruti Sudha Nayak, W/o-Hemanta Mohanty, resident of At-Talatapanda, Po-Mathani, Ps-Basta, Dist-Balasore, Odisha, Pin-756029, declare by this affidavit No.3193 dtd. 15/07/2026, that now onwards I shall be known as **SMRUTISUDHA MOHANTY** for all future purposes.

**AFFIDAVIT**

By virtue of an affidavit on dtd-17.07.2026 sworn before The Notary Public, Cuttack. I, **Pravabati Mohanty** (new name), W/o Amiya Kumar Mohanty, permanent resident of Balisahi, Madhupatana, Cuttack Sadar, Dist- Cuttack, PIN- 753010, Odisha declare that I have changed my name from **Pravati Mohanty** (old name) to **Pravabati Mohanty** (new name). Henceforth, I shall be known as **Pravabati Mohanty** (new name) for all purposes.

**Pravabati Mohanty**

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.07-KUR-TRD-OT-2026-27

**କାର୍ଯ୍ୟର ନାମ :** ବାହର ଏଜେନ୍ସି ମାଧ୍ୟମରେ ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ରେ ଟାୱାର ୱାଗନ୍‌ର ଜଳ ପରିବହନ ପ୍ରଣାଳୀ **CRT-5633 (AV-TECH ନିର୍ମିତ)-05ଟି, ଆକ୍ସେଲ୍ ଡ୍ରାଇଭ୍-06ଟି,** ଏବଂ ଲିଫ୍ଟିଙ୍ଗ୍ ଓ ସ୍ୱିଭେଲିଙ୍ଗ୍ ପ୍ଲାଟ୍‌ଫର୍ମଗୁଡ଼ିକର ଓଭରହାଲିଙ୍ଗ୍-07ଟିର ମରାମତି (POH)।

**ବିଜ୍ଞାପିତ ମୂଲ୍ୟ :** ₹1,48,81,892.65, EMD: ₹2,97,600.00, ଶେଷ ହେବା ଅବଧି: 180 ଦିନ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 21.07.2026

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 04.08.2026, 13.00 ଘଟିକା।

ବିଡରମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ। ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫରକୁ ଅଣଦେଖା କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **https://www.ireps.gov.in** ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍

PR-306/R/26-27

**AFFIDAVIT**

I, PADMABATI PATNAIK, W/O SURESH CHANDRA PATNAIK, resident of At- Shriram Colony, Parabeda, PO/PS - Jeypore, Dt - Koraput - 76400, Odisha declare by this Affidavit No.3115, Dated - 17/07/2026, that now onwards I shall be known as **PADMAVATI PATNAIK** for all future purposes.

**AFFIDAVIT**

By virtue of an affidavit no- 4287, dated-25/11/2025 sworn before Executive Magistrate, Banpur, declare that I, Sabita Sahoo, W/o- Niranjan Sahoo of Address At- Brundabanpur, Po- Badasireipur, Ps- Banpur, Dist- Khordha, Odisha, Pin- 752031, declare that I have changed my minor Son's name from Nirmal Sahoo to Nirmala Sahoo. Henceforth, he shall be known as **Nirmala Sahoo** for all purposes.

**Nirmala Sahoo**

**AFFIDAVIT**

I, RASHMI RANI SAHOO, Wife of Rajeep Ranjan Saha, resident of At: Plot No. 352/ 3343, 217/3342, Mahadev Nagar, Jharapada, P.O. Budheswari Colony, P.S. Laxmisagar, Bhubaneswar, Dist. Khordha, Odisha, PIN: 751006, declare by this affidavit No. 45, dated- 17/07/ 2026, that now onwards I shall be known as **RASMI RANI SAHOO** for all future purposes.

**AFFIDAVIT**

I, **Mobarakali Shah,** S/o: Daud Ali, Resident At: Patana, PO: Mohiuddin Pur, PS: Jagatsinghpur- 754294, Odisha, Declare by this Affidavit No: 11414, Dt: 18.07.2026. That now on wards I Shall be known as **Mobarak Ali**. For all Features Purposes.

**AFFIDAVIT**

I, **Shaikh Moslim Ali,** S/o: Mobarak Ali, Resident At: Patana, PO: Mohiuddin Pur, PS: Jagatsinghpur- 754294, Odisha, Declare by this Affidavit No: 11413, Dt: 18.07.2026. That now on wards I Shall be known as **Shaikh Muslim Ali.** For all Features Purposes.

**AFFIDAVIT**

By virtue of an affidavit sworn before the Executive Magistrate, Berhampur, on 10 July 2026, I, Sidhartha Sankar Shyamapada Das, resident of Shrinibaspur, College Road, Banpur, P.O./P.S. Banpur, Dist. Khordha – 752031, hereby declare that I have changed the name of my son from Aarav Patnaik Das to KARNIK DAS. Henceforth, he shall be known as **KARNIK DAS** for all purposes.

**(Sidhartha Sankar Shyamapada Das)**

**AFFIDAVIT**

I, Azharuddin Nasiruddin Shaikh, S/o- Late Nasiruddin Shaikh, Resident of At- Pijuruddin Lane, Po-Sunhat, Phandi Chhak, Goni Pada, Balubazar, P.S.-Town, Dist.: Balasore-756002, Odisha, declare by this Affidavit No. 4903, dated 30/06/2026, that from now onwards I shall be known as **Azharuddin Shaikh** for all future purposes.

**AFFIDAVIT**

I, BALA DAS, W/O - HARI GOPAL DAS resident of At - Ambaguda B.J - II, PO - Rondapalli, PS - Jeypore Sadar, Dist - Koraput - 764055, Odisha declare by this Affidavit No. 3114, Dated - 17/07/2026, that now onwards I shall be known as **BELI DAS** for all future purposes.

**AFFIDAVIT**

I, SUTAPALI GOUTAMI, W/O Sutapali Balaji resident of At - Dasarathi Street, Bell Road, PO/PS -Jeypore, Dist - Koraput - 764001, Odisha declare by this Affidavit No. 945, Dated -17/07/2026, that now onwards I shall be known as **S GOUTHAMI** for all future purposes.

**ଜନସଂଖ୍ୟା ସଚେତନତା ପକ୍ଷ**

# ସଫଳତା ପାଇଥିବା ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱାସ୍ଥ୍ୟକର୍ମୀ ସମ୍ବର୍ଦ୍ଧିତ

ଜଗତସିଂହପୁର,୧୮।୭(ସମିସ)



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ବିଶ୍ୱ ଜନସଂଖ୍ୟା ପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସ୍ନିଗ୍ଧାମୟୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପକ୍ଷ ଜୁନ ୨୭ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥିବା ବେଳେ ଦ୍ୱିତୀୟ ପକ୍ଷ ଜୁଲାଇ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି ପକ୍ଷରେ ସ୍ଥାୟୀ ପଦ୍ଧତି ମହିଳା ବନ୍ଧ୍ୟାକରଣ ଓ ପୁରୁଷ ବନ୍ଧ୍ୟାକରଣ ଏବଂ ଅସ୍ଥାୟୀ ପଦ୍ଧତି ଯଥା- କପରଟି, ଅନ୍ତରା ଇଞ୍ଜେକ୍ସନ ପାଇଁ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କ୍ୟାମ୍ପ ତାରିଖ ରଖାଯାଇଛି।

ଗତବର୍ଷ ୨୦୨୫-୨୬ରେ ପୁରୁଷ ବନ୍ଧ୍ୟାକରଣରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏରସମା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁଜଙ୍ଗ ଦ୍ୱିତୀୟ ଏବଂ ରଘୁନାଥପୁର ଓ ମଣିଜଙ୍ଗା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମହିଳା ବନ୍ଧ୍ୟାକରଣରେ ଏରସମା, ରଘୁନାଥପୁର ଓ କୁଜଙ୍ଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜନ୍ମ ପରବର୍ତ୍ତୀ ମହିଳା ବନ୍ଧ୍ୟାକରଣରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ସହ ଅସ୍ଥାୟୀ ପଦ୍ଧତି କପରଟିରେ ମଧ ପ୍ରଥମ ସ୍ଥାନ ପାଇଛନ୍ତି। କପରଟିରେ ଏରସମା ଦ୍ୱିତୀୟ ଓ ମଣିଜଙ୍ଗ ତୃତୀୟ ସ୍ଥାନ ପାଇଛନ୍ତି। ଅନ୍ତରା ଇଞ୍ଜେକ୍ସନରେ ଏରସମା ପ୍ରଥମ, କୁଜଙ୍ଗ ଦ୍ୱିତୀୟ ଓ ମଣିଜଙ୍ଗା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ଜେନା ଏବଂ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ) ଡା. ପ୍ରମୋଦ କୁମାର ବାରିକ, ରାଜ୍ୟରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଆର୍‌ଏମ୍‌ଏନ୍‌ସିଏଏଚ୍ କନ୍ସଲଟାଣ୍ଟ ସରୋଜ ପାଣିଗ୍ରାହୀ ବିଭିନ୍ନ ପରିବାର ନିୟୋଜନ ପଦ୍ଧତିରେ ସ୍ଥାନ ପାଇଥିବା ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ କର୍ମକର୍ତ୍ତାମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ସେହିପରି ପରିବାର ନିୟୋଜନ ପଦ୍ଧତିରେ ଭଲ ପ୍ରଦର୍ଶନ କରିଥିବା ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରିବାର ନିୟୋଜନ ପଦ୍ଧତିରେ ମୋଟାମୋଟି ଭାବରେ ଭଲ ପ୍ରଦର୍ଶନ କରିଥିବା ସ୍ୱାସ୍ଥ୍ୟକେନ୍ଦ୍ର ଏରସମା (ପ୍ରଥମ), କୁଜଙ୍ଗ (ଦ୍ୱିତୀୟ) ଓ ମଣିଜଙ୍ଗା (ତୃତୀୟ)ଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ମହିଳା ବନ୍ଧ୍ୟାକରଣ (ଲାପରସ୍କୋପିକ) ଅପରେସନ କରିଥିବା ଡା. ସୁକାନ୍ତ କୁମାର ଦଳାଇ, ଡା. ସୁବାସ ଚନ୍ଦ୍ର ବେହେରା, ଡା. ସରୋଜ କୁମାର ଜେନା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୁରୁଷ ବନ୍ଧ୍ୟାକରଣରେ ଡା. ସୈଖ କାସିଫ ସାହାଜାଦା ଏବଂ ମିନିଲାପ ଅପେରସନରେ ଡା. ଦିଲ୍ଲୀପ ସାଗର ପ୍ରମୁଖଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ବାସନ୍ତୀ ପାଲ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ରଶ୍ମି ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ସନ୍ତୋଷ କୁମାର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ସୁଶାନ୍ତ କୁମାର ମହାନ୍ତି, ସମସ୍ତ ବ୍ଲକର ସିଡିପିଓ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଏବଂ ଜିଲ୍ଲାର ସମସ୍ତ କନ୍ସଲଟାଣ୍ଟ ମାନେ ଉପସ୍ଥିତ ଥିଲେ। ଜିଲ୍ଲା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳିକା ସନ୍ଧ୍ୟାରାଣୀ ପଣ୍ଡା ସଭା ପରିଚଳନା କରିଥିବା ବେଳେ ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସମସ୍ତ ସହଯୋଗ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମନ୍ଦିରରୁ ଚୋରି କରି ଜଣେ ଗିରଫ, ଚୋରି ସାମଗ୍ରୀ ଜବତ



ବାଲିକୁଦା,୧୮।୭(ସମିସ): ବାଲିକୁଦା ଥାନା ବାଲିସାହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଥାନପତିଙ୍କ ମନ୍ଦିରରୁ ଶୁକ୍ରବାର ଦିନ ଦ୍ୱିପହରେ ଘଟିଥିବା ଚୋରି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ସିସିଟିଭି ଫୁଟେଜକୁ ଆଧାର କରି ସ୍ଥାନୀୟ ଜନସାଧାରଣଙ୍କ ତତ୍ପରତା ଯୋଗୁଁ ଅଭିଯୁକ୍ତ ଚୋରକୁ କାବୁ କରାଯିବା ସହ ମା'ଙ୍କ ସୁନା ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ଉଦ୍ଧାର କରାଯାଇ ପୁଲିସ ଜିମାରେ ଦିଆଯାଇଛି।

ପୂଜକ ସୁଶାନ୍ତ କୁମାର ପଣ୍ଡାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ସେ ମଧ୍ୟାହ୍ନ ଆଳତି ସାରି ନିକଟସ୍ଥ ଶିବ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପ୍ରାୟ ୧୫ ମିନିଟ୍ ଏହି ସମୟକୁ ସୁଯୋଗ ଭାବେ ନେଇ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତ ମନ୍ଦିରରେ ପ୍ରବେଶ କରି ମା'ଙ୍କ ସୁନା ମୁକୁଟ ସହ ମୂଲ୍ୟବାନ ଅଳଙ୍କାର ଚୋରି କରି ଫେରାର ହୋଇଥିଲା। ପୂଜକ ମନ୍ଦିରକୁ ଫେରିବା ପରେ ମା'ଙ୍କ ଅଳଙ୍କାର ନଥିବା ଦେଖି ତୁରନ୍ତ ମନ୍ଦିର ପରିଚାଳନା କମିଟିକୁ ସୂଚନା ଦେଇଥିଲେ। ପରେ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ସହ ସ୍ଥାନୀୟ ଲୋକେ ସମଗ୍ର ବାଲିକୁଦା ବଜାରରେ ଚୋରକୁ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ ଏକ ଦୋକାନ ନିକଟରୁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ କାବୁ କରାଯାଇଥିଲା। ତାଙ୍କ ପାଖରେ ଥିବା ଗାମୁଛା ଭିତରୁ ମା'ଙ୍କ ସମସ୍ତ ଚୋରି ହୋଇଥିବା ଅଳଙ୍କାର ଜବତ ହୋଇଥିଲା। ପରେ ଅଭିଯୁକ୍ତଙ୍କୁ ପୁଲିସ ଜିମାରେ ଦିଆଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଅଭିଯୁକ୍ତ ବାଲିକୁଦା ଥାନା ଅଧୀନ ଥାଇଲ ପଞ୍ଚାୟତର କାଙ୍ଗା ମଲ୍ଲିକ ହୋଇଥିବା ବେଳେ ପୂର୍ବରୁ ମଧ ସେ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ଥାଇ ଏକାଧିକ ଥର ଜେଲ ଯାଇଥିବା ଦାବି କରାଯାଇଛି। ଧରାପଡ଼ିବା ପରେ ସେ ଅନ୍ୟ ଜଣେ ସହଯୋଗୀଙ୍କ ନାମ ମଧ ପ୍ରକାଶ କରିଛି। ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଛି।

# ଜଗତସିଂହପୁରରେ ସ୍ୱତନ୍ତ୍ର ଲୋକ ଅଦାଲତ

ଜଗତସିଂହପୁର,୧୮।୭(ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧକ୍ଷତାରେ ଏବଂ ପ୍ରାଧିକରଣର ସଚିବ ମିସ୍ ବିଡିଡି ଚନ୍ଦନାଙ୍କ ତତ୍ତ୍ୱାବଧାନରେ ଚେକ୍ ବାଉନ୍ସ ମାମଲାର ସମାଧାନ ନିମନ୍ତେ ଏକ ସ୍ୱତନ୍ତ୍ର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ଅତିରିକ୍ତ ଜିଲ୍ଲାଜଜ୍ ବିଭୁ ପ୍ରସାଦ ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରୋତ୍ତମ ସେଠୀ, ଏସ୍‌ଡିଜେଏମ୍ ଶ୍ରୀ ପ୍ରତ୍ୟୁଷ କୁମାର ଚାନ୍ଦ ଯୋଗଦେଇ ମାମଲା ଗୁଡ଼ିକର ପରିଚାଳନା କରିଥିଲେ। ସେହିପରି କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ମୁନସିଫ ବର୍ଷା ଦାସ, ଜେଏମଏଫସି ରାଜେଶ ମିଶ୍ର ଯୋଗଦେଇ ମାମଲା ଗୁଡ଼ିକର ପରିଚାଳନା କରିଥିଲେ। ଜିଲ୍ଲାରୁ ମୋଟ ୯୯ ମାମଲାରୁ ୨୧ଟି ସଫଳତାର ସହ ଫଇସଲା ହେବା ସହିତ ୨୧ ଲକ୍ଷ ୪୧ ହଜାର ୯୫୩ ଟଙ୍କା ଆଦାୟ କରାଯାଇଛି।

■ **ନିଶା ବେପାରୀକୁ ଧରିଲା ଅବକାରୀ ବିଭାଗ**

# ୨୮ ଗ୍ରାମର ହେରୋଇନ୍ ଓ ମୋବାଇଲ ଜବତ

ଜଗତସିଂହପୁର,୧୮।୭(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ତର୍ତ୍ତଙ୍ଗ ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୨୮ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ତର୍ତ୍ତଙ୍ଗ ଗ୍ରାମର ସ୍ମୃତିରଞ୍ଜନ ଜେନା ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଲ ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ତର୍ତ୍ତଙ୍ଗ ଗ୍ରାମରେ ମାଡି ବସିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି।

# ଯକ୍ଷ୍ମା ରୋଗୀଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ

ପାରାଦୀପ,୧୮।୭(ସମିସ): ପ୍ରଧାନମନ୍ତ୍ରୀ ଯକ୍ଷ୍ମା (ଟିବି) ମୁକ୍ତ ଭାରତ ଅଭିଯାନ ଅଧୀନରେ ଏଏମ/ଏନଏସ ପୋର୍ଟସ୍ ପକ୍ଷରୁ ଜଗତସିଂହପୁର ଜିଲ୍ଲା ଯକ୍ଷ୍ମା (ଟିବି) କାଉନସିଲ୍ ସହଭାଗିତାରେ କୁଜଙ୍ଗ ବ୍ଲକ ଏବଂ ପାରାଦୀପ ପୌରାଞ୍ଚଳର ୧୨୩




ଜଣ ଯକ୍ଷ୍ମା ରୋଗୀଙ୍କୁ ୩୪୪ଟି ପୁଷ୍ଟିକର ଖାଦ୍ୟ ବାସ୍କେଟ୍ ବଣ୍ଟନ କରିଛି। ଏହି ବାସ୍କେଟ୍‌ରେ ମିଲ୍କ ପାଉଡର (କ୍ଷୀର ଗୁଣ୍ଡ), ଡାଲି, ରୋଷେଇ ଉପଯୋଗୀ ତେଲ, ଶସ୍ୟ ଜାତୀୟ ସାମଗ୍ରୀ ଏବଂ ମିଲେଟ୍ ଭଳି ବିଶେଷ ଭାବରେ ପ୍ରସ୍ତୁତ ଖାଦ୍ୟ ରହିଛି। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ରୋଗୀମାନଙ୍କୁ ଶୀଘ୍ର ସୁସ୍ଥ ହେବାରେ ସାହାଯ୍ୟ କରିବା ପାଇଁ ଏହି ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକୁ ବିଶେଷ ରୂପେ ଚୟନ କରାଯାଇଛି। ଏଏମ୍/ଏନ୍‌ଏସ୍ ପୋର୍ଟସ୍ ୨୦୨୩ ମସିହାରୁ ଏହି ରୋଗୀମାନଙ୍କୁ ସହାୟତାର ହାତ ବଢ଼ାଇ ଆସୁଛି। ସେମାନେ ଯେପରି ଅତ୍ୟାବଶ୍ୟକ ସେବା ଓ ସଠିକ୍ ସମୟରେ ସହାୟତା ପାଇପାରିବେ ତାହା ସୁନିଶ୍ଚିତ କରି ୩୦୦୦ ରୁ ଅଧିକଙ୍କ ଜୀବନରେ ସୁଧାର ଆଣିଛି। ପାରାଦୀପ ବିଜୁ ମେମୋରିଆଲ ହସ୍ପିଟାଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତସିଂହପୁରର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ରଶ୍ମିରଞ୍ଜନ ପଟ୍ଟନାୟକ, ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିପିନ ବିହାରୀ ପାତ୍ର, ଜିଲ୍ଲା ପବ୍ଲିକ ପ୍ରାଇଭେଟ ମିଳିତ ସଂଯୋଜକ ମହମ୍ମଦ ୱାକାର ଅଲ୍ଲୀ, ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ବସନ୍ତ କୁମାର ରାଉତ, କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଚିକିତ୍ସା ସଂଯୋଜକ ସୟଦ ଅମିନୁଲ ଇସଲାମ, ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯକ୍ଷ୍ମା ସ୍ୱାସ୍ଥ୍ୟ ପରିଦର୍ଶକ ସୁମିତ୍ର କୁମାର ସ୍ୱାଇଁ ଏବଂ ପାରାଦୀପର ଯକ୍ଷ୍ମା ଚାମ୍ପିଅନ କୁମାରୀ ବନିତା ବର୍ମନ ପ୍ରମୁଖ ସାମିଲ ଥିଲେ। ଏହା ସହିତ ଏଏମ୍‌ଏନ୍‌ଏସ୍ ପୋର୍ଟସ୍‌ର ବରିଷ୍ଠ ଅଧିକାରୀ ଯଥା ମେକାନିକାଲ ବିଭାଗର ମୁଖ୍ୟ ଲକ୍ଷ୍ମୀକାନ୍ତ ସାହୁ, ଇଲେକ୍ଟ୍ରିକାଲ ବିଭାଗର ମୁଖ୍ୟ ପ୍ରବୀଣ ରାୟ ଏବଂ ଲଜିଷ୍ଟିକ୍ସ ବିଭାଗର ମୁଖ୍ୟ ସ୍ମୃତି ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ହୋହାଲ୍ଲା



ନାଉଗାଁ,୧୮।୭(ସମିସ): ଆବାସ ଯୋଜନା ବଣ୍ଟନରେ ଅନିୟମିତତାକୁ ନେଇ ପଞ୍ଚାୟତ ଗ୍ରାମସଭାରେ ହୋହାଲ୍ଲା ଘଟିଛି। ନାଉଗାଁ ବ୍ଲକ ଅନ୍ତର୍ଗତ ତିରୁଣା ପଞ୍ଚାୟତର କାର୍ଯ୍ୟାଳୟ ପରିସରରେ ଆବାସ ଯୋଜନା ବଣ୍ଟନ ସଂପର୍କରେ ଗ୍ରାମସଭା ଚାଲିଥିବା ସମୟରେ ଏପରି ହଟ୍ଟଗୋଳ ହୋଇଥିଲା। ମୁଖ୍ୟତଃ ପ୍ରଥମ ସର୍ଭେରେ ୨୫୨ ଜଣ ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିଲା। ସେଥି ମଧ୍ୟରୁ ତଦନ୍ତ କରାଯାଇ ୧୦୨ ଜଣ ହିତାଧିକାରୀ ନାମ ଚିହ୍ନଟ କରାଯାଇ ଗ୍ରାମସଭା କରାଯାଉଥିବା ବେଳେ ଏହାକୁ ପଞ୍ଚାୟତବାସୀ ବିରୋଧ କରିଥିଲେ। ଯାହା ଫଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହାର ସୂଚନା ପାଇଁ ନାଉଗାଁ ଥାନା ଅଧିକାରୀ ଦେବାଶିଷ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ନାଉଗାଁ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀନେଶ ରାୟ ପହଞ୍ଚି ଉପସ୍ଥିତ ଲୋକମାନଙ୍କୁ ପୁନଃ ସର୍ଭେ ତାଲିକାରେ ଥିବା ଓ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇ, ଅଯୋଗ୍ୟ ହିତାଧିକାରୀଙ୍କ ନାମକୁ ବାତିଲ କରାଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ।

# ଆବାସ ଯୋଜନା ହିତାଧିକାରୀ ଚୟନକୁ ନେଇ ହଟ୍ଟଗୋଳ



ବାଲିକୁଦା,୧୮।୭(ସମିସ): ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶନିବାର ଆୟୋଜିତ ଗ୍ରାମସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ ଆବାସ) ହିତାଧିକାରୀ ଚୟନ ତାଲିକାକୁ ନେଇ ତୀବ୍ର ହଟଗୋଳ ସୃଷ୍ଟି ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ ଦିଆଯାଇଥିବା ଅଭିଯୋଗ ଉଠିବା ସହ ପଞ୍ଚାୟତ କାର୍ଯ୍ୟାଳୟ ପରିସର ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପରେ ପ୍ରଶାସନ ପକ୍ଷରୁ ଲିଖିତ ଆକାରରେ ସ୍ପଷ୍ଟୀକରଣ ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନୋଟିସ ପ୍ରଦାନ କରାଯିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଗ୍ରାମସଭାରେ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଶୁଭ୍ରା ଦାଶ ଓ ପିଇଓ ତପନ କୁମାର ସାହୁ କହିଥିଲେ ଯେ, ଅନ୍‌ଲାଇନ ଆବେଦନ ପରେ ବ୍ଲକ ପ୍ରଶାସନ ଗଠନ କରିଥିବା ୩ ଜଣିଆ କମିଟି ତଦନ୍ତ କରି ହିତାଧିକାରୀଙ୍କ ଯୋଗ୍ୟତା ଓ ଅଯୋଗ୍ୟତା ନିର୍ଦ୍ଧାରଣ କରିଛି। ସେହି ଆଧାରରେ ତାଲିକା ପ୍ରସ୍ତୁତ ହୋଇଥିବା ସୂଚନା ଦିଆଯାଇଥିଲା। ତେବେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ଅଜୟ କୁମାର ମହାନ୍ତି, ଯୁବନେତା ସଞ୍ଜୟ ନାୟକ, ବାହାନ ପରିଡ଼ା, ବୈଷ୍ଣବ ସାହୁଙ୍କ ସମେତ ଅନେକ ସ୍ଥାନୀୟ ବ୍ୟକ୍ତି ଅଭିଯୋଗ କରିଥିଲେ ଯେ, ପ୍ରକୃତରେ କଚ୍ଚା ଘରରେ ବସବାସ କରୁଥିବା ଅନେକ ଯୋଗ୍ୟ ପରିବାରଙ୍କୁ କୋଠାଘର ଥିବା ଦର୍ଶାଇ ଅଯୋଗ୍ୟ କରାଯାଇଛି। ଅନ୍ୟପଟେ କେତେକ ପକ୍କା ଘର ଥିବା ପରିବାରଙ୍କୁ ଯୋଗ୍ୟ ତାଲିକାରେ ସ୍ଥାନ ମିଳିଥିବାରୁ ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଅଭିଯୋଗକାରୀମାନେ ଏହି ସମସ୍ତ ମାମଲାର ଉଚ୍ଚସ୍ତରୀୟ ପୁନଃ ତଦନ୍ତ ଦାବି କରିବା ସହ ଲିଖିତ ପ୍ରତିଶ୍ରୁତି ନମିଳିଲେ ଅଧିକାରୀଙ୍କୁ ସଭାସ୍ଥଳ ଛାଡ଼ିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବିଡିଓ ସ୍ମାରକ ରଞ୍ଜନ ମହାନ୍ତି ହସ୍ତକ୍ଷେପ କରିଥିବା ବେଳେ ଅନନ୍ତପୁର ଫାଣ୍ଡି ପୁଲିସର ସହାୟତା ନିଆଯାଇଥିଲା। ପରେ ପିଇଓ ଲିଖିତ ଆକାରରେ ଜଣାଇଥିଲେ ଯେ, ଆସନ୍ତା ୨୦ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ସାର୍ବଜନୀନ ଭାବେ ପ୍ରଦର୍ଶିତ କରାଯିବ। ସେହିପରି ୨୦ରୁ ୨୬ ତାରିଖ ମଧ୍ୟରେ ଯେଉଁମାନେ ନିଜକୁ ଯୋଗ୍ୟ ବୋଲି ମନେ କରୁଛନ୍ତି, ସେମାନେ ଜଗତସିଂହପୁର ପିଡିଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିପାରିବେ। ଅଭିଯୋଗର ପୁନଃ ତଦନ୍ତ କରାଯାଇ ଯୋଗ୍ୟ ବିବେଚିତ ହେଲେ ତାଲିକାରେ ସେମାନଙ୍କୁ ସାମିଲ କରାଯିବ। ଏହି ଲିଖିତ ଆଶ୍ୱାସନ ପରେ ଗ୍ରାମସଭାରେ ଦେଖାଦେଇଥିବା ଉତ୍ତେଜନା ପ୍ରଶମିତ ହୋଇଥିଲା। ତେବେ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁ ପିଇଓ ଓ ବିଡିଓଙ୍କୁ ପୃଥକ ଲିଖିତ ନୋଟିସ୍ ଦେଇ ସତର୍କ କରିଛନ୍ତି ଯେ, ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାନଗଲେ ସେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ। ବିଶେଷକରି ତାଲିକାରୁ ବାଦ ପଡ଼ିଥିବା ଅନେକ ଦିବ୍ୟାଙ୍ଗ ଓ ଦଳିତ ପରିବାରଙ୍କୁ କୋଠାଘର ଥିବା ଦର୍ଶାଇ ଅଯୋଗ୍ୟ ଘୋଷଣା କରାଯାଇଥିବା ଅଭିଯୋଗ ୩ ଜଣିଆ ତଦନ୍ତ କମିଟିର କାର୍ଯ୍ୟପ୍ରଣାଳୀ ଓ ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁନଃ ତଦନ୍ତ ପରେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ନ୍ୟାୟ ମିଳିବ କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର



ବାଲିକୁଦା,୧୮।୭(ସମିସ): ଲଗାଣ ବର୍ଷା ଯୋଗୁଁ ବାଲିକୁଦା ବ୍ଲକ ଅନ୍ତର୍ଗତ ମୂଲୁଗାଁ ପଞ୍ଚାୟତର ଦଳଣା ଗ୍ରାମରେ ଜଣେ ଅସହାୟ ପରିବାର ଘର ଭାଙ୍ଗିଯାଇଛି। ଗ୍ରାମର ଅଜୟ କୁମାର ସ୍ୱାଇଁଙ୍କ ବାସଗୃହ ଏବଂ ଗୁହାଳ ଘରର କାନ୍ଥ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଥିବାରୁ ପରିବାର ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି। ଘର ଭାଙ୍ଗିଯିବା ସହ ଘରେ ଥିବା ଧାନ, ଚାଉଳ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବର୍ଷା ପାଣିରେ ନଷ୍ଟ ହୋଇଯାଇଥିବା ବେଳେ ଗୃହପାଳିତ ପଶୁମାନଙ୍କୁ ବାହାରେ ରଖିବାକୁ ପଡୁଛି। ଅଜୟଙ୍କ କହିବା ଅନୁଯାୟୀ, ସେ ବହୁଥର ବ୍ଲକ ପ୍ରଶାସନ ନିକଟରେ ପକ୍କା ଘର ପାଇଁ ଆବେଦନ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ସରକାରୀ ଆବାସ ସୁବିଧା ପାଇନାହାନ୍ତି। ଫଳରେ ବିପଦସଙ୍କୁଳ କଚ୍ଚା ଘରରେ ରହୁଥିବା ବେଳେ ଲଗାଣ ବର୍ଷାରେ ଘର ଭୁଶୁଡ଼ି ପଡ଼ି ତାଙ୍କ ପରିବାର ଗୁରୁତର କ୍ଷତିର ସମ୍ମୁଖୀନ ହୋଇଛି। ନିଜ ଦାରିଦ୍ର୍ୟକୁ ଦୋଷ ଦେଇ ସେ ପ୍ରଶାସନ ନିକଟରେ ଶୀଘ୍ର ସହାୟତା ପାଇଁ ନିବେଦନ କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ମୂଲୁଗାଁ ପଞ୍ଚାୟତ ସରପଞ୍ଚ ଦଧିବାମନ ମଲ୍ଲିକ ଆର୍‌ଆଇଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ଅଜୟ କୁମାର ସ୍ୱାଇଁଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ଦାବି କରିଛନ୍ତି। ବର୍ଷା ଋତୁରେ ଏଭଳି ଦୁର୍ବଳ ଘରରେ ବାସ କରୁଥିବା ପରିବାରମାନଙ୍କୁ ଶୀଘ୍ର ଚିହ୍ନଟ କରି ସୁରକ୍ଷିତ ଆବାସ ଯୋଗାଇବା ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ଜୋର ଧରିଛି।

# ଚୋରା ବିଦେଶୀ ମଦ ଜବତ;୨ ଗିରଫ

ପାରାଦୀପ,୧୮।୭(ସମିସ): ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ପାରାଦୀପ ଅବକାରୀ ରେଞ୍ଜ ଏବଂ ଭାରା ପ୍ରାପ୍ତ ଅଧିକାରୀ ପାରାଦୀପ ଅବକାରୀ ଥାନା ପକ୍ଷରୁ ପାରାଦୀପ ଥାନା ଅନ୍ତର୍ଗତ ଟର୍ମିନାଲ ଛକ ଏବଂ ବାଉରିଆପାଳନ୍ଦା ଅଞ୍ଚଳରେ ଚଢ଼ଉ କରାଯାଇ ୩.୮୭୦ ଲିଟର ଚୋରା ଦେଶୀ ମଦ ଏବଂ ୫.୮୫୦ ଲିଟର ବିଅର ଜବତ କରାଯାଇଛି। ଏଥି ସହିତ ଚୋରା ବିଦେଶୀ ମଦ ଏବଂ ବିୟର ବିକ୍ରି ଅଭିଯୋଗରେ ଆସାମୀ ରବୀନ୍ଦ୍ର ମଲ୍ଲିକ୍ ଏବଂ ସୁଶୀଲ ତରାଇଙ୍କୁ ଗିରଫ କରାଯାଇ ଅବକାରୀ କେସ କରାଯିବା ସହିତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଜିର ଏହି ଚଢ଼ଉରେ ପାରାଦୀପ ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକ, ଓଆଇସି ପାରାଦୀପ ଅବକାରୀ ଥାନା ଧର୍ମପଦ ଦାସ, କନଷ୍ଟେବଲ ଜୟଦେବ ପାତ୍ର, ମନୋରଞ୍ଜନ ଦାସ, ସନ୍ତୋଷୀ ସାହୁ, ଏଏସ୍‌ଆଇ ଗୟାଧର ସେଠୀ ପ୍ରମୁଖ ସାମିଲଥିଲେ।

# ଭାରୀଯାନ ଚଳାଚଳ ଓ ପାର୍କିଂ କଟକଣା

ଜଗତସିଂହପୁର,୧୮।୭(ସମିସ)

ଜଗତସିଂହପୁର ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତ୍ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଜେ. ସୋନାଲ ମୋଟର ଯାନ ଆକ୍ଟ ୧୯୮୮ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି। ସକାଳ ୮ଟାରୁ ୧୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଜଗତସିଂହପୁର ପୌରାଞ୍ଚଳରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ଆଳିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ରୁ ଊର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣାର କାରଣ ପାଲଟିଛି। ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଆଳିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି। ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକରୁ ପାରାଦୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ରୁ ଊର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଲାଗୁ କରାଯାଇଛି। ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧୀନସ୍ଥ ପୁଲିସ ଷ୍ଟେସନ ଛକ ଠାରୁ ଖୁଣ୍ଟିଆ ଡ୍ରେସ୍ ସୋ'ରୁମ ପର୍ଯ୍ୟନ୍ତ ଏବଂ ପୁଲିସ ଷ୍ଟେସନ ଛକର ବାମ ପାଶ୍ୱର୍ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ବସ୍‌ଷ୍ଟାଣ୍ଡରୁ ମେଡିକାଲ ଏବଂ ପୁଲିସ୍ ଷ୍ଟେସନ୍ ଛକରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଂ କଟକଣା ଜାରି କରିଛନ୍ତି। ସେହିପରି ଆଳିପିଙ୍ଗଳ ଠାରେ ଦେବୀ ନଦୀର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ଅନ୍ୟପକ୍ଷେ ପାରାଦୀପର ଜିରୋ ପଏଣ୍ଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଏହାକୁ "ନୋ ପାର୍କିଂ" ଜୋନ୍ ଘୋଷଣା କରାଯାଇଛି। ସେହିପରି ଅଏଲ ଟର୍ମିନାଲଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି। ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ। ଏହି ସମସ୍ତ କଟକଣା ଗୁଡ଼ିକ ଜୁଲାଇ ୧୧ରୁ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇପିଏଲ୍ ପକ୍ଷରୁ ମେଗା ଚାରାରୋପଣ




ଢେଙ୍କାନାଳ,୧୮ ।୭(ସମିସ): ଇଣ୍ଡିଆ ପଟାସ୍ ଲିମିଟେଡ (ଆଇପିଏଲ୍) ହରିପୁର ୟୁନିଟ ପକ୍ଷରୁ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ୟୁନିଟର ଜିଏମ୍ ଏବଂ ମୁଖ୍ୟ ବିକାଶ କୁମାର ଚୌଧୁରୀଙ୍କ ସହ ବିଭାଗୀୟ ପ୍ରମୁଖ, କର୍ମଚାରୀ ଓ ଶ୍ରମିକମାନେ ଏଥିରେ ଯୋଗଦେଇ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବରାଜ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ କମ୍ପାନୀର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ୫ ଲକ୍ଷରୁ ଅଧିକ ଚାରାରୋପଣ କରାଯିବାକୁ କମ୍ପାନୀ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ରଥଯାତ୍ରାରେ ସାମ୍ବାଦିକ ସଙ୍ଘ ପକ୍ଷରୁ ଜଳସେବା



ଖଜୁରିଆକଟା,୧୮ ।୭(ସମିସ): ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ରଥଯାତ୍ରା ଅବସରରେ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ବ୍ରହ୍ମାନନ୍ଦ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ମେରାମଣ୍ଡଳୀସ୍ଥିତ ଟାଟା ଷ୍ଟିଲ କମ୍ପାନୀ ଅଧିକାରୀ ଭବେନ ସମ୍ମାନିତ ଅଥିତି ଭାବେ ଯୋଗଦେଇଥିଲେ। ସଙ୍ଘ ସଭାପତି ସୁମନ୍ତ ଦେହୁରୀ, ସମ୍ପାଦକ ପ୍ରଭାତ ରଞ୍ଜନ ପୃଷ୍ଟି, ସଦସ୍ୟ ସାମ୍ବାଦିକ ପ୍ରଦ୍ୟୁମ୍ନ ବେହେରା, ରବିନାରାୟଣ ପଟ୍ଟନାୟକ, ବିଶ୍ୱେଶ୍ୱର ସେଠୀ, ଗୌତମ ମୁଦୁଲି, କିଶୋର ପାଳ, ଧବଳ ସାହୁ, ଜଗନ୍ନାଥ ଦାସ, ଦୁଷ୍ମନ୍ତ ମିଶ୍ର, ତ୍ରିଲୋଚନ ପାଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଟାଟା କମ୍ପାନୀ ସହଯୋଗ କରିଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଜଳ ବଣ୍ଟନ କରାଯାଇଥିଲା।

## ଶ୍ରୀସୌଭାଗ୍ୟଲକ୍ଷ୍ମୀ ବିଜେ ଟ୍ରଷ୍ଟ ପକ୍ଷରୁ ସେବାକାର୍ଯ୍ୟ



ଢେଙ୍କାନାଳ,୧୮ ।୭(ସମିସ): ପବିତ୍ର ରଥଯାତ୍ରା ଅବସରରେ ଶ୍ରୀ ସୌଭାଗ୍ୟ ଲକ୍ଷ୍ମୀ ବିଜେ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଦହିସର୍ବତ ଓ ଉପମା ଡାଲମା ବଣ୍ଟନ କରାଯାଇଛି। ଟ୍ରଷ୍ଟ ସଭାପତି ଶେଖ ନଇମ ଓ ସମ୍ପାଦକ ଅତୁଲ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତେକ ବର୍ଷ ପରି ଚଳିତ ବର୍ଷ ଭକ୍ତଙ୍କୁ ସେବା ଯୋଗାଇ ଦିଆଯାଉଛି। ପୌରଧାକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପୂଜା କମିଟି ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ଏମଡି ରଫିକ, ଉପଦେଷ୍ଟା ବସନ୍ତ କୁମାର ସାହୁ, ବିଶ୍ୱନାଥ ବେହେରା, ଉପସଭାପତି ଶରତ ଚନ୍ଦ୍ର ସାହୁ, ସଦସ୍ୟ ମାନସ ସାହୁ, ଆଶୁତୋଷ ଶିଳ, ପ୍ରୀତମ ସୋନି, ରାକେଶ, ସୁମନ ସାହୁ, ରିଙ୍କୁ ବେହେରା, ଅମନ ବକ୍ସ, ବିକାଶ ସାହୁ, ବବୁଲୁ ସାହୁ, ବାଦଲ ସାହୁ, ତାପସ ମହାନ୍ତିଙ୍କ ସମେତ ବରିଷ୍ଠ ସଦସ୍ୟ ମାଧବ କୁମାର ଶିଳ, ଶ୍ରୀକାନ୍ତ ସାହୁ, ଜଗନ୍ନାଥ ହୋତା, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ

# ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ହ୍ରାସକୁ ନେଇ ଉଦବେଗ

ଢେଙ୍କାନାଳ,୧୮ ।୭(ସମିସ)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକରେ ସଠିକ ଭାବେ ନିରୀକ୍ଷଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କମିଟିରେ ନୂତନ ଭାବେ ପଞ୍ଜୀକରଣ ହେବାକୁ ଥିବା ୩ ଦରଖାସ୍ତ ଉପରେ ଆଲୋଚନା କରିଥିଲେ। ପିସିପିଏନଡିଟି ଅଧିନିୟମ-୧୯୯୪ ଅନୁଯାୟୀ ଦରଖାସ୍ତଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ କମିଟି ପରାମର୍ଶ ଦେଇଥିଲେ। ଗୋଟିଏ ନବୀକରଣ ଦରଖାସ୍ତ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ନିୟମଅନୁଯାୟୀ ତଦାରଖ କରି ରିପୋର୍ଟ ଦାଖଲ କରିବାକୁ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ।

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନକୁ ଆସୁଥିବା ଗର୍ଭବତୀ ମହିଳାମାନେ ଯେପରି ଅଲଟ୍ରାସାଉଣ୍ଡ ପରୀକ୍ଷାର ସୁବିଧା ଉଭୟ ସରକାରୀ ଓ ବେସରକାରୀ ଅଲଟ୍ରାସାଉଣ୍ଡ କ୍ଲିନିକରେ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ। ଏଥିରେ ଯଦି କେହି ଖିଲାପ କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନଆଯିବ। ଜିଲ୍ଲା ଭେଷଜ ନିରୀକ୍ଷକଙ୍କୁ ଔଷଧ ଦୋକାନଗୁଡ଼ିକରେ ବେଆଇନ ଗର୍ଭପାତ ବଟିକା ବିକ୍ରି ବନ୍ଦ କରିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଙ୍କ ଚିଠା ବିନା କୌଣସି ଔଷଧ ଦୋକାନୀ ଯେପରି ଔଷଧ ବିକ୍ରି ନ କରିବେ ସେଥିପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ହିନ୍ଦୋଳ, ଓଡ଼ାପଡ଼ା, ସଦର, ପରଜଙ୍ଗ ଆଦି ବ୍ଲକ ପ୍ରତି ଧ୍ୟାନ ଦେବାକୁ କହିଥିଲେ। ଭୁବନ ବ୍ଲକ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ମେସିନ ଶୀଘ୍ର ସଜାଡ଼ିବା ପାଇଁ ଜିଲ୍ଲାପାଳ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମୁଛି। ଏବେ ପ୍ରତି ୧୦୦୦ ପୁଅ ତୁଳନାରେ ୮୪୨ ଝିଅ ରହିଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅଲଟ୍ରାସାଉଣ୍ଡ କ୍ଲିନକରେ ଚଢ଼ଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ନୀଳମଣି ଦିଲୀପ ଚାନ୍ଦ ବେହେରା, ସରକାରୀ ଓକିଲ ନବକିଶୋର ଗୁରୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ପବିତ୍ର ରଞ୍ଜନ କର, ଅତିରିକ୍ତ ଚିକିତ୍ସାଧିକାରୀ ମେଡିକାଲ ଇଶାନୀ ମିତ୍ର, ଡିପିଏମଓ ସସ୍ମିତା ସାହୁ, ଡିଏମଆରସିଏଚ ଦୀପ୍ତିମୟୀ ପ୍ରଧାନ, ଆସିଷ୍ଟାଣ୍ଟ ମ୍ୟାନେଜର ସ୍ୱସ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




## ବିଜେଡି ପକ୍ଷରୁ ବନ୍ୟାଞ୍ଚଳ ପରିଦର୍ଶନ



ଢେଙ୍କାନାଳ,୧୮ ।୭(ସମିସ): ଢେଙ୍କାନାଳ ସଦର ବ୍ଲକ କାକୁଡ଼ିଭାଗ ପଞ୍ଚାୟତ ସିଏସପ୍ରସାଦ, ଭାପୁରର ବିଷ୍ଣୁପୁର ସମେତ ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଅନେକ ଘର ଜଳବନ୍ଦୀ ହୋଇଛି। ସେହିପରି କଟକ-ସମ୍ବଲପୁର ରାସ୍ତାରେ ଘାଇ ସୃଷ୍ଟି ହୋଇ ଜୀବନଯାତ୍ରା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିରେ ବିଜେଡି କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ପରିଷଦ ସଦସ୍ୟ ଅଶୋକ ପରିଡ଼ା, ପୂର୍ବତନ ଛାତ୍ର ସଭାପତି ସୂରଜ ମହାପାତ୍ର, ସିଏସପ୍ରସାଦ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ରିଲିଫ, ସୁରକ୍ଷିତ ଆଶ୍ରୟ, ଖାଦ୍ୟ, ପାନୀୟ ଜଳ ଓ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ଦାବି କରିଥିଲେ। ସେହିପରି କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ମରାମତି କରାଯାଇ ଜୀବନଯାତ୍ରା ସ୍ୱାଭାବିକ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ କହିଥିଲେ।

## ଦୁଇ କାର୍ ଧକ୍କା, ଜଣେ ଆହତ

ପରଜଙ୍ଗ,୧୮ ।୭(ସମିସ): ୫୩ ନମ୍ବର ଜାତୀୟ ରାଜପଥର ପରଜଙ୍ଗ ଥାନା ବଡ଼ଝରା ରେଙ୍ଗାଲି ବାମ କେନାଲ ନିକଟରେ ଦୁଇ କାର୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ହେଲେ ରାଞ୍ଚିର ଡିଏସ ଘୋଷ। କାର୍ ଯୋଗେ ସେ ଭୁବନରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ସମ୍ମୁଖରୁ ଆସୁଥିବା ଏକ କାର୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୁଲିସ ତଦନ୍ତ ଜାରି ରଖିଛି।

## ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା

ଢେଙ୍କାନାଳ,୧୮ ।୭(ସମିସ): ଢେଙ୍କାନାଳ ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ ଲକ୍ଷ୍ମୀପୂଜାକୁ ରାଜ୍ୟ ସରକାର ଯେଉଁଭଳି ଭାବେ ମାନ୍ୟତା ପ୍ରଦାନ କରି ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି, ସେହିଭଳି ଭଜନ ସମାରୋହକୁ ମଧ୍ୟ ସହାୟତା ପ୍ରଦାନ କରାଯିବ ଏବଂ ବାଜିଚୌକରେ ସହିଦ ବାଜି ରାଉତଙ୍କ ବିରାଟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ପିପି ନବକିଶୋର ଗୁରୁ ଯୋଗ ଦେଇଥିଲେ। କଟକ ଭଜନ



ମହାପ୍ରସାଦର କଣ୍ଠଶିଳ୍ପୀ ବବୁଲୁ, ପିଣ୍ଟୁ, ସୁପ୍ରିୟା, ଅଞ୍ଜଳି ପ୍ରମୁଖଙ୍କ ସୁମଧୁର ଭଜନରେ ଦର୍ଶକ ବିଭୋର ହୋଇଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଶୁଭାଶିଷ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଜନସମାରୋହର ସଭାପତି ରୁଦ୍ରାନ୍ତ ଦଳେଇ, ସମ୍ପାଦକ ମହମ୍ମଦ ସାଗିର କାର୍ଯ୍ୟକ୍ରମ ପରିଚାଳନ କରିଥିବା ବେଳେ ସ୍ୱରୂପାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ଅବନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ୯ ଦିନ ବ୍ୟାପୀ ଭଜନ ସମାରୋହ ଅନୁଷ୍ଠିତ ହେବ।

## କୁଞ୍ଜକାନ୍ତରେ ଶ୍ରୀଗୁଣ୍ଡିଚା ଯାତ୍ରା

ଢେଙ୍କାନାଳ,୧୮ ।୭(ସମିସ): କୁଞ୍ଜକାନ୍ତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଛି। ପହଣ୍ଡି ପରେ ଶହ ଶହ ଶ୍ରଦ୍ଧାଳୁ ରଥ ଟାଣି ଚନ୍ଦ୍ରଶେଖର ପ୍ରେସ୍ ପରିସରରେ ଥିବା ମାଉସୀମା' ମନ୍ଦିରକୁ ନେଇଥିଲେ। ସେଠାରେ ଠାକୁରଙ୍କ ନୀତିକାନ୍ତି ଚାଲିଛି। ପୂଜକ କୃଷ୍ଣଚନ୍ଦ୍ର ପାଢ଼ୀ ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା କରୁଛନ୍ତି। ମଧ୍ୟାହ୍ନରେ ଅନ୍ନଧୂପ ଓ ସନ୍ଧ୍ୟାରେ



୧୦୮ ଆଳତି ପରେ ରାତ୍ରଧୂପ କରାଯାଉଛି। କାର୍ଯ୍ୟକ୍ରମକୁ ମନ୍ଦିର ସଭାପତି ଡା. ଜଗଦାନନ୍ଦ ତ୍ରିପାଠୀ ଏବଂ ମାଉସୀମା' ମନ୍ଦିରର ସତ୍ୟଶିବ ଦାସ, ନମିତା ଦାସ, ଶେଷପ୍ରସାଦ ଦାସ ଓ ସସ୍ମିତା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ନିର୍ବାଚନ ଉପଲକ୍ଷେ ସାଙ୍ଗଠନିକ ବୈଠକ

ଖଜୁରିଆକଟା,୧୮ ।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବିଜେଡି ପକ୍ଷରୁ ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବତନ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ସ୍ଥାନୀୟ ସାତମାଇଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ସାଂସଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନ କିପରି ସୁଦୃଢ଼ ହୋଇପାରିବ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିସହ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ମନୋବଳ ବଢ଼ାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମମତା ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ତପନ ପରିଡ଼ା, ଓଡ଼ାପଡ଼ା ବ୍ଲକ ସଭାପତି ଜଟି ନାୟକ, ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା, ହିନ୍ଦୋଳ ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକ, ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ହାପି ଗଡ଼ନାୟକ, ସମିତିସଭ୍ୟ ହେମନ୍ତ ସାହୁ, ପ୍ରମୋଦ ନାୟକ, ଛାତ୍ରନେତା ପ୍ରକାଶ ନାୟକ ପ୍ରମୁଖଙ୍କ ସହ ସମସ୍ତ ପଞ୍ଚାୟତର ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ।

## ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମୋକ୍ଷ

ଭୁବନ,୧୮ ।୭(ସମିସ): ଭୁବନ ଏନ୍ଏସି ୱାର୍ଡ ନଂ-୧୧ ପୃଷ୍ଟିପାଟଣା ବାସିନ୍ଦା ଲକ୍ଷ୍ମୀନାରାୟଣ ସାହୁଙ୍କ ସାନ ପୁଅ ମୋକ୍ଷ ସାହୁ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୭୨୦ରୁ ୫୩୪ ନମ୍ବର ରଖିଛନ୍ତି। ମୋକ୍ଷ ୨୦୨୩ରେ ନୂଆ ଭୁବନ ହାଇସ୍କୁଲରୁ ମାଟ୍ରିକ ପାସ କରିଥିଲେ। ପରେ ଯୁକ୍ତ ୨ରେ ମଧ୍ୟ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



## ନିଟ୍ ପାଇଲେ ଦେବସ୍ରାତ

■ ୬୧୨ ନମ୍ବର ରଖି କୃତକାର୍ଯ୍ୟ



କାମାକ୍ଷାନଗର,୧୮ ।୭(ସମିସ): ଚଳିତ ନିଟ୍ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି କାମାକ୍ଷାନଗର ସହର ଅନନ୍ତପୁର ସାହିର ଦେବସ୍ରାତ ଖୁଣ୍ଟିଆ। ନିଜର ପ୍ରଥମ ପ୍ରୟାସରେ ସେ ୬୧୨ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ରାଘବଚନ୍ଦ୍ର ଖୁଣ୍ଟିଆ ଓ ସଞ୍ଜୁକ୍ତା ଜେନାଙ୍କ ପୁଅ ଦେବସ୍ରାତ କାମାକ୍ଷାନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍କୁଲ ଓ ଭୁବନେଶ୍ୱର ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କଲେଜ ଶିକ୍ଷା ଗ୍ରହଣ କରିଛନ୍ତି। ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବା ବେଳେ ମା' ମଧ୍ୟ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ନିଟ୍ ପରୀକ୍ଷା ପାଇଁ ସେ ପ୍ରତ୍ୟେକ ଦିନ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଥିଲେ। ଡାକ୍ତର ହୋଇ ଗରିବଙ୍କ ସେବା କରିବାକୁ ସେ ଇଚ୍ଛା ରଖିଛନ୍ତି। ନିଜ ସଫଳତାର ଶ୍ରେୟ ସେ ବାପା, ମା', ଦୁଇ ଭଉଣୀ ଓ ସ୍କୁଲ, କଲେଜ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି।

# ନିଟ୍ ପରୀକ୍ଷାରେ ଇ-ଟେକ୍‌ର ସଫଳତା

ଢେଙ୍କାନାଳ,୧୮।୭ (ସମିସ) : ଚଳିତ ବର୍ଷର ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଢେଙ୍କାନାଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ-ଟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଇ-ଟେକ ପ୍ରବେଶିକାର ୩୨ ଜଣରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଦାବିଦାର ହୋଇଛନ୍ତି। ଏଥର ଇ-ଟେକ ଏଣ୍ଟ୍ରାନ୍ସରେ ୭୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ନିମନ୍ତେ ପ୍ରସ୍ତୁତି କରୁଥିଲେ। ସେମାନଙ୍କ ମଧ୍ୟରୁ ବିଜୟ ପ୍ରଧାନ ୬୮୬ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୬୮ ତମ ସ୍ଥାନ ହାସଲ କରିଥିବା ବେଳେ ଓମ ପ୍ରକାଶ ସାହୁ ୬୪୫ ମାର୍କ ରଖି ଏୟାର ୧୮୩୫ ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଭୁଦତ ପରିଡା ୬୨୧, ସତ୍ୟଜିତ ସାହୁ ୬୧୪, ପ୍ରତ୍ୟାଶା ସାହୁ, ଶୁଭସ୍ମିତା ବେହେରା ୬୧୧, ଉମେଶ ସାହୁ ୬୦୬, ଏସଏନ ପାୟଲ ୬୦୨, ମୋନାଲିସା ସାହୁ ୬୦୧, ହିମାଂଶୁ ଶେଖର ବେହେରା ୬୦୦, ମୃଣାଳିନୀ ସାହୁ ୫୮୬, ଶୁଭଶ୍ରୀ ସାହୁ ୫୮୪, ଶିବାନୀ ଶଙ୍କର ସାହୁ ୫୭୮, ଶୁଶ୍ରୀ ସାଇନା ସାହୁ ୫୭୫, ରାମେଶ୍ୱରୀ ମିଶ୍ର ୫୭୪, ଦିପ୍ତିମୟୀ ପାଣି ୫୬୪, ଶୁଭକାନ୍ତ ଗଡନାୟକ ୫୬୩, ମଞ୍ଜିତ ମାଣିକ ୫୬୨, ଇତିଶ୍ରୀ ମାଝୀ ୫୬୦, ମଳୟ ରଞ୍ଜନ ପ୍ରଧାନ ୫୫୬, ଶିବାନୀ ମହାପାତ୍ର ୫୫୬, ରମ୍ୟ ରଞ୍ଜନ ବେହେରା ୫୫୩, ରିଚା ପ୍ରିୟଦର୍ଶିନୀ ୫୫୨, ସତ୍ୟବ୍ରତ ରାଉତ ୫୫୨, ରାକେଶ କୁମାର ପାତ୍ର ୫୪୯, ମୋନାସ୍ମିନି ସାହୁ ୫୪୫, ରାଜ ନାରାୟଣ ସାହୁ ୫୪୦, ସ୍ୱାଧୀନ ସାହୁ ୫୪୦, ଶୁଭମ ବରାହ ୫୩୭, ଅମୃତମୟ ବେହେରା, ଜ୍ୟୋତିର୍ମୟ ଦେହୁରୀ ଉଭୟ ୫୧୫, ମୁକେଶ ସାମଲ ୫୨୧ ମାର୍କ ରଖି ସଫଳତା ହାସଲ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଇ-ଟେକର ଅନେକ ମେଧାବୀ ଛାତ୍ରଛାତ୍ରୀ ଇ-ଟେକ ଏଣ୍ଟ୍ରାନ୍ସ କ୍ଲାସେସରେ ଅଧ୍ୟୟନ କରି ଓଡ଼ିଶା ଓ ଓଡ଼ିଶା ବାହାରେ ଥିବା ବିଭିନ୍ନ ସରକାରୀ ମେଡିକାଲ କଲେଜରେ ଅଧ୍ୟୟନ କରୁଛନ୍ତି। ସମୟ ଉପଯୋଗୀ ଶିକ୍ଷା ପ୍ରଣାଳୀ, ଅଧ୍ୟାପକ ଅଧ୍ୟାପିକାମାନଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷାଦାନ ବ୍ୟବସ୍ଥା, ଶୃଙ୍ଖଳିତ ପରିବେଶ ଏବଂ ସର୍ବଭାରତୀୟ ସ୍ତରରେ ହେଉଥିବା ପ୍ରତିଦ୍ୱନ୍ଦିତା ସାମ୍ନା କରିବାର କଳା ହିଁ ଇ-ଟେକ ଏଣ୍ଟ୍ରାନ୍ସର ଛାତ୍ରଛାତ୍ରୀମାନଙ୍କୁ ଏହି ସଫଳତା ଆଣି ଦେଇଛି। ସମୟାନୁବର୍ତ୍ତିତା ଏବଂ କଠିନ ପରିଶ୍ରମୀ ହୋଇ ନିଜ ପ୍ରତିଭାକୁ ବିକଶିତ କରିବା ସହ ନିରବଚ୍ଛିନ୍ନ ଓ ପ୍ରବଳ ଇଚ୍ଛାଶକ୍ତି ହିଁ ଆମ ଛାତ୍ରଛାତ୍ରୀଙ୍କୁ ସଫଳତା ଆଣିଦେଇଥିବା ଅଧ୍ୟକ୍ଷ ଡ. ସୁରେଶ ମିଶ୍ର କହିଛନ୍ତି।



# ସମସ୍ୟା ସମାଧାନ ଦାବିରେ ବ୍ଲକ୍ ଘେରାଉ

ଖଜୁରିଆକଟା,୧୮ ।୭(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଘୋଡ଼ାଡିଆଁ ଗ୍ରାମ ଦଳିତ ସାହିର ଲୋକମାନେ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗ୍ରାମର ଦଳିତ ଲୋକମାନେ ଶନିବାର ଓଡ଼ାପଡ଼ା ବ୍ଲକ ଦଳିତ ଶୋଷଣ ମୁକ୍ତି ମଞ୍ଚ ନେତୃତ୍ୱରେ ହିନ୍ଦୋଳ ରୋଡ୍ ବଜାର ଦେଇ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆନ୍ଦୋଳନ କରିଥିଲେ। ଏହି ଆନ୍ଦୋଳନରେ ସିପିଆଇଏମର ରାଜ୍ୟ ସଦସ୍ୟ ବଦ୍ରିନାରାୟଣ ଦାସ, ନିର୍ମାଣ ଶ୍ରମିକ ନେତା ସର୍ବଜ୍ଞ ସାହୁ, କୃଷକ ନେତା ସରୋଜ ଶତପଥୀ, କଂଗ୍ରେସ ନେତା ବିନୟ କୁମାର ସାହୁ ଯୋଗଦେଇଥିଲେ। ଦଳିତ ଲୋକଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ କୌଣସି ସମସ୍ୟା ସମାଧାନ ନ ହେବାରୁ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବ ସେମାନେ କହିଥିଲେ। ଆନ୍ଦୋଳନକାରୀମାନେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କୁ ଭେଟି ପୂର୍ବରୁ ଦେଇଥିବା ଦାବିପତ୍ର ଉପରେ ଆଲୋଚନା କରିଥିଲେ।

ମେଗା ପାନୀୟଜଳ ପ୍ରକଳ୍ପରୁ ପାଣି ମିଳିବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଭୂମିହୀନ ପ୍ରଜାମାନେ ଘରଡିହ ପଟ୍ଟା ପାଇବା ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ। ରାସ୍ତା ମରାମତି ପାଇଁ ଚଳିତ ମାସ ଗ୍ରାମସଭାରେ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ।




## ରଥଯାତ୍ରାରେ 'ସିନର୍ଜୀ' ପକ୍ଷରୁ ପ୍ରସାଦ ସେବା

ଢେଙ୍କାନାଳ,୧୮ ।୭(ସମିସ): ସ୍ଥାନୀୟ ସିନର୍ଜୀ ଶିକ୍ଷାନୁଷ୍ଠାନ ସମୂହ ତରଫରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଦୀର୍ଘ ୨୭ ବର୍ଷ ଧରି ସିନର୍ଜୀ ପରିବାର ଅନେକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଅନେକ ପ୍ରଶଂସାର ପାତ୍ର ହୋଇପାରିଛି। ଏଥିପୂର୍ବରୁ ଚାରା ରୋପଣ, ରକ୍ତଦାନ , ସଡକ ସୁରକ୍ଷା ସପ୍ତାହ, ମାଗଣା ଚକ୍ଷୁ ଚିକିତ୍ସା ଶିବିର, ଉଦ୍ୟମିତା ଏକ ନୂତନ ଫର୍ଦ୍ଦ ଯୋଡି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିପାରିଛି। ଅଧ୍ୟାପିକା କଳ୍ପନା ସାହୁଙ୍କ ପ୍ରଚେଷ୍ଟାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ପ୍ରଶାନ୍ତ କୁମାର ନାୟକ, ଡିପ୍ଲୋମା ଶାଖାର ଅଧ୍ୟକ୍ଷ ପବିତ୍ର କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ବରିଷ୍ଠ ନିରାପତା ଅଧିକାରୀ ଅକ୍ଷୟ କୁମାର ଜେନା ଓ ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



# ବାଇସ୍କୋପ୍

ସକାଳ THE SAKALA
www.sakalaepaper.com

# ‘ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି’

ପ୍ରଜ୍ଞା ମିଶ୍ର, ଅଭିନେତ୍ରୀ



କରୋନାରେ ଅଧିକାଂଶ ୱାର୍କ ଫ୍ରମ ହୋମ୍ କରୁଥିଲେ । ଅନେକେ ସେହି ସମୟକୁ ସଦୁପଯୋଗ କରି ନିଜର ଲୁକ୍କାୟିତ ପ୍ରତିଭାକୁ ସର୍ବସମ୍ମୁଖକୁ ଆଣୁଥିଲେ । ଏମିତି ଜଣେ ପ୍ରତିଭାବାନ ଯୁବତୀ ହେଉଛନ୍ତି ପ୍ରଜ୍ଞା ମିଶ୍ର । କୋରାପୁଟ ତାଙ୍କର ଜନ୍ମସ୍ଥାନ । ରୁହନ୍ତି ଭୁବନେଶ୍ୱରରେ । ତେବେ ସେ ଏକ ପେଜାଣ୍ଟ ‘ରଜରାଣୀ’ ମାଧ୍ୟମରେ ମଡେଲିଂ ଦୁନିଆରେ ପାଦ ଥାପିଥିଲେ । ମଡେଲିଂ ସହ ଏକାଧିକ ବିଜ୍ଞାପନରେ ସେ ନଜର ଆସିଛନ୍ତି । ଏତିକିରେ ସରିନି ତାଙ୍କ ସଫଳତା । ନିକଟରେ ରିଲିଜ୍ ହୋଇଥିବା ‘ଡାଏରୀ’ ସିନେମାରେ ଚମତ୍କାର ଅଭିନୟ କରି ପ୍ରଶଂସକଙ୍କ ହୃଦୟକୁ ଜିତିଛିନ୍ତି । ତେବେ ଲାଇଭ୍ ଷ୍ଟେଜରୁ କ୍ୟାମେରାକୁ ସାମ୍ନା କରି ପ୍ରଜ୍ଞାଙ୍କ ଅଭିନୟ ଜୀବନ କେମିତି ଆଗକୁ ବଢୁଛି । ସେ ସଂପର୍କରେ କ’ଣ କହୁଛନ୍ତି ଜାଣିବା ଅଭିନେତ୍ରୀ ପ୍ରଜ୍ଞାଙ୍କଠାରୁ ।

**ମଡେଲିଂରୁ ଅଭିନୟ । ହଠାତ୍ ଏ ନୂଆ ଦିଗକୁ କାହିଁକି ବାଛିଲେ ?**

- ପ୍ରଥମତଃ ମୁଁ ଏକ କର୍ପୋରେଟ୍ ହାଉସରେ କର୍ମଚାରୀ ଭାବେ କାର୍ଯ୍ୟରତ । କରୋନାରେ ୱାର୍କ ଫ୍ରମ୍ ହୋମ୍ କରିବାକୁ ସୁଯୋଗ ମିଳିବାରୁ ମୁଁ ଇନ୍‌ଷ୍ଟାଗ୍ରାମରେ ‘ରଜରାଣୀ’ ଇଭେଣ୍ଟ ବିଷୟରେ ଜାଣିଥିଲି । ସେଥିରେ ନିଜର ପ୍ରତିଭା ଦେଖାଇଥିଲି । ତେବେ ସେହି ଶୋ’ର ନିର୍ମାତା ପରବର୍ତ୍ତୀ ସମୟରେ ମୋତେ ଜୀ ସାର୍ଥକର ‘ଗୃହଲକ୍ଷ୍ମୀ’ରେ ଜୁରୀମାନଙ୍କ ସହ କାମ କରିବାକୁ ଏକ ସୁଯୋଗ ଦେଇଥିଲେ । ଏଥିରେ ମୁଁ ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତାମାନଙ୍କ ସହ ଏକାଠି କାମ କରିଥିଲି । ଅନେକ ସରକାରୀ ଓ ବେସରକାରୀ ବିଜ୍ଞାପନରେ କାମ କରିବାକୁ ମୋତେ ସୁଯୋଗ ମିଳିଲା । ମୁଁ ‘କୌନ ବନେଗା କରୋଡ଼ପତି’ର ଦେଶକା ସୱାଲରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଥିଲି । ସୌଭାଗ୍ୟବଶତଃ ‘ଡାଏରୀ’ ସିନେମାରେ କାମ କରିବାକୁ ଅର୍ଦ୍ଧେନ୍ଦୁ ଭାଇ ମୋତେ ସୁଯୋଗ ଦେଇଥିଲେ । ଏଥିପାଇଁ କିଛି ଭିଡିଓ ତିଆରି କରି ତାଙ୍କୁ ପଠାଇଥିଲି । ସିନେମାର କାହାଣୀ ଶୁଣିବା ପରେ ନିର୍ଦ୍ଦେଶକ ସୁଶାନ୍ତ ସାର୍ ପୁନଶ୍ଚ ମୋର ଅଡିସନ୍ ନେଇ ଏହି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ ।

**‘ଡାଏରୀ’ ସିନେମାରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- ଏଥିରେ ମୁଁ ଅର୍ଦ୍ଧେନ୍ଦୁଙ୍କ ପତ୍ନୀ ସ୍ୱାତୀ ମିଶ୍ର ଭୂମିକାରେ ନଜର ଆସିଛି । ସାଧାରଣତଃ ଆରେଞ୍ଜ ମ୍ୟାରେଜ୍‌ରେ ଗୋଟେ ଝିଅ ମନରେ ନିଜ ଭବିଷ୍ୟତକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରିଥାଏ । ବିବାହର କିଛି ଦିନ ପରେ ମୋ ସ୍ୱାମୀଙ୍କ ହାତ ଲେଖା ‘ଡାଏରୀ’ ମୁଁ ପାଉଛି । ଏଥିରେ ତାଙ୍କ ଅତୀତକୁ ଜାଣିବା ପରେ ମୁଁ ସେହି ପରିସ୍ଥିତିକୁ ନେଇ କେମିତି ଆଗକୁ ବଢୁଛି ଆଉ ଆମ ସାଂସାରିକ ଜୀବନ କେମିତି ବିତୁଛି ତାହାକୁ ନେଇ କାହାଣୀ ଗତିଶୀଳ ।

**ବଡ଼ ପରଦାରେ ପ୍ରଥମ ଫିଲ୍ମ ରିଲିଜ୍‌ର ଅନୁଭୂତି?**

- ଓଲିଉଡ୍ ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ । ଅଭିନୟ ବାବଦରେ ମୋତେ ଅଧିକ କିଛି ଜଣାନଥିଲା । ତେଣୁ ଏହି ସିନେମା ରିଲିଜକୁ ନେଇ ପ୍ରଥମ ଦିନ ଖୁସି ଥିଲେ ବି ମନ ଭିତରେ ବହୁତ ଭୟ ଥିଲା । ପରଦାରେ ମୋ ଅଭିନୟ ଦେଖି ଅନେକ ଦର୍ଶକଙ୍କ ଭଲପାଇବା ପାଇଥିଲି । ତେବେ ରଜ ଶବ୍ଦ ମୋ ପାଇଁ ଶୁଭ । କାରଣ ରଜରୁ କାମ ଆରମ୍ଭ କରିଥିବାବେଳେ ମୋର ପ୍ରଥମ ସିନେମା ମଧ୍ୟ ରଜରେ ରିଲିଜ୍ ହୋଇଥିଲା । ଯାହା ମୋ ପାଇଁ ସୌଭାଗ୍ୟର ବିଷୟ ।

**ଅଭିନୟକୁ ବାଦ୍ ଦେଲେ କ’ଣ କରିବାକୁ ଭଲ ଲାଗେ ?**

- ମୋତେ ନୂଆ ନୂଆ ସ୍ଥାନ ବୁଲିବା ସହ ଖାଇବାକୁ ଭଲଲାଗେ । ସମୟ ମିଳିଲେ ପରିବାର ସହ ସମୟ ବିତାଏ ।

**ଅଭିନୟକୁ ଜୀବନ୍ତ କରିବାକୁ କ’ଣ କରନ୍ତି?**

- ଏଲାଇନ୍‌ରେ ନୂଆ ମୁଁ । ଧନ୍ୟବାଦ ଦେବି ଆଦିଲକ୍ଷ୍ମୀ ଟିମ୍‌କୁ । ସମସ୍ତେ ମୋତେ ବହୁତ ସହଯୋଗ କରିବାରୁ ମୁଁ ଭଲ ଅଭିନୟ କରିପାରିଛି । ସୁଟିଂ ସେଟ୍‌ରେ ବି ମୁଁ ଅଫିସ୍ କାମ କରୁଥିଲି । ତେବେ ଅଭିନୟ ପାଇଁ ବିଧିବଦ୍ଧ ଭାବେ ତାଲିମ ନେଇନଥିଲେ ବି ମୋ ଟିମ୍‌ର ସମସ୍ତେ ମୋତେ ଭଲ ଅଭିନୟ କରିବାକୁ ସାହସ ଦେଇଥିଲେ ।

**ପ୍ରଥମ ସିନେମାରୁ ମିଳିଥିବା ପାରିଶ୍ରମିକ କ’ଣ କରିଥିଲେ?**

- ଏବେ ଯାଏଁ ସାଇତି କି ରଖିଛି । କାରଣ ମୋ ପ୍ରଥମ ସିନେମାର ପାରିଶ୍ରମିକ ମୋ ପାଇଁ ବହୁତ ସ୍ୱତନ୍ତ୍ର । ଆଗକୁ ନିଶ୍ଚୟ ତାକୁ ମୂଲ୍ୟବାନ କାମରେ ଲଗାଇବାକୁ ଭାବିବି ।

**ଡ୍ରିମ୍ ରୋଲ?**

- ବର୍ତ୍ତମାନ ସିନେମାରେ କାମ ଆରମ୍ଭ କରିଛି । ତେବେ ଆଗାମୀ ଦିନରେ ଭିନ୍ନ ଭିନ୍ନ ଚରିତ୍ରରେ କାମ କରିବାକୁ ଇଚ୍ଛା ଅଛି ।

**ଅନେକ ପ୍ରତିଭାଶାଳୀ ପିଲା ଏହି ପ୍ଲାଟଫର୍ମକୁ ଆସିବା ପାଇଁ ସୁଯୋଗ ପାଉ ନାହାଁନ୍ତି । ସେମାନଙ୍କୁ କ’ଣ କହିବେ?**


- କଳାକାର ହେବାକୁ ଚାହୁଁଥିଲେ କଠିନ ପରିଶ୍ରମ ଆବଶ୍ୟକ । ଯଦି କେହି ଅନ୍ୟ କେଉଁ ଲାଇନ୍‌ରେ ଥାଇ କଳା ଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ସେମାନେ ଅଭ୍ୟାସ ଜାରି ରଖିବା ଆବଶ୍ୟକ । କାରଣ ଯୋଗ୍ୟ ହୋଇ ଥିଲେ ଦିନେ ନା ଦିନେ ସ୍ୱପ୍ନ ପୂରଣ କରିପାରିବେ । ■

# ଜୀ ସାର୍ଥକର ‘ଆସ୍ଥାର ଯାତ୍ରା’



ଜୀ ସାର୍ଥକ ପବିତ୍ର ରଥଯାତ୍ରା ଅବସରରେ ‘ଆସ୍ଥାର ଯାତ୍ରା’ ଭଳି ଏକ ଅଭିନବ ଅଭିଯାନ ମାଧ୍ୟମରେ ଓଡ଼ିଶାର କୋଟି କୋଟି ଭକ୍ତମାନଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଯୋଡ଼ିବା ସହିତ ଓଡ଼ିଆ ଅସ୍ମିତା ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଏକ ସଫଳ ପ୍ରୟାସ ଆରମ୍ଭ କରିଛି । ସମସ୍ତଙ୍କ ପାଇଁ ପୁରୀ ଯାଇ ରଥଯାତ୍ରାରେ ଅଂଶଗ୍ରହଣ କରିବା ସମ୍ଭବ ନୁହେଁ, କିନ୍ତୁ ସେଠାରେ ଲୋକଙ୍କର ଭକ୍ତି ବିଶ୍ୱାସ ଓ ଶ୍ରଦ୍ଧା ମହାପ୍ରଭୁଙ୍କ ପାଖରେ ପହଞ୍ଚାଇବା ନିଶ୍ଚିତ ଭାବରେ ସମ୍ଭବ । ଜୀ ସାର୍ଥକର ଆସ୍ଥାର ଯାତ୍ରାରେ ଯୋଗଦାନ କରି ନିଜର ନଡ଼ିଆ ମହାବାହୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ହେବ । ଲୋକଙ୍କ ଆସ୍ଥା ଓ ଭକ୍ତିକୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଜୀ ସାର୍ଥକ ଏକ ମାଧ୍ୟମ ସାଜିଛି । ଏହି କ୍ୟାମ୍ପେନର ମୁଖ୍ୟ ଆକର୍ଷଣ ହେଉଛି ଏହାର ଭାବପୂର୍ଣ୍ଣ ବାର୍ତ୍ତା: “ଶ୍ରଦ୍ଧାରେ ବଢ଼େଇ ଦେଲି ନଡ଼ିଆ, ଭୁଜ ବଢ଼େଇ ନେବ କାଳିଆ ।” ଜୁଲାଇ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଜୁଲାଇ ୧୯ ପର୍ଯ୍ୟନ୍ତ ଚାଲିବ । ଜୀ ସାର୍ଥକର ଏକ ସ୍ୱତନ୍ତ୍ର ‘ରଥଯାତ୍ରା ଭ୍ୟାନ୍’ ଓଡ଼ିଶାର ବିଭିନ୍ନ ସହର ଓ ଗାଁକୁ ଗସ୍ତ କରିବ ଓ ଏହି ଭ୍ୟାନ୍ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଆସ୍ଥାର ପ୍ରତୀକ ସ୍ୱରୂପ ‘ନଡ଼ିଆ’ ସଂଗ୍ରହ କରାଯିବ । ସଂଗୃହୀତ ସମସ୍ତ ନଡ଼ିଆ ଏବଂ ଭକ୍ତଙ୍କ ପ୍ରାର୍ଥନାକୁ ପୁରୀ ନିଆଯାଇ ମହାପ୍ରଭୁଙ୍କ ନିକଟରେ ଭକ୍ତିର ସହ ସମର୍ପଣ କରାଯିବ । ସାଧାରଣ ଜନତାଙ୍କ ସହ ଓଲିଉଡ୍ ଏବଂ ଟେଲିଭିଜନ ଜଗତର ବହୁ ଜଣାଶୁଣା କଳାକାର ଏହି ପବିତ୍ର ଅଭିଯାନରେ ସାମିଲ ହୋଇ ନିଜ ଶ୍ରଦ୍ଧାର ନଡ଼ିଆ ପ୍ରଦାନ କରିଛନ୍ତି । ଏଥିରେ ଲିପି, ମଣ୍ଟୁ, ସତ୍ୟଜିତ୍, ସୁଜିତ୍, ଅନିଷା, ସ୍ମୃତିରେଖା, ରଞ୍ଜନ, ସମ୍ଭବ ଓ ଅଙ୍କିତା ମଧ୍ୟ ସାମିଲ ଅଛନ୍ତି । ■

# ଗଣେଶ ପୂଜାରେ ‘ଦହନ- ଦି ଇଭିଲ୍ ୱିଥିନ୍’




ଓଲିଉଡ୍‌ର ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ ହେଉଥିବା ବହୁ ପ୍ରତୀକ୍ଷିତ ଓଡ଼ିଆ ହରର୍ ଥ୍ରିଲର୍ ଚଳଚ୍ଚିତ୍ର ‘ଦହନ- ଦି ଇଭିଲ୍ ୱିଥିନ୍’ର ରିଲିଜ୍ ତାରିଖ ଘୋଷଣା କରାଯାଇଛି । ଆସନ୍ତା ସେପ୍ଟେମ୍ବର ୧୧ ଅର୍ଥାତ୍ ଗଣେଶ ପୂଜା ଅବସରରେ ଏହା ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଯାଉଛି । ବ୍ଲକବଷ୍ଟର୍ ସିନେମା ‘ମନ୍ତ୍ରମୁଗ୍ଧ’ର ଅପାର ସଫଳତା ପରେ ନିର୍ମାତା ଏହି ନୂଆ ସିନେମାକୁ ‘ଓଡ଼ିଆ ହରର୍ ସିନେମାର ପରବର୍ତ୍ତୀ ସ୍ତର’ ବୋଲି ଦାବି କରିଛନ୍ତି ।

ଏହି ସିନେମାର କାହାଣୀ, ଚିତ୍ରନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନା ଭାର ନେଇଛନ୍ତି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ଅନୁପମ ଏବଂ ବର୍ଷା ପଟ୍ଟନାୟକ ମିଳିତ ଭାବେ ଏହାର ପ୍ରଯୋଜନା କରୁଛନ୍ତି । ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ ‘ଦହନ’ ମାଧ୍ୟମରେ ଓଡ଼ିଆ ସିନେମାର କାହାଣୀ କହିବା ଶୈଳୀ ଏବଂ ବୈଷୟିକ ମାନଦଣ୍ଡରେ ଏକ ନୂଆ ବିପ୍ଲବ ଆଣିବ ବୋଲି ଆଶା କରାଯାଉଛି । ଏହି ଚଳଚ୍ଚିତ୍ରରେ ବର୍ଷା ପଟ୍ଟନାୟକ, ଔରୋଶିଖା ମିଶ୍ର, ସମ୍ରାଟ ମହାପାତ୍ର, ପାର୍ଥସାରଥୀ ରାୟ, ନିଶାନ୍ତ ମଜିଠିଆ, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଣବ ପ୍ରସନ୍ନ ରଥ ପ୍ରମୁଖ ଅନ୍ୟାନ୍ୟ କଳାକାରମାନେ ଅଛନ୍ତି । ସଂଳାପ ପ୍ରଣବ ପ୍ରସନ୍ନ ରଥ ଲେଖିଥିବା ବେଳେ ଆଶିଷ ପ୍ରଧାନଙ୍କ ସଙ୍ଗୀତ ଏବଂ ଶକ୍ତି ସ୍ୱରୂପ ଦ୍ୱିବେଦୀଙ୍କ ସାଉଣ୍ଡ ଡିଜାଇନ୍ ସିନେମାକୁ ଆହୁରି ଜୀବନ୍ତ କରିବ । ଖୁବ୍ ଶୀଘ୍ର ସିନେମାର ଟିଜର୍, ଟ୍ରେଲର୍ ଓ ପ୍ରମୋସନାଲ୍ ଗୀତ ରିଲିଜ୍ କରାଯିବ ବୋଲି ନିର୍ମାତା ଜଣାଇଛନ୍ତି । ତେବେ ବଡ଼ ପରଦାରେ ଦର୍ଶକଙ୍କୁ ଏକ ଅନ୍ତର୍ଜାତୀୟ ସ୍ତରର ମନୋରଞ୍ଜନ ଯୋଗାଇବା ପାଇଁ ‘ଦହନ’ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଉଛି । ■

# କଳା ନିର୍ଦ୍ଦେଶକ କଳିଙ୍ଗ



ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଯୁବ କଳା ନିର୍ଦ୍ଦେଶକ ଭାବରେ ବେଶ୍ ଜଣାଶୁଣା ଓ ଚର୍ଚ୍ଚିତ ନାମ କଳିଙ୍ଗ କେଶରୀ ନାୟକ । ଏଇ ନିକଟରେ ସେ ‘ପୁଷ୍କରା’ (୨୦୨୩) ଓ ‘ରଙ୍ଗସୁର’ (୨୦୨୪) ପାଇଁ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି । ‘ଏସିପି ରଣବୀର’, ‘କାଲିର ଅତୀତ’, ‘ସମଥିଙ୍ଗ୍ ସମଥିଙ୍ଗ୍’, ‘ସପନର ପଥେ ପଥେ’, ‘ଏକା ଏକା’, ‘ବଧୂ ନୁହେଁ ମୁଁ ବନ୍ଧୁ’, ‘ଛାତି ତଳେ ଡିଙ୍ଗ ଡିଙ୍ଗ’, ‘କୌନ କିତନା ପାନି’, ‘ଲେଖୁ ଲେଖୁ ଲେଖିଦେଲି’, ‘ମିଛୁଆ’, ‘ଭିଲିଆନ୍’, ‘ପୁଷ୍କର’, ‘ରଙ୍ଗସୁର’ ଆଦି ଅନେକ ଓଡ଼ିଆ ଚଳଚ୍ଚିତ୍ରରେ କଳା ନିର୍ଦ୍ଦେଶନା ଦେଇ ସେ ବେଶ୍ ସୁଖ୍ୟାତି ଅର୍ଜନ କରିଛନ୍ତି । ଖୁବ୍ କମ୍ ବୟସରୁ ସେ ଚଳଚ୍ଚିତ୍ର ଜଗତରେ କାମ କରି ଲଳିତ କଳା ଏକାଡେମୀ, ‘କାଲିର ଅତୀତ’ ଚଳଚ୍ଚିତ୍ର ପାଇଁ ମଧ୍ୟ ପୁରସ୍କୃତ ହୋଇପାରିଛନ୍ତି । ଜଣେ ସରଳ, ନମ୍ର ଯୁବ କଳା ନିର୍ଦ୍ଦେଶକ ଭାବରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ତାଙ୍କ ଘର ଯାଜପୁର ଜିଲ୍ଲା ରତ୍ନଗିରି ରାଉତସାହି । ବିକେ ଆର୍ଟ କଲେଜରେ ଚିତ୍ରକଳା ଓ ଗ୍ରାଫିକ୍ସରେ ଡିଗ୍ରୀ ପାଠ୍ୟକ୍ରମରେ କୃତିତ୍ୱ ହାସଲ କରିଛନ୍ତି । ବର୍ତ୍ତମାନ ସେ ଓଲିଓଡ୍ ଜଗତରେ କଳା ନିର୍ଦ୍ଦେଶକ ଭାବରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ■

# ‘ନୀଳାଦ୍ରି ମହୋଦୟ’ର ଅଡିଓ ରିଲିଜ୍



‘ଦୂରଦର୍ଶନୀ ଡିଜିଟାଲ’ ଦ୍ୱାରା ପ୍ରସ୍ତୁତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତ ‘ନୀଳାଦ୍ରି ମହୋଦୟ’ର ଅଡିଓ ମୁକ୍ତିଲାଭ କରିଛି । ଏହାର ମୁକ୍ତିଲାଭ ଉତ୍ସବ କିସ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବ ବେଳେ ଗୀତିକାର ଡଃ ନିର୍ମଳ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ଗୁଡଲି ରଥ, କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ନିର୍ଦ୍ଦେଶକ ଟୁନା ପ୍ରମୁଖ ଯୋଗ ଦେଇଥିଲେ । ‘ନୀଳାଦ୍ରି ମହୋଦୟ’ ଭକ୍ତି ସଙ୍ଗୀତକୁ ପ୍ରଜ୍ଞା ଦୂରଦର୍ଶନୀ ନାୟକ ପ୍ରଯୋଜନା କରିଥିବା ବେଳେ ଗୀତିକାର ଡ. ନିର୍ମଳ ନାୟକ ଗୀତ ରଚନା କରିଛନ୍ତି । ଗୁଡଲି ରଥ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଚ୍ଛଦପଟ ଗାୟକ ସତ୍ୟଜିତ୍ ପ୍ରଧାନ କଣ୍ଠଦାନ କରିଛନ୍ତି । ଏହି ଭକ୍ତି ଗୀତର ନିର୍ଦ୍ଦେଶନା ଦେଇଛନ୍ତି ଟୁନା ଚନ୍ଦନ । ଅଭିନେତା ପୁପିନ୍ଦର ସିଂ ଏବଂ ଶ୍ରୀତମ ଦାସ ଏହି ଗୀତରେ ଅଭିନୟ କରିଛନ୍ତି । ଗୀତଟି ଏବେ ଦୂରଦର୍ଶନୀ ଡିଜିଟାଲରେ ଉପଲବ୍ଧ ଅଛି । ■

ପରଦା ପଛର କାହାଣୀ

# ଗୋଟିଏ ଫିଲ୍ମରେ ଛଅ ଭୂମିକାରେ ଅଭିନୟ



ଅଭିନେତା ଗୋବିନ୍ଦା ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଦୀର୍ଘ ଦିନର ନିରବତା ପରେ ‘ରୂପା’ ଫିଲ୍ମ ମାଧ୍ୟମରେ ସେ ବଲିଉଡ୍ ଇଣ୍ଡଷ୍ଟ୍ରୀକୁ କମ୍‌ବ୍ୟାକ୍ କରୁଛନ୍ତି । ଏହି ଫିଲ୍ମର ପ୍ରମୋସନ ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗୋବିନ୍ଦା ନିଜ ମନର ଦୁଃଖ, ଯନ୍ତ୍ରଣାକୁ ପ୍ରକାଶ କରିଛନ୍ତି । ତେବେ ଫ୍ଲପ୍ ଷ୍ଟାର୍ କୁହାଯାଉଥିବା ଗୋବିନ୍ଦା ୨୦୦୦ ମସିହାରେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା । ଯେଉଁଥିରେ ସେ ଛଅଟି ଭୂମିକାରେ ଅଭିନୟ କରି ଘରେ ଘରେ ପରିଚିତ ହୋଇଥିଲେ । ‘ହଦ୍ କର୍ ଦି ଆପ୍‌ନେ’ ଫିଲ୍ମରେ ସେ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲେ । ଫିଲ୍ମରେ ଗୋବିନ୍ଦାଙ୍କ ସହ ରାନୀ ମୁଖାର୍ଜୀ ଚମତ୍କାର ଅଭିନୟ କରିଥିଲେ । ଏଥିରେ ଗୋବିନ୍ଦା ‘ରାଜୁ’ ଚରିତ୍ର ଓ ରାନୀ ମୁଖାର୍ଜୀ ‘ଅଞ୍ଜଳି’ ଭୂମିକାରେ ଅଭିନୟ କରିଥିଲେ । ଏଥିରେ କମେଡ଼ି, ଆକ୍ସନ ଏବଂ ରୋମାନ୍ସ ସବୁ କିଛି ଭରପୂର ରହିଥିଲା । ଏହି ଫିଲ୍ମରେ ମୁଖ୍ୟ ଚରିତ୍ର ରାଜ ମଲହୋତ୍ରା, ରାଜଙ୍କ ପିତା, ମାତା, ଜେଜି ମାଆ, ଭଉଣୀ ଆଦି ଛଅ ଚରିତ୍ରରେ ଗୋବିନ୍ଦା ଅଭିନୟ କରିଥିଲେ । ‘ହଦ୍ କର୍ ଦି ଆପ୍‌ନେ’ ଫିଲ୍ମରେ ରାନୀ ମୁଖାର୍ଜୀଙ୍କ ପରିବର୍ତ୍ତେ ଅଭିନେତ୍ରୀ ମହିମା ଚୌଧୁରୀ ହେବାର ଥିଲା । ହେଲେ ସେ ସମୟରେ ମହିମା ନିଜ ଫିଲ୍ମକୁ ନେଇ ଖୁବ୍ ବ୍ୟସ୍ତ ଥିଲେ । ତାଙ୍କ ପାଖରେ ଏହି ଫିଲ୍ମରେ କାମ କରିବା ପାଇଁ ସମୟ ନ ଥିଲା । ଏଥିରେ ଗୋବିନ୍ଦା ଏବଂ ରାନୀ ମୁଖାର୍ଜୀଙ୍କ ବ୍ୟତୀତ ଜନି ଲିଭର, ପରେଶ ରାୱଲ, ତନାଜ୍ ଇରାନୀ, ରାକେଶ ବେଦୀ, ଅବତାର ଗୀଲ୍, ବିଜୁ ଖୋଟେ, ସ୍ମିତା ଜୟକର ପ୍ରମୁଖ କଳାକାର ଅଭିନୟ କରିଥିଲେ । ଏହି ଫିଲ୍ମ ବକ୍ସ ଅଫିସରେ ୧୧ କୋଟି ଟଙ୍କା ଆୟ କରିଥିଲା । ■

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୨୮
- ପାଉଣ୍ଡ ୧୨୯.୭୦
- ୟୁରୋ ୧୧୦.୧୭
- ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୩୫୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୧୫୧.୦୦
- ନିଫ୍ଟି ୨୪,୩୩୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



## ୧୨୦ଟି ନୂତନ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ କାମ ବନ୍ଦ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ଦେଶକୁ ନୂଆ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଆସିବା ବିଳମ୍ବ ହେବ। ଭାରତ-ରୁଷ ସହଭାଗୀତାରେ ଗଠିତ କମ୍ପାନୀ କିନେଟ୍ ରେଲୱେ ସଲ୍ୟୁସନ୍ସ ଦ୍ୱାରା ନିର୍ମିତ ୧୨୦ଟି ସ୍ଲିପର ଟ୍ରେନ୍ ଆସିବାକୁ ଆହୁରି ବହୁତ ସମୟ ଲାଗିବ। ଅଧିକାରୀମାନେ କହିଛନ୍ତି ଯେ ଟ୍ରେନ୍‌ଗୁଡ଼ିକର ଡିଜାଇନ୍ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ତେଣୁ, ଭାରତୀୟ ରେଳବାଇ ଏବେ ଏହି ଆଧୁନିକ ସ୍ଲିପର କୋଚ୍‌ଗୁଡ଼ିକୁ ଶୀଘ୍ର ଉତ୍ପାଦନ କରିବା ପାଇଁ ନିଜସ୍ୱ କାରଖାନା ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି। ବାସ୍ତବରେ, କିନେଟ୍‌କୁ ଡିଜାଇନ୍ ପ୍ରଦାନ କରିବା ପାଇଁ ଜଣେ ଜର୍ମାନ ପରାମର୍ଶଦାତାଙ୍କୁ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ଏହା ଏ ପର୍ଯ୍ୟନ୍ତ କମ୍ପାନୀକୁ ଅନୁମୋଦିତ ଚୂଡ଼ାନ୍ତ ଡିଜାଇନ୍ ଦାଖଲ କରିନାହିଁ। କମ୍ପାନୀ କହିଛି ଯେ ଏହି ସ୍ଲିପର ଟ୍ରେନଗୁଡ଼ିକର ପ୍ରଥମ ପ୍ରୋଟୋଟାଇପ୍ କେବଳ ୨୦୨୬ ଶେଷ ସୁଦ୍ଧା ପ୍ରସ୍ତୁତ ହେବ, ଅର୍ଥାତ୍ ପ୍ରକଳ୍ପ ନିର୍ଦ୍ଧାରିତ ସମୟଠାରୁ ଦୁଇ ବର୍ଷ ବିଳମ୍ବରେ ଅଛି। ରିପୋର୍ଟ ଅନୁଯାୟୀ, କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ସେମାନେ ସେମାନଙ୍କର ଯୋଗାଣକାରୀଙ୍କ ସହିତ ଚୁକ୍ତି କିମ୍ବା ଆର୍ଥିକ ସର୍ତ୍ତାବଳୀ ଉପରେ ଆଲୋଚନା କରିପାରିବେନାହିଁ। ତଥାପି, ସେମାନେ କହିଛନ୍ତି ଯେ ଏହି ଟ୍ରେନ୍‌ର ଇଞ୍ଜିନିୟରିଂ ଏବଂ ଡିଜାଇନ କାମରେ ୧୦୦ରୁ ଅଧିକ ଯୋଗାଣକାରୀ ଏକାଠି କାମ କରୁଛନ୍ତି।

**ଏ ଯାଏ ଚୂଡ଼ାନ୍ତ ହୋଇନି ଟ୍ରେନ୍‌ର ଡିଜାଇନ୍**

**ପ୍ରକଳ୍ପ ନିର୍ଦ୍ଧାରିତ ସମୟଠାରୁ ଦୁଇ ବର୍ଷ ବିଳମ୍ବ**

କମ୍ପାନୀ ଦାବି କରିଛି ଯେ ସମସ୍ତ ଯୋଗାଣକାରୀ ସହମତ ଯୋଜନା ଅନୁସାରେ କାମ କରୁଛନ୍ତି ଏବଂ ବନ୍ଦେ ଭାରତ ସ୍ଲିପର ଟ୍ରେନକୁ କିନେଟ୍ ଦ୍ୱାରା ଡିଜାଇନ୍ ଏବଂ ସଂଲଗ୍ନ କରାଯାଇଥିଲା, ଯାହା ନିଶ୍ଚିତ କରେ ଯେ ପ୍ରକଳ୍ପ ସଠିକ୍ ରାସ୍ତାରେ ଗତି କରୁଛି। ୨୦୨୩ରେ ମୋଟ ୨୦୦ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ ପାଇଁ ଟେଣ୍ଡର ଜାରି କରାଯାଇଥିଲା, ଯାହା ମଧ୍ୟରୁ ୮୦ଟି ଟ୍ରେନ୍ ନିର୍ମାଣର ଦାୟିତ୍ୱ ଟିଟାଗଡ଼ ରେଳ ସଲ୍ୟୁସନ୍ସ ଏବଂ ଭେଲ୍‌ର ଯୌଥ ଉଦ୍ୟୋଗକୁ ଦିଆଯାଇଥିଲା।

**ବାରମ୍ବାର ଦର ବଢ଼ାଇଲେ କମ୍ପାନୀ**

## ଚମକ ହରାଉଛି ସ୍ମାର୍ଟଫୋନ୍ ବଜାର

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି)



- ତିନି ବର୍ଷ ମଧ୍ୟରେ କାରବାର ସବୁଠୁ ଖରାପ
- ୧୫ ହଜାର ତଳକୁ ଫୋନ୍‌ର ବିକ୍ରିରେ ୪୫% ହ୍ରାସ
- ଆପଲ୍ ଆଇଫୋନ୍ ବିକ୍ରି ୩% ହ୍ରାସ ପାଇଛି
- ସ୍ମାର୍ଟଫୋନ୍ ମୂଲ୍ୟରେ ୧୫% ବୃଦ୍ଧି
- ମୁଦ୍ରାସ୍ଫୀତି ଚାପରେ ନୂଆ ଫୋନ୍ କିଣୁନାହାନ୍ତି ଗ୍ରାହକ
- ଇଏମ୍‌ଆଇରେ ବିକ୍ରି ହୋଇଛି ଅଧା ଫୋନ୍

ମନ୍ଥର ପଡିଛି ସ୍ମାର୍ଟଫୋନ୍ ବିକ୍ରି। ଆଉ ନାହିଁ ସ୍ମାର୍ଟଫୋନ୍ କାରବାରର ସେ ପୂର୍ବ ଚମକ। କାରଣ ସ୍ମାର୍ଟଫୋନ୍ ବଜାରରେ ସମ୍ପ୍ରତି ଦେଖାଯାଇଛି ଏକ ବଡ଼ ପରିବର୍ତ୍ତନ। ଗତ ତିନି ବର୍ଷ ମଧ୍ୟରେ ସ୍ମାର୍ଟଫୋନ୍ ବିକ୍ରିରେ ଦେଖିବାକୁ ମିଳିଛି ସବୁଠାରୁ ବଡ଼ ହ୍ରାସ। ୧୫ ହଜାର ଟଙ୍କାରୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ବିକ୍ରି ଗତ ବର୍ଷ ତୁଳନାରେ ୪୫% ହ୍ରାସ ପାଇଛି। ଯାହାଫଳରେ ସ୍ମାର୍ଟଫୋନ୍ ବଜାରରେ ଏଭଳି ଏକ ବଡ଼ ମାନ୍ଦାବସ୍ଥା ଦେଖିବାକୁ ମିଳିଥିବା କାଉଣ୍ଟରପଏଣ୍ଟ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି।

ଜୁନ୍ ପ୍ରଥମ ତ୍ରୈମାସିକରେ ଦେଶର ସ୍ମାର୍ଟଫୋନ୍ ବଜାରରେ ବାର୍ଷିକ ଆଧାରରେ ୧୦% ବଡ଼ ହ୍ରାସ ରେକର୍ଡ କରାଯାଇଛି। ଏହା ୨୦୨୩ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକ ପରେ ଗତ ତିନି ବର୍ଷ ମଧ୍ୟରେ ସବୁଠାରୁ ବଡ଼ ତ୍ରୈମାସିକ ହ୍ରାସ। ଏହି ମାନ୍ଦାବସ୍ଥା ସ୍ମାର୍ଟଫୋନ୍ ର ବଜେଟ୍ ସେଗମେଣ୍ଟ ଉପରେ ସବୁଠାରୁ ଗୁରୁତର ପ୍ରଭାବ ପକାଇଛି। ବଜାରରେ ୧୫ ହଜାର ଟଙ୍କାରୁ କମ୍ ମୂଲ୍ୟର ସ୍ମାର୍ଟଫୋନ୍ ବିକ୍ରି ଗତ ବର୍ଷ ତୁଳନାରେ ୪୫% ହ୍ରାସ ପାଇଛି। କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଅନୁଯାୟୀ, ଏହି ମାନ୍ଦାବସ୍ଥା ଚୀନ୍ ସ୍ମାର୍ଟଫୋନ୍ ବ୍ରାଣ୍ଡଗୁଡ଼ିକୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। କାରଣ ସେମାନେ ସୁଲଭ ଏବଂ ମଧ୍ୟମ-ପରିସର ଡିଭାଇସ୍ ଉପରେ ଅଧିକ ନିର୍ଭର କରନ୍ତି। ଫଳସ୍ୱରୂପ, ଏପ୍ରିଲ୍-ଜୁନ୍ ତ୍ରୈମାସିକରେ ସେମାନଙ୍କର ସାମଗ୍ରିକ ବଜାର ଅଂଶ ୨୦୨୦ ପରଠାରୁ ସର୍ବନିମ୍ନ ସ୍ତରକୁ ଖସିଗଲା।

ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋର ବିକ୍ରିରେ ଦୁଇ ଅଙ୍କ ହ୍ରାସ ପାଇଛି, ହେଲେ କମ୍ପାନୀ ୧୭.୮% ବଜାର ଅଂଶ ସହିତ ଏହାର ଶୀର୍ଷ ସ୍ଥାନ ବଜାୟ ରଖିଛି। ତେବେ ଶ୍ରେଷ୍ଠ ୫ ଟି ବ୍ରାଣ୍ଡ ମଧ୍ୟରେ ୨% ବୃଦ୍ଧି ପଞ୍ଜୀକୃତ କରିବାରେ ସାମସଙ୍ଗ ଏକମାତ୍ର ବ୍ରାଣ୍ଡ ଥିଲା। ୧୭.୬% ବଜାର ଅଂଶ ସହିତ, ଏହା ଭିଭୋ ସହିତ ଏହାର ବ୍ୟବଧାନକୁ ଯଥେଷ୍ଟ ହ୍ରାସ କରିଥିଲା। ଅନ୍ୟତମ ବ୍ରାଣ୍ଡ ଓପୋ ୧୩.୬% ବଜାର ଅଂଶ ସହିତ ତୃତୀୟ ସ୍ଥାନରେ ରହିଛି। ୨୦ ହଜାର ଟଙ୍କାରୁ କମ୍ ମୂଲ୍ୟର ଫୋନର ପ୍ରବଳ ଚାହିଦା ଯୋଗୁଁ ଏହା ମାନ୍ଦାବସ୍ଥାର ମୁକାବିଲା କରିଥିଲା। ହେଲେ ବାରମ୍ବାର ମୂଲ୍ୟ ବୃଦ୍ଧି ଯୋଗୁଁ ସାଓମିର ଗ୍ରାହକ ଚାହିଦା ଦୁର୍ବଳ ହୋଇଛି। ବ୍ରାଣ୍ଡ ରିଅଲ୍‌ମିର ବିକ୍ରିରେ ମଧ୍ୟ ହ୍ରାସ ଦେଖାଦେଇଛି। ଏହାର ବଜାର ଅଂଶ ୧୦% ବଜାୟ ରହିଥିଲା। ଆପଲ୍ ଆଇଫୋନ୍ ୧୭ ସିରିଜର ପ୍ରବଳ ଚାହିଦା ସତ୍ତ୍ୱେ, ବ୍ରାଣ୍ଡର ବିକ୍ରି ୩% ହ୍ରାସ ପାଇଛି, ଯୋଗାଣ ଶୃଙ୍ଖଳା ସମସ୍ୟା ଏବଂ ଷ୍ଟକ୍ ଅଭାବ ଯୋଗୁଁ କମ୍ପାନୀର ବଜାର ଅଂଶ ୭% ରହିଛି।

କାଉଣ୍ଟରପଏଣ୍ଟର ବରିଷ୍ଠ ବିଶ୍ଳେଷକ ପ୍ରାଚୀର ସିଂହଙ୍କ ଅନୁଯାୟୀ, ଏହି ହ୍ରାସର ପ୍ରାଥମିକ କାରଣ ହେଉଛି ସ୍ମାର୍ଟଫୋନରେ ବ୍ୟବହୃତ ମେମୋରୀ (ରାମ୍ ଏବଂ ଷ୍ଟୋରେଜ୍) ମୂଲ୍ୟରେ ରେକର୍ଡ ବୃଦ୍ଧି। ୨୦୨୫ ସେପ୍ଟେମ୍ବର ପରଠାରୁ ସ୍ମାର୍ଟଫୋନ୍ ମେମୋରୀ ମୂଲ୍ୟ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ଏହା କମ୍ପାନୀଗୁଡ଼ିକୁ ଚଳିତବର୍ଷ ଫୋନ୍ ମୂଲ୍ୟ ଅନେକ ଥର ବୃଦ୍ଧି କରିବାକୁ ବାଧ୍ୟ କରିଥିଲା, ଯାହା ଫଳରେ ଜୁନ୍ ତ୍ରୈମାସିକ ଶେଷ ସୁଦ୍ଧା ହାରାହାରି ସ୍ମାର୍ଟଫୋନ୍ ମୂଲ୍ୟ ପ୍ରାୟ ୧୫% ବୃଦ୍ଧି ପାଇଛି। ଏହା ବ୍ୟତୀତ, ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଜନିତ ଚାପରେ ଗ୍ରାହକ ନୂତନ ଫୋନ୍ କିଣିବା କିମ୍ବା ଅପଗ୍ରେଡ୍ କରିବା ସ୍ଥଗିତ ରଖିଛି। ତେବେ ସ୍ଥିତିର ମନ୍ଦାବସ୍ଥାର ମୁକାବିଲା କରିବା ପାଇଁ, ଅନେକ ବ୍ରାଣ୍ଡ ପୁଣି ବଜେଟ୍ ସେଗମେଣ୍ଟରେ ସେମାନଙ୍କର ୪ଜି ପୋର୍ଟଫୋଲିଓକୁ ବିସ୍ତାର କରିଛନ୍ତି। କମ୍ପାନୀଗୁଡ଼ିକ ବିଶ୍ୱାସ କରନ୍ତି ଯେ ମୂଲ୍ୟ-ସଚେତନ ଗ୍ରାହକମାନେ ୫ଜି ଅପେକ୍ଷା କମ୍ ମୂଲ୍ୟର ୪ଜି ଫୋନ୍ ବାଛିଛନ୍ତି। ବିପରୀତରେ, ୪୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ପ୍ରିମିୟମ୍ ସ୍ମାର୍ଟଫୋନ୍ ପାଇଁ ବଜାର ପ୍ରାୟତଃ ସ୍ଥିର ରହିଛି। ଏଚ୍‌ଡିଏଫ୍‌ସିର କ୍ରେଡିଟ୍ କାର୍ଡ ଏବଂ ସହଜ ନୋ-କଷ୍ଟ ଇଏମ୍‌ଆଇ ସ୍କିମ୍ ଉଚ୍ଚ-ସମ୍ପନ୍ନ ଫୋନ୍‌ର ପ୍ରାରମ୍ଭିକ ମୂଲ୍ୟ ହ୍ରାସ କରିଛି, ଯାହା ଫଳରେ ଏହି ସେଗମେଣ୍ଟକୁ ପ୍ରଭାବିତ ହୋଇପାରିନାହିଁ। ରିପୋର୍ଟ ଅନୁଯାୟୀ, ଏହି ତ୍ରୈମାସିକରେ ମୋଟ ସ୍ମାର୍ଟଫୋନ୍ ବିକ୍ରିର ଅଧାରୁ ଅଧିକ ଫାଇନାନ୍ସିଂ (ଇଏମ୍‌ଆଇ) ମାଧ୍ୟମରେ କରାଯାଇଛି।

## ଏବେ ଉମଙ୍ଗ ଆପ୍ ମାଧ୍ୟମରେ ସକ୍ରିୟ ହେବ ୟୁଏଏନ୍

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏହାର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଏକ ବଡ଼ ପରିବର୍ତ୍ତନ କରିଛି। ଇପିଏଫ୍‌ଓ ଏବେ ଏହାର ସରକାରୀ ୱେବସାଇଟ୍‌ରୁ ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର (ୟୁଏଏନ୍) ଆକ୍ଟିଭେସନ୍ ବା ସକ୍ରିୟକରଣ ଏବଂ ନୂତନ ୟୁଏଏନ୍ ଜେନେରେସନ୍ ସୁବିଧା ବନ୍ଦ କରିଦେଇଛି। ଉଭୟ ସେବାକୁ ବର୍ତ୍ତମାନ ଉମଙ୍ଗ ଆପ୍‌କୁ ସ୍ଥାନାନ୍ତରିତ କରାଯାଇଛି। ଏହାସହିତ, ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆଧାର-ଆଧାରିତ ଫେସ୍ ଅଥେନ୍ଟିକେସନ୍ କୁ ବାଧ୍ୟତାମୂଳକ କରାଯାଇଛି।




**ଫେସ୍ ଅଥେନ୍ଟିକେସନ୍ ମଧ୍ୟ ଆବଶ୍ୟକ**

ଇପିଏଫ୍‌ଓ ଅନୁଯାୟୀ, ଡାଟାବେସ୍ ଏକୀକୃତକରଣ ଏବଂ ସଫ୍ଟୱେର୍ ଅପଗ୍ରେଡ୍ ପରେ ଅନଲାଇନ୍ ସେବାଗୁଡ଼ିକୁ ଦ୍ରୁତ ଏବଂ ଅଧିକ ସୁରକ୍ଷିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଉଭୟ ସେବା ଉମଙ୍ଗ ଆପ୍‌କୁ ସ୍ଥାନାନ୍ତରିତ ହେବା ଫଳରେ ଏବେ ଉମଙ୍ଗ ଆପ୍ ମାଧ୍ୟମରେ ୟୁଏଏନ୍‌କୁ ଆକ୍ଟିଭ୍ କରାଯାଇପାରିବ।

ତେବେ ୟୁଏଏନ୍ ସକ୍ରିୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବାକୁ, ଉମଙ୍ଗ ଆପ୍‌ରେ ୟୁଏଏନ୍ ସେବା ଥୁ ଫେସ୍ ପ୍ରମାଣୀକରଣ' ଅନ୍ତର୍ଗତ ୟୁଏଏନ୍ ଆଲଟମେଣ୍ଟ ଏବଂ ଆକ୍ଟିଭେସନ୍ ବିକଳ୍ପକୁ ଯିବାକୁ ହେବ। ୟୁଏଏନ୍ ଆଧାର ନମ୍ବର ଏବଂ ମୋବାଇଲ୍ ନମ୍ବର ଏଣ୍ଟ୍ରି କରିବା ପରେ କନ୍‌ସେଣ୍ଟ ବକ୍ସରେ ଟିକ୍ କକରି ଓଟିପି ପଠାଇ କ୍ଲିକ୍ କରାଯିବ। ଏହା ସଫଳ ହେବା ପରେ ସ୍କ୍ରିନରେ ୟୁଏଏନ୍ ସକ୍ରିୟ ହୋଇଥିବା ମେସେଜ୍ ପ୍ରଦର୍ଶିତ ହେବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଇପିଏଫ୍ ଉପରେ ୮.୨୫% ସୁଧ ହାରକୁ ଅନୁମୋଦନ ଦେଇଛି। ଏହା କ୍ରମାଗତ ତୃତୀୟ ଥର ପାଇଁ ଯେବେ ଗ୍ରାହକମାନେ ୮.୨୫% ହାରରେ ସୁଧ ପାଉଛନ୍ତି। ଇପିଏଫ୍‌ଓ ନିୟମ ଅନୁଯାୟୀ, ଗ୍ରାହକମାନଙ୍କୁ ସର୍ବଦା ସେମାନଙ୍କର ଇପିଏଫ୍ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବାକୁ ପଡିବ। ଏହାର ଅର୍ଥ ହେଉଛି ଯଦି ଆପଣ ଚାକିରି କରୁଥିବା ସମୟରେ ଆଂଶିକ ଭାବରେ ପାଣ୍ଠି ଉଠାଇବାକୁ ଚାହାଁନ୍ତି, ତେବେ ଆପଣ ଆପଣଙ୍କର ମୋଟ ପାଣ୍ଠିର ସର୍ବାଧିକ ୭୫% ଉଠାଇପାରିବେ। କେବଳ ଚାକିରି ହରାଇବା କ୍ଷେତ୍ରରେ ସମ୍ପୂର୍ଣ୍ଣ ସମାଧାନ ଅନୁମତି ରହିଛି। ଉଦାହରଣ ସ୍ୱରୂପ ଯଦି ଜଣେ ଗ୍ରାହକଙ୍କ ଆକାଉଣ୍ଟରେ ମୋଟ ୨ ଲକ୍ଷ ଟଙ୍କା (କର୍ମଚାରୀ ଏବଂ କମ୍ପାନୀ ଅଂଶ ଉଭୟ ସମେତ) ଅଛି, ତେବେ ସେ ଆଂଶିକ ଭାବରେ ସର୍ବାଧିକ ୧.୫୦ ଲକ୍ଷ ଟଙ୍କା ବାଲାନ୍ସ ଉଠାଇପାରିବେ, ଯେତେବେଳେ କି ସର୍ବନିମ୍ନ ୫୦ ହଜାର ଟଙ୍କା ବାଲାନ୍ସ ଆକାଉଣ୍ଟରେ ରହିବ।

## ୫ଜି ନେଟ୍‌ୱର୍କରେ ଜିଓର ଦବଦବା

ମୁମ୍ବଇ,୧୮।୭: ୫ଜି ଏବଂ ଡିଜିଟାଲ୍ କନେକ୍ଟିଭିଟି ବଳରେ ଜିଓ ଏହାର ନେତୃତ୍ୱ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଏହି ଧାରା ରିଲାଏନ୍ସର ତ୍ରୈମାସିକ ଫଳାଫଳରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଛି। ଜିଓର ମୋଟ ଉପଭୋକ୍ତା ସଂଖ୍ୟା ଜୁନ ମାସ ଶେଷ ସୁଦ୍ଧା ୫୩ କୋଟି ୩୩ ଲକ୍ଷକୁ ବୃଦ୍ଧି ପାଇଥିବାବେଳେ ଜିଓ ଟ୍ରୁ ୫ଜି ଉପଭୋକ୍ତା ସଂଖ୍ୟା ୨୮ କୋଟି ୫୦ ଲକ୍ଷ ଅତିକ୍ରମ କରିଛି। ଗତ ୧୨ ମାସ ମଧ୍ୟରେ, ଜିଓର ୫ଜି ଉପଭୋକ୍ତା ସଂଖ୍ୟା ୭ କୋଟି ୩୦ ଲକ୍ଷ ବୃଦ୍ଧି ପାଇଛି। କେବଳ ୫ଜି ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇଛି ତାହା ନୁହେଁ; ଜିଓ ନେଟୱାର୍କରେ ୫ଜି ଡାଟା ଟ୍ରାଫିକ୍ ଏବେ ୪ଜି ଡାଟା ଟ୍ରାଫିକ୍ ତୁଳନାରେ ପ୍ରାୟ ଦେଢ଼ ଗୁଣ ହୋଇଛି। କମ୍ପାନୀର ତ୍ରୈମାସିକ ଆର୍ଥିକ ଫଳାଫଳରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜଣାପଡିଛି। ଜିଓ ନେଟୱାର୍କରେ ପ୍ରତି ଗ୍ରାହକଙ୍କ ପିଛା ମାସିକ ଡାଟା ବ୍ୟବହାର ୪୩.୭ ଜିବିକୁ ବୃଦ୍ଧି ପାଇଥିବା ବେଳେ ଏହି ତ୍ରୈମାସିକରେ ଜିଓ ନେଟୱର୍କରେ ମୋଟ ଡାଟା ଟ୍ରାଫିକ୍ ୨୬.୯ ପ୍ରତିଶତ ବୃଦ୍ଧି ପାଇ ୬୯.୪ ବିଲିୟନ ଜିବିରେ ପହଞ୍ଚିଛି।

## ଦୀପାବଳି ସୁଦ୍ଧା ୧.୬୦ ଲକ୍ଷ ଛୁଇଁବ ସୁନା

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ସୁନା ଏବଂ ରୂପା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଶୁକ୍ରବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ରେ ଅଗଷ୍ଟ ଡେଲିଭରି ପାଇଁ ସୁନା ପ୍ରତି ୧୦ ଗ୍ରାମ ମୂଲ୍ୟରେ ୬୫୮ ଟଙ୍କା ବୃଦ୍ଧି ଘଟି ୧,୪୧,୦୦୬ ଟଙ୍କାରେ ବନ୍ଦ ହୋଇଛି। ସେହିପରି ରୁପା ପ୍ରତି କିଲୋଗ୍ରାମ ୪୩୬ ଟଙ୍କା ବୃଦ୍ଧି ପାଇ ୨,୧୬,୪୪୯ ଟଙ୍କାରେ ବନ୍ଦ ହୋଇଛି। ହିସାବ ଅନୁଯାୟୀ, ଗୋଟିଏ ମାସରେ ସୁନା ମୂଲ୍ୟ ପ୍ରାୟ ୮% ହ୍ରାସ ପାଇଛି। ଏବେ ମୂଲ୍ୟ ହ୍ରାସ ପରେ ନିବେଶକମାନେ ଦରରେ ପୁନର୍ବାର ଦର ବୃଦ୍ଧି ଆଶା କରୁଛନ୍ତି। କିଛି ତେବେ ବଜାର ବିଶେଷଜ୍ଞଙ୍କ ମତରେ ଦୀପାବଳି ସୁଦ୍ଧା ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୬୦ ଲକ୍ଷ ଟଙ୍କାରେ ପହଞ୍ଚିପାରେ। ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ବୃଦ୍ଧି ପାଉଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ଆମେରିକୀୟ ଡଲାରର ମଜବୁତ ହେବା ନିବେଶକଙ୍କ ବିଶ୍ୱାସକୁ ପ୍ରଭାବିତ କରିଛି। ଯଦିଓ ଦୁର୍ବଳ ଆମେରିକାର ମୁଦ୍ରାସ୍ଫୀତି ତଥ୍ୟ ସୁନା ଏବଂ ରୁପାକୁ କିଛି ସମର୍ଥନ ଯୋଗାଇଥିଲା, କିନ୍ତୁ ଏହା ଏହି ଚିନ୍ତାକୁ ଦୂର କରିପାରିଲାନାହିଁ ଯେ ବଢୁଥିବା ଉତ୍ତେଜନା ଫେଡେରାଲ ରିଜର୍ଭକୁ ସୁଧ ହାର ହ୍ରାସ କରିବାରୁ ବାଧା ଦେଇପାରେ। ଗତ ମାସରେ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଅସ୍ଥାୟୀ ଶାନ୍ତି ଚୁକ୍ତିନାମା ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ଏବଂ ଏହି ସଦ୍ୟତମ ସଂଘର୍ଷର ପ୍ରଭାବ ଏ ପର୍ଯ୍ୟନ୍ତ ନୂତନ ମୁଦ୍ରାସ୍ଫୀତି ତଥ୍ୟରେ ସାମିଲ ହୋଇନାହିଁ। ବଜାର ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ସାମ୍ପ୍ରତିକ ହ୍ରାସ ସତ୍ତ୍ୱେ, ସୁନା ମୂଲ୍ୟରେ ଆଗକୁ ସେଭଳି ଉଲ୍ଲେଖନୀୟ ହ୍ରାସ ଆଶା କରାଯାଉନାହିଁ। ସେମାନେ କୁହନ୍ତି ଯେ ମୂଲ୍ୟ ବର୍ତ୍ତମାନ ସ୍ତରରେ ପ୍ରାୟ ସ୍ଥିର ହୋଇଛି ଏବଂ ସର୍ବାଧିକ ୫% ହ୍ରାସ ଆଶଙ୍କା କରାଯାଉଛି।



ମାସରେ ସୁନା ମୂଲ୍ୟ ୮% ହ୍ରାସ ପାଇଛି

ବର୍ତ୍ତମାନର ମୂଲ୍ୟରେ ସାମାନ୍ୟ ହ୍ରାସ ଅଳଙ୍କାର କ୍ରେତାଙ୍କ ପାଇଁ ଏକ ଭଲ ସୁଯୋଗ ହୋଇପାରେ। ତେଣୁ, ବିଶେଷଜ୍ଞମାନେ ତୀବ୍ର ମୂଲ୍ୟ ହ୍ରାସ ଆଶାରେ କ୍ରୟକୁ ସ୍ଥଗିତ ରଖିବା ବିରୁଦ୍ଧରେ ପରାମର୍ଶ ଦେଇଛନ୍ତି, କାରଣ ଆହୁରି ଗୁରୁତ୍ୱପୂର୍ଣ୍ଣ ହ୍ରାସର ସମ୍ଭାବନା ବହୁତ କମ୍। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଯଦି ଭୂ-ରାଜନୈତିକ ଉତ୍ତେଜନା କମିଯାଏ, ତେବେ ଘରୋଇ ବଜାରରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୧.୬୦ ଲକ୍ଷ ଟଙ୍କାରେ ପହଞ୍ଚିପାରେ।

## ଶ୍ୟାମ ଷ୍ଟିଲ୍‌ର ନୂତନ ଇସ୍ପାତ କାରଖାନାର ଶିଳାନ୍ୟାସ

ନୂଆଦିଲ୍ଲୀ, ୧୮।୭: ପଶ୍ଚିମବଙ୍ଗର ମେଜିଆରେ ଶ୍ୟାମ ଷ୍ଟିଲ୍ ଗ୍ରୁପ ୧୦,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୨ ମିଲିୟନ୍ ଟନ୍ ପ୍ରତିବର୍ଷ (୨ ଏମଟିପିଏ) କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହାର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପରେ ଡିଆରଆଇ (ଡିଆରଆଇ) ୟୁନିଟ୍, ପେଲେଟ୍ ଓ ବେନିଫିସିଏସନ୍ ପ୍ଲାଣ୍ଟ, ଷ୍ଟିଲ୍ ମେଲ୍ଟିଂ ଶପ୍, ଉଚ୍ଚ କ୍ଷମତାସମ୍ପନ୍ନ ଟିଏମଟି ବାର୍ ଏବଂ ଷ୍ଟ୍ରକ୍ଚରାଲ୍ ଷ୍ଟିଲ୍ ରୋଲିଂ ମିଲ୍ ଆଦି ସ୍ଥାପନ କରାଯିବ। ଏହା ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି ସହ ୨୦୨୯-୩୦ ସୁଦ୍ଧା ୩୦୦ ମିଲିୟନ୍ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହାୟକ ହେବ। ୧୯୫୩ ମସିହାରେ ବେରିୱାଲା ପରିବାର ଦ୍ୱାରା ପ୍ରତିଷ୍ଠିତ କୋଲକାତା ଭିତିକ ଶ୍ୟାମ ଷ୍ଟିଲ୍ ଗ୍ରୁପ୍ ବର୍ତ୍ତମାନ ବାର୍ଷିକ ୧.୫ ଏମ୍‌ଟିପିଏ ଇସ୍ପାତ ଉତ୍ପାଦନ କରୁଛି। ନୂତନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୩.୫ ଏମ୍‌ଟିପିଏକୁ ବୃଦ୍ଧି ପାଇବ ବୋଲି ଗ୍ରୁପର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି।



**୮ମ ବେତନ ଆୟୋଗ ଗଠନକୁ ୮ ମାସ ବିତିଲାଣି**

## ଦରମା, ପେନ୍‌ସନ୍ ବୃଦ୍ଧି ଅପେକ୍ଷାରେ କର୍ମଚାରୀ ଓ ପେନସନଭୋଗୀ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି)

ଅଷ୍ଟମ ବେତନ ଆୟୋଗ ୨୦୨୫ ନଭେମ୍ବରରେ ଗଠନ କରାଯାଇଥିଲା। ବର୍ତ୍ତମାନ ଆୟୋଗ ଗଠନକୁ ୮ ମାସରୁ ଅଧିକ ସମୟ ବିତିଗଲାଣି। ବେତନ ଆୟୋଗର ସଦସ୍ୟମାନେ ନିୟମିତ ଭାବରେ ବୈଠକ କରୁଛନ୍ତି। ହେଲେ କର୍ମଚାରୀ ଏବଂ ପେନସନଭୋଗୀମାନେ ଏ ପର୍ଯ୍ୟନ୍ତ ଦରମା ଏବଂ ପେନସନ ବୃଦ୍ଧିକୁ ଅପେକ୍ଷା କରିଛନ୍ତି। ୨୦୨୭ ଶେଷ ସୁଦ୍ଧା ଆୟୋଗ ତାଙ୍କର ଚୂଡାନ୍ତ ରିପୋର୍ଟ ଦାଖଲ କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗଠିତ କମିଟି ୨୦୨୫ ଜାନୁଆରୀରେ ୮ମ ବେତନ କମିଶନକୁ ଅନୁମୋଦନ କରିଥିଲା। ପରେ ୨୦୨୫ ନଭେମ୍ବର ୩ରେ ଏହା ଗଠିତ ହୋଇଥିଲା। କମିଶନ ଗଠନ ହେବାର ୮ ମାସ ଶେଷ ହୋଇଥିବାବେଳେ ଆଉ ମାତ୍ର ୧୦ ମାସ ବାକି ଅଛି। ଅନେକ ଚାକିରିଆଙ୍କ ଆଶା ୮ମ ବେତନ ଆୟୋଗ ଉପରେ କେବେ ନିଷ୍ପତ୍ତି ନିଆଯିବ। କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ପେନସନ କେବେ ବୃଦ୍ଧି ହେବ ? ତେଣୁ, ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ କେନ୍ଦ୍ର ସରକାର କମିଶନକୁ ୧୮ ମାସ ସମୟ ଦେଇଛନ୍ତି। ଏହାର ଅର୍ଥ ସେମାନଙ୍କର ଏ ପର୍ଯ୍ୟନ୍ତ ୧୦ ମାସ ବାକି ଅଛି। ନିକଟରେ, କମିଶନ କୋଲକାତାରେ ବୈଠକ ସମାପ୍ତ କରିଛନ୍ତି। କୋଲକାତା ପୂର୍ବରୁ, ବେତନ କମିଶନ ଦିଲ୍ଲୀ, ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ଭଳି ସହରରେ ବୈଠକ କରିଛନ୍ତି। ବୈଠକ ୨୦୨୬ ଏପ୍ରିଲରେ ଆରମ୍ଭ ହୋଇଥିଲା। ବିଭିନ୍ନ ସହରରେ ବୈଠକ ମାଧ୍ୟମରେ, କମିଶନ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପ୍ରତିନିଧି ଏବଂ ସଂଗଠନଙ୍କଠାରୁ ସେମାନଙ୍କର ଦାବି ବିଷୟରେ ସୂଚନା ସଂଗ୍ରହ କରୁଛନ୍ତି। ଏହା ଉପରେ ଆଧାର କରି କେନ୍ଦ୍ର ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରାଯିବ। କର୍ମଚାରୀମାନେ ଆଶା କରୁଛନ୍ତି ଯେ ୩.୬୮ ଗୁଣରୁ ୩.୮୩ ଗୁଣ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର କାର୍ଯ୍ୟକାରୀ ହୋଇପାରିବ। ୨୦୨୭ ଶେଷ ସୁଦ୍ଧା କମିଶନ ସରକାରଙ୍କୁ ତାଙ୍କର ରିପୋର୍ଟ ଉପସ୍ଥାପନ କରିବେ ବୋଲି ଆଶା କରାଯାଉଛି।




୨୦୨୭ ଶେଷ ସୁଦ୍ଧା ଆସିବ ଆୟୋଗଙ୍କ ରିପୋର୍ଟ

ଏହା ପରେ, କେନ୍ଦ୍ର ସରକାର ରିପୋର୍ଟ ଉପରେ ଆଧାର କରି, ଫିଟମେଣ୍ଟ ଫ୍ୟାକ୍ଟର ଏବଂ ବୃଦ୍ଧି ପରିମାଣ ନିଷ୍ପତ୍ତି ନେବେ। କେନ୍ଦ୍ର ସରକାର କମିଶନ ଦ୍ୱାରା ଦାଖଲ କରାଯାଇଥିବା ରିପୋର୍ଟକୁ ସମ୍ପୂର୍ଣ୍ଣ ବୋଲି ବିବେଚନା କରିବା ଆବଶ୍ୟକ ନୁହେଁ। ଏହା ସହିତ, ରିପୋର୍ଟ ଉପସ୍ଥାପନର ଅର୍ଥ ଏହା ନୁହେଁ ଯେ ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହୋଇଛି। ସରକାର ପରେ ନିଷ୍ପତ୍ତି ନେବେ ଯେ କମିଶନଙ୍କ ସୁପାରିଶ କେବେ କାର୍ଯ୍ୟକାରୀ ହେବ।

କର୍ମଚାରୀ ଏବଂ ପେନସନଭୋଗୀମାନେ ଆଶା କରୁଛନ୍ତି ଯେ ଏହି ସୁପାରିଶଗୁଡ଼ିକ ୨୦୨୬ ଜାନୁଆରୀ ୧ରୁ ପିଛିଲା ଭାବରେ କାର୍ଯ୍ୟକାରୀ ହେବ। ଯଦିଓ ସୁପାରିଶଗୁଡ଼ିକ କାର୍ଯ୍ୟକାରୀ ହେବାକୁ ସମୟ ଲାଗେ ଏବଂ ସରକାର କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ପିଛିଲା ଭାବରେ ସୁବିଧା ପ୍ରଦାନ କରିବାକୁ ରାଜି ହୁଅନ୍ତି, ଏହା ୫୦ ଲକ୍ଷ କର୍ମଚାରୀ ଏବଂ ୭୦ ଲକ୍ଷ ପେନସନଭୋଗୀଙ୍କୁ ଯଥେଷ୍ଟ ଲାଭ ଦେଇପାରିବ। ଯଦି ୨୦୨୬ ରୁ ଲାଗୁ ହୁଏ, ତେବେ କର୍ମଚାରୀମାନେ ୧୮ ରୁ ୨୪ ମାସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବକେୟା ପାଇପାରିବେ। ଏହା ଉଲ୍ଲେଖନୀୟ ଯେ ୭ମ ବେତନ କମିଶନର କାର୍ଯ୍ୟକାଳ ୨୦୨୫ ଡିସେମ୍ବର ୩୧ରେ ଶେଷ ହୋଇଥିଲା।

## ପଟିଆରେ 'ଅର୍ଗାନେଲ୍ ଫାର୍ମ'ର ନୂଆ ରିଟେଲ୍ ଷ୍ଟୋର୍



ଭୁବନେଶ୍ୱର, ୧୬।୭: ନିଜର ଅଭିବୃଦ୍ଧି ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରି ଓଡ଼ିଶାର ଅର୍ଗାନିକ୍ ବ୍ରାଣ୍ଡ ଅର୍ଗାନେଲ୍ ଫାର୍ମସ୍ ଆଜି ଭୁବନେଶ୍ୱରର ଦ୍ରୁତ ବିକାଶଶୀଳ ଏବଂ ବ୍ୟସ୍ତତମ ଆବାସିକ-ବାଣିଜ୍ୟିକ ଅଞ୍ଚଳ ପଟିଆର କଳାରାହାଙ୍ଗ, ଜେଡ୍ – ୧ ଆପାର୍ଟମେଣ୍ଟ ନିକଟରେ ଏହାର ଆଉ ଏକ ରିଟେଲ୍ ଷ୍ଟୋର୍‌ର ଉଦ୍‌ଘାଟନ କରିଛି। ମୁଖ୍ୟ ଅତିଥି ଭାବେ ଏମ୍‌ଜିଏମ୍ ଗ୍ରୁପ୍‌ର ପ୍ରତିଷ୍ଠାତା ରାଜୀବ ଲୋଚନ ମହାନ୍ତି ଏହି ଷ୍ଟୋର୍‌କୁ ଉଦ୍‌ଘାଟନ କରିଥିବା ବେଳେ ଓଲିଉଡ୍ ଅଭିନେତା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶାର ଦୁଇ ସଫଳ ଉଦ୍ୟୋଗୀ ପୁନମ ମହାପାତ୍ର ଏବଂ ତନୁଜ ମହାନ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ 'ଅର୍ଗାନେଲ୍ ଫାର୍ମ୍ସ' ଏକ ସମନ୍ୱିତ ଏବଂ ସ୍ଥାୟୀ କୃଷି ପଦ୍ଧତିକୁ ଅନୁସରଣ କରୁଛି । ବୌଦ୍ଧ ଜିଲ୍ଲାରେ କମ୍ପାନୀର ୪୦୦ ଏକରରୁ ଅଧିକ ଚାଷ ଜମି ରହିଛି । ସେଠାରେ ୭୦ରୁ ଅଧିକ ସାହିୱାଲ ଗାଇ, ୨୦୦ରୁ ଅଧିକ ମହୁମାଛି ବକ୍ସ ଏବଂ ୧,୨୦୦ରୁ ଅଧିକ କୁକୁଡା ପାଳନ କରାଯାଉଛି । ଏହାସହ ଭୁବନେଶ୍ୱରର ପାଟିଆରେ କମ୍ପାନୀର ନିଜସ୍ୱ ପ୍ରୋସେସିଂ ଓ ପ୍ୟାକେଜିଂ ୟୁନିଟ୍ ରହିଛି, ଯାହା ଚାଷଜମିରୁ ଗ୍ରାହକଙ୍କ ପର୍ଯ୍ୟନ୍ତ ସାମଗ୍ରୀର ଗୁଣବତ୍ତା ସୁନିଶ୍ଚିତ କରୁଛି। ଏହି ଷ୍ଟୋର୍‌ରେ ଡାଲି, ମହୁ, ଏ୨ ଘିଅ, ମସଲା, ଖାଇବା ତେଲ, ଡ୍ରାଏ ଫ୍ରୁଟ୍ସ, ତାଜା ଫଳ ଓ ପନିପରିବା ସମେତ ବିଭିନ୍ନ ପ୍ରକାରର ଜୈବିକ ଓ ପ୍ରାକୃତିକ ଉପାୟରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ଉପଲବ୍ଧ।




# ଫିଫା ବିଶ୍ୱକପ୍ ଗ୍ରାଣ୍ଡ ଫାଇନାଲ୍ ଆଜି

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଆର୍ଜେଣ୍ଟିନା ● ୧୬ ବର୍ଷ ପରେ ଚାମ୍ପିଅନ ଆଶାରେ ସ୍ପେନ୍

ନ୍ୟୁୟର୍କ,୧୮।୭ (ଏଜେନ୍ସି):

ବିଶ୍ୱର ଶ୍ରେଷ୍ଠ ୪୮ଟି ଦେଶ ଗତ ୩୮ ଦିନ ହେଲା ଉତ୍ତର ଆମେରିକାର ୧୬ଟି ସହରରେ ଗୋଟିଏ ଲକ୍ଷ୍ୟ ଫିଫା ବିଶ୍ୱକପ୍ ଟ୍ରଫି ଜିତିବା ନେଇ ଫୁଟବଲ ମହାସମରରେ ଅବତୀର୍ଣ୍ଣ ହୋଇଥିଲେ। ଏହି ମହାସମରର ମୋଟ୍ ୧୦୩ଟି ମ୍ୟାଚ୍ ୩ଟି ଦେଶର ୧୬ଟି ଖେଳପଡ଼ିଆରେ ଖେଳାଯାଇସାରିଛି। ଏବେ ଆଉ ମାତ୍ର ଗୋଟିଏ ଦିନ ବାକି ରହିଛି। ତାହା ହେଉଛି ବିଶ୍ୱକପ୍‌ର ଗ୍ରାଣ୍ଡ ଫାଇନାଲ। ଡିଫେଣ୍ଡିଂ ଚାମ୍ପିଅନ ବା ୨୦୨୨ କତାରରେ ଅନୁଷ୍ଠିତ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନା ଓ ୨୦୨୪ରେ ୟୁରୋକପ୍ ଚାମ୍ପିଅନ ସ୍ପେନ୍ ମଧ୍ୟରେ ଗ୍ରାଣ୍ଡ ଫାଇନାଲ ମୁକାବିଲା ଖେଳାଯିବ। ନ୍ୟୁୟର୍କର ନ୍ୟୁଜର୍ସୀ ସ୍ଥିତି ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ରାତି ୧୨ଟା ୩୦ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ହାଇଭୋଲଟେଜ ମ୍ୟାଚକୁ ନେଇ ଫୁଟବଲପ୍ରେମୀଙ୍କ ମନରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

### କେମିତି ରହିଛି ସ୍ପେନ୍‌ର ପ୍ରଦର୍ଶନ

ସ୍ପେନ୍ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ପଦାର୍ପଣକାରୀ କେପ୍ ଭର୍ଡ ସହ ଗୋଲଶୂନ୍ୟ ମୁକାବିଲାରୁ ସ୍ପେନ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଥିଲା। ଆଲଜେରିଆ ଓ ଭାଗ୍ୟବଳରେ ଉରୁଗୁଏକୁ ହରାଇବା ପରେ ରାଉଣ୍ଡ ଅଫ୍ ୩୨ରେ ଅଷ୍ଟ୍ରିଆକୁ ସହଜରେ ହରାଇ ପ୍ରି-କ୍ୱାର୍ଟର ଫାଇନାଲ ଖେଳିଥିଲା। ପ୍ରି-କ୍ୱାର୍ଟରରେ ପର୍ତ୍ତୁଗାଲ ଓ କ୍ୱାର୍ଟରରେ ବେଲଜିୟମ ଭଳି ଦୁଇଟି ଶକ୍ତିଶାଳୀ ଟିମ୍ ବିପକ୍ଷରେ ଲଢ଼େଇ କରି ସେମିରେ ପ୍ରବେଶ କରିଥିଲା ସ୍ପେନ୍। ଚଳିତ ବିଶ୍ୱକପ୍‌ର ସର୍ବାଧିକ ଫେବରାଇଟ୍ ଟିମ୍ ଫ୍ରାନ୍ସକୁ ସେମିଫାଇନାଲରେ ପରାସ୍ତ କରିବାରେ ସ୍ପେନ୍ ଦେଖାଇଥିଲା ଅସଲ ଖେଳ। ଏହି ମ୍ୟାଚ୍‌କୁ ପୂରା ନିୟନ୍ତ୍ରଣରେ ରଖିବା ସହ ୨-୦ ଗୋଲରେ ଏମବାପେ-ଡେମ୍ବେଲେ-ଓଲିସେ-ବ୍ରାକୋଲାଙ୍କ ଫରୱାର୍ଡ ବାହିନୀକୁ ଅଚଳ କରିଦେଇଥିଲା।

**ଦକ୍ଷତା:** ସ୍ପେନ୍ ଦଳର ଶକ୍ତି ହେଉଛି ଦମ୍‌ଦାର ମିଡ୍‌ଫିଲ୍ଡ ଓ ଡିଫେନ୍ସ। ଦଳ ଏଯାଏ ୭ଟି ମ୍ୟାଚ୍ ଖେଳିଥିଲାବେଳେ ମାତ୍ର ଗୋଟିଏ ଗୋଲ ବେଲଜିୟମଠାରୁ ବରଣ କରିଛି। କିନ୍ତୁ ଦଳ ନିକଟରେ ଗୋଲ ଦେବାର କ୍ଷମତା କମ୍। ଚାର୍ଲସ ଡି କେଟେଲେୟାର ଏହି ଗୋଲଟି ସ୍କୋର କରିଥିଲେ। ଗୋଲରକ୍ଷକ ୟୁନାଇ ସାଇମନ୍‌ଙ୍କୁ ଏଯାଏ ଆଉ କେହି ପରାସ୍ତ କରିପାରି ନାହାନ୍ତି। ଦଳ ଲିଗ୍ ପର୍ଯ୍ୟାୟରେ ଭଲ ଖେଳି ନ ଥିଲେ ମଧ୍ୟ ୩ଟି ଯାକ ନକ୍‌ଆଉଟ ଗେମ୍‌ରେ ପରଫେକ୍ଟ ଫୁଟବଲ ଖେଳ ପ୍ରଦର୍ଶନ କରିଛି। ପ୍ରି-କ୍ୱାର୍ଟର ସୁପର ସବ (ବଦଳ) ଖେଳାଳି ମିକେଲ ମେରିନୋ ସ୍ପେନର ଦେବଦୂତ ସାଜି ଦଳକୁ ବିଜୟୀ କରାଇଛନ୍ତି। ୨୦୧୦ରେ ଚାମ୍ପିଅନ ହୋଇଥିବା ସ୍ପେନ ୧୬ ବର୍ଷ ପରେ ପୁଣିଥରେ ଇତିହାସ ରଚିବା ଲକ୍ଷ୍ୟରେ ରହିଛି।


ଅଭ୍ୟାସ ଅବସରରେ ସାଥୀ ଖେଳାଳିଙ୍କ ସହ ମେସି (ବାମ)
ସ୍ପେନର ମିକେଲ ମେରିନୋ

### ନକ୍ ଆଉଟ୍‌ରେ ଆର୍ଜେଣ୍ଟିନାର ସଂଘର୍ଷ

ସ୍ପେନ୍‌ର ବିପରୀତ ଖେଳ ପ୍ରଦର୍ଶନ କରିଛି ଏହି ଚାମ୍ପିଅନ ଦଳ ଆର୍ଜେଣ୍ଟିନା। ସୁପରଷ୍ଟାର ଲିଓନେଲ ମେସିଙ୍କ ମ୍ୟାଜିକ୍ ବଳରେ ଦଳ ଲିଗ୍ ପର୍ଯ୍ୟାୟରେ ୮-୧ ଗୋଲରେ ବିଜୟୀ ହୋଇଥିଲା। କିନ୍ତୁ ଏହା ପରେ ଦଳ ବିଦା ହେବା ସ୍ଥିତିରୁ ଫେରି ମ୍ୟାଚ ଜିତିଥିଲା। ନକ୍‌ଆଉଟ ପର୍ଯ୍ୟାୟରେ ଦଳ ଗୋଲ ସ୍କୋର କରିବା କଷ୍ଟକର ହୋଇଥିଲା। ଏହା ଦ୍ୱିତୀୟାର୍ଦ୍ଧର ଷ୍ଟପେଜ୍ ଟାଇମ୍ କିମ୍ବା ଅତିରିକ୍ତ ସମୟରେ ଗୋଲ ଦେଇ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡ ବିପକ୍ଷ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳର ଆତ୍ମଘାତୀ ଗୋଲରେ ଜିତିଥିଲା ଏହି ଟିମ୍। ରାଉଣ୍ଡ ଅଫ୍-୧୬ରେ ଆର୍ଜେଣ୍ଟିନା ୭୫ ମିନିଟ୍‌କାଳ ଇଜିପ୍ଟ ନିକଟରୁ ୨-୦ ଗୋଲରେ ପଛୁଆ ରହିବା ପରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ଦଳ ୧୩ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲାବେଳେ ୯୨ତମ ମିନିଟ୍‌ରେ ଏଞ୍ଜୋ ଫର୍ଣ୍ଣାଣ୍ଡିଜ୍ ବିଜୟସୂଚକ ଗୋଲ ସ୍କୋର କରିଥିଲେ। ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ଖେଳର ୧୧୨ତମ ମିନିଟ୍‌ରେ ଜୁଲିଆନ୍ ଆଲଭାରେଜ୍ ଓ ୧୧୯ତମ ମିନିଟରେ ଲୌଟାରୋ ମାର୍ଟିନେଜ ଗୋଲ ସ୍କୋର କରିଥିଲେ। ସେମିଫାଇନାଲରେ ୮୫ତମ ମିନିଟ୍‌ରେ ଫର୍ଣ୍ଣାଣ୍ଡେଜ୍ ଓ ୯୨ତମ ମିନିଟ୍‌ରେ ମାର୍ଟିନେଜ୍ ହେଡର ଜରିଆରେ ଗୋଲ ଦେଇ ଦଳକୁ ଫାଇନାଲରେ ପ୍ରବେଶ କରାଇଥିଲେ। ଆର୍ଜେଣ୍ଟିନା ରବିବାର ଯଦି ବିଜୟୀ ହୁଏ ତେବେ ୪ର୍ଥଥର ଲାଗି ଚାମ୍ପିଅନ ହେବ।

### ମେସି ବନାମ ଜମାଲ

ଫାଇନାଲ ମୁକାବିଲାରେ ଯଦି ଉଭୟ ଦଳର ତାରକା ଖେଳାଳିଙ୍କୁ ସୁଯୋଗ ମିଳେ, ତେବେ ଆଖିପିଛୁଳାକେ ଗୋଲ ଦେବାର ଦକ୍ଷତା ରଖିଛନ୍ତି ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ଓ ସ୍ପେନ୍ ଯୁବ ଖେଳାଳି ଲାମିନେ ଜମାଲ। ୩୯ ବର୍ଷୀୟ ମେସି ଷଷ୍ଠ ବିଶ୍ୱକପ୍ ଖେଳୁଛନ୍ତି। ଚଳିତ ସଂସ୍କରଣରେ ସେ ୮ଟି ଗୋଲ ଦେବା ଓ ୪ଟି ଗୋଲ କରାଇବାରେ ସହାୟତା କରି ଗୋଲ୍ଡେନ ବୁଟ୍ ରେସ୍‌ରେ ରହିଛନ୍ତି। ଏଠାରେ ସେ ଶେଷଥର ବିଶ୍ୱକପ୍ ଖେଳୁଥିଲେ ମଧ୍ୟ ଅନ୍ୟ ଯୁବ ଖେଳାଳିଙ୍କ ପରି ସ୍ମାର୍ଟ ଅଛନ୍ତି। ଅନ୍ୟପକ୍ଷରେ ସ୍ପେନର ଜମାଲ ଏହି ସଂସ୍କରଣରେ ଅଧିକ ଗୋଲ କରିନାହାନ୍ତି ସତ, କିନ୍ତୁ ତାଙ୍କ ବିଦ୍ୟୁତସମ ଉପସ୍ଥିତି ପ୍ରତିପକ୍ଷ ଡିଫେଣ୍ଡରଙ୍କ ଲାଗି ସର୍ବଦା ବିପଦ ସୃଷ୍ଟି କରିଛି। ଏବେ ସେ ଫିଟ୍ ହେବା ସହ ଫର୍ମକୁ ଫେରିଥିବାରୁ ଫାଇନାଲରେ ତାଙ୍କ ଅସଲ ଖେଳ ଦେଖାଇବେ ବୋଲି ଆଶା। ଉଭୟ ଖେଳାଳି ବାର୍ସିଲୋନା ଏକାଡେମୀରେ ପ୍ରଶିକ୍ଷଣ ନେବା ପରେ ଏହି କ୍ଲବ୍ ପକ୍ଷରୁ ଖେଳିଥିଲେ। ଏକାଡେମୀ ପକ୍ଷରୁ ମେସିଙ୍କୁ ଅତୀତ ଓ ବର୍ତ୍ତମାନ ଏବଂ ଜମାଲଙ୍କୁ ବର୍ତ୍ତମାନ ଓ ଭବିଷ୍ୟତର ଷ୍ଟାର ଭାବେ ବର୍ଣ୍ଣନା କରିଛି।

ପ୍ରକୃତରେ ଦେଖିବାକୁ ଗଲେ ଫାଇନାଲ ମୁକାବିଲାରେ ସ୍ପେନ୍‌ର ମିଡ୍ ଫିଲ୍ଡ ଓ ଡିଫେନ୍ସ ସହ ଆର୍ଜେଣ୍ଟିଂନାର ଦ୍ୱିତୀୟ ଭାଗ ଖେଳ ମୁକାବିଲା ହେବ। ସ୍ପେନ୍ କାହାରିକୁ ଗୋଲ ଦେବାକୁ ସୁଯୋଗ ଦେଉ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧ ବା ବିଶେଷ କରି ହାଇଡ୍ରେସନ ପରେ ଖେଳୁଥିବା ଆର୍ଜେଣ୍ଟିନାକୁ ଅଟକାଇବା କଷ୍ଟକର।

| ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନାର ପ୍ରଦର୍ଶନ | | |
|---|---|---|
| ୧୯୩୦ | ଆର୍ଜେଣ୍ଟିନା ୨ | ଉରୁଗୁଏ ୪ |
| ୧୯୭୮ | ଆର୍ଜେଣ୍ଟିନା ୩ | ନେଦରଲ୍ୟାଣ୍ଡସ୍ ୧* |
| ୧୯୮୬ | ଆର୍ଜେଣ୍ଟିନା ୩ | ପଶ୍ଚିମ ଜର୍ମାନୀ ୨ |
| ୧୯୯୦ | ଆର୍ଜେଣ୍ଟିନା ୦ | ପଶ୍ଚିମ ଜର୍ମାନୀ ୧ |
| ୨୦୧୪ | ଆର୍ଜେଣ୍ଟିନା ୦ | ଜର୍ମାନୀ ୧* |
| ୨୦୨୨ | ଆର୍ଜେଣ୍ଟିନା ୩ | ଫ୍ରାନ୍ସ ୩ |

(ପେନାଲ୍ଟି ସୁଟ୍‌ଆଉଟ:ଆର୍ଜେଣ୍ଟିନା ୪- ଫ୍ରାନ୍ସ ୨)

ବିଦ୍ର: * -- ଅତିରିକ୍ତ ସମୟ ଖେଳରେ

**ବିଶ୍ୱକପ୍ ଫାଇନାଲ**

**ସ୍ପେନ୍ ବନାମ ଆର୍ଜେଣ୍ଟିନା**

ନ୍ୟୁୟର୍କ | ରବିବାର ରାତି ୧୨.୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ (ୟୁନାଇଟ୍ ୮ ସ୍ପୋର୍ଟ୍ସ-୧ ଓ ୨, ଦୂରଦର୍ଶନ ସ୍ପୋର୍ଟ୍ସ ଚ୍ୟାନେଲ)

ଲାଇଭ୍ ଷ୍ଟ୍ରିମିଂ: ଜୀ-୫ ଆପ୍

## ଚାମ୍ପିଅନଙ୍କୁ ମିଳିବ ୪୮୧.୪୩ କୋଟି ଟଙ୍କା

ନ୍ୟୁୟର୍କ,୧୮।୭ (ଏଜେନ୍ସି): ଫିଫା ପକ୍ଷରୁ ବିଶ୍ୱକପ୍‌ରେ ୮୭୧ ମିଲିୟନ ଆମେରିକୀୟ ଡଲାର ବା ୮୩୮୬.୪୬ କୋଟି ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏହା ମଧ୍ୟରୁ ୨୦୦ ମିଲିୟନ ବା ୧୯୨୫ କୋଟି ଟଙ୍କା ବିଭିନ୍ନ ଦଳକୁ ପ୍ରୋତ୍ସାହନ ରାଶି ଦିଆଯିବ। ଚାମ୍ପିଅନ ଦଳକୁ ସର୍ବାଧିକ ୪୮୧.୪୩ କୋଟି ଟଙ୍କା ମିଳିବ। ଏହା ବ୍ୟତୀତ ଫିଫା ବିଶ୍ୱକପ୍ ଟ୍ରଫି ମଧ୍ୟ ପ୍ରଦାନ କରାଯିବ। ରନର୍ସଅପ୍ ହୋଇଥିବା ଦଳକୁ ୩୧୭.୭୪ କୋଟି ଟଙ୍କା ମିଳିବ। ତୃତୀୟ ସ୍ଥାନିତ ଦଳକୁ ୨୭୯.୨୨, ଚତୁର୍ଥ ସ୍ଥାନିତ ଦଳକୁ ୨୫୯.୯୭ କୋଟି ଟଙ୍କା ମିଳିବ। ୫ମରୁ ୮ମ ସ୍ଥାନିତ ଦଳଙ୍କୁ ୧୮୨.୯୪ କୋଟି ଟଙ୍କା ଲେଖାଏଁ ଏବଂ ୩୨ତମରୁ ୪୮ତମ ଦଳକୁ ୮୬.୬୫ କୋଟି ଲେଖାଏଁ ଟଙ୍କା ମିଳିବ। ଏହା ଛଡ଼ା ପ୍ରତ୍ୟେକ ଅଂଶଗ୍ରହଣ କରିଥିବା ଦେଶଗୁଡିକୁ ୧୪.୪୪ କୋଟି ଟଙ୍କା ପ୍ରଦାନ କରାଯିବ।


## ଟ୍ରମ୍ପ ଓ ସାନ୍‌ଚେଜ୍ ଫାଇନାଲର ଅତିଥି

ସ୍ଥାନୀୟ ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ଖେଳାଯିବାକୁ ଥିବା ବିଶ୍ୱକପ ଫାଇନାଲରେ ଆୟୋଜକ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ ଅତିଥିଭାବେ ଯୋଗଦେବେ। ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ଉଭୟ ସ୍ପେନ୍ ପ୍ରଧାନମନ୍ତ୍ରୀ ଓ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କୁ ନିମନ୍ତ୍ରଣ କରିଥିଲେ। କିନ୍ତୁ ମିଲେଇ ଅନୁରୋଧ ରକ୍ଷା କରି ନ ଥିଲେ। ରାଷ୍ଟ୍ରପତି ଟ୍ରମ୍ପ ଓ ଫିଫା ସଭାପତି ଇନ୍‌ଫାଣ୍ଟିନୋ ପୁରସ୍କାର ପ୍ରଦାନ କରିବେ।

## ଫାଇନାଲ ହାଫ୍‌ଟାଇମ୍‌ରେ ଅଧଘଣ୍ଟାର ସମାରୋହ

ନ୍ୟୁଜର୍ସିର ମେଟଲାଇଫ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌ର ଫାଇନାଲରେ ଉଦ୍‌ଯାପନୀ ସମାରୋହ ୩୦ ମିନିଟ ଯାଏ ହେବ ବୋଲି ଫିଫା ପକ୍ଷରୁ ଘୋଷଣା କରାଯାଇଛି। ଏହି ସମାରୋହ କୋଲ୍ଡପ୍ଲେ'ର କ୍ରିସ୍ ମାର୍ଟିନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏଥିରେ ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ ସାକିରା, ମାଡୋନା, ଜଷ୍ଟିନ ବିଏବେର, ବୁର୍ଣ୍ଣା ବୟ ଓ ଗୁସ୍ତାଭୋ ଡୁଡାମେଲ ସଂଗୀତ ପରିବେଷଣ କରିବେ। ପିଏସ୍ ୨୨ କୋରସ୍ ଗ୍ରୁପ୍ ମଧ୍ୟ ଏଥିରେ ଭାଗ ନେବ। ପୂର୍ବରୁ ଫିଫା ଦ୍ୱାରା ଆୟୋଜିତ ୨୦୨୪ କୋପା ଆମେରିକା ଓ ୱାର୍ଲ୍ଡ କ୍ଲବ୍ ଫୁଟବଲ ଫାଇନାଲରେ ଏହି ସମାରୋହ ୨୦ ମିନିଟ୍ ଧରି ଚାଲିଥିଲା।

## ଭିନ୍‌ସିଚ୍ ଫାଇନାଲ ରେଫ୍‌ରୀ



ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ଖେଳାଯିବାକୁ ଥିବା ବିଶ୍ୱକପ୍ ମ୍ୟାଚ୍ ପରିଚାଳନା ଲାଗି ସ୍ଲୋଭେନିଆର ୪୬ବର୍ଷୀୟ ସ୍ଲାଭ୍‌କୋ ଭିନ୍‌ସିଚ୍ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ଲାଇନ୍‌ରେ ସହୟତା କରିବେ ନିଜ ଦେଶରୁ ଦୁଇ ଆସିଷ୍ଟାଣ୍ଟ ରେଫରୀ ଟୋମାସ କ୍ଲାଙ୍କନିଚ୍ ଓ ଆନ୍ଦ୍ରାଚ୍ କୋଭାସିଚ୍ ସହଯୋଗ କରିବେ। ଜୋର୍ଡାନ୍‌ର ଆଧାମ ମାଖଧ୍‌ମେ ଚତୁର୍ଥ ଏବଂ ମହମ୍ମଦ୍ ଅଲଖଲାଫ ରିଜର୍ଭ ଆସିଷ୍ଟାଣ୍ଟ ରେଫରୀ ନିଯୁକ୍ତି ପାଇଛନ୍ତି। ଭିନ୍‌ସିଚ୍ ୫୧୨ଟି ମ୍ୟାଚ୍ ପରିଚାଳନା କରିଥିଲାବେଳେ ଫାଇନାଲ ତାଙ୍କ ଚତୁର୍ଥ ମ୍ୟାଚ୍ ହେବ। ଫିଫା ବିଶ୍ୱକପ୍ ଫାଇନାଲ ପରିଚାଳନା କରିବାରେ ସେ ହେବ ବିଶ୍ୱର ୨୩ତମ ରେଫରୀ।

## ଫାଇନାଲରେ ଗୁରୁ-ଶିଷ୍ୟ ଲଢ଼େଇ

ନ୍ୟୁୟର୍କ, ୧୮।୭ (ଏଜେନ୍ସି): ବିଶ୍ୱର ଦୁଇ ଶ୍ରେଷ୍ଠ ଫୁଟବଲ ଦଳ ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ରବିବାର କେବଳ ଫାଇନାଲ ମୁକାବିଲା ହେବ ନାହିଁ ବରଂ ବିଶ୍ୱର ଦୁଇ ଶ୍ରେଷ୍ଠ କୋଚ୍ ତଥା ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଏହି ଦୁଇ ମୁଖ୍ୟକୋଚ ହେଉଛନ୍ତି ସ୍ପେନର ଲୁଇସ୍ ଡି ଲା ଫୁଏଣ୍ଟ ଏବଂ ଶିଷ୍ୟ ତଥା ଆର୍ଜେଣ୍ଟିନାର ଲିଓନେଲ ସ୍କୋଲାନି। ଉଭୟଙ୍କ ପ୍ରଶିକ୍ଷଣରେ ସେମାନଙ୍କ ଟିମ୍ ଅନେକ ସଫଳତା ହାସଲ କରିଛି। ଡି ଲା ଫୁଏଣ୍ଟଙ୍କ ପ୍ରଶିକ୍ଷଣରେ ସ୍ପେନ୍ ୧୯ ଓ ୨୧ବର୍ଷରୁ କମ୍ ୟୁରୋ ଚାମ୍ପିଅନ, ୨୦୨୪ରେ ସିନିଅର ବିଭାଗରେ ୟୁରୋପୀୟ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଛି। ସ୍କୋଲାନିଙ୍କ ପ୍ରଶିକ୍ଷଣରେ ଆର୍ଜେଣ୍ଟିନା ୨୦୨୧ରେ କୋପା ଆମେରିକା, ୨୦୨୨ରେ ଫିନାଲିସିମା ଓ ୨୦୨୨ରେ ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏଠାରେ ଚାମ୍ପିଅନ ହେଲେ ସ୍କୋଲାନି ଇଟାଲୀର ଭିଟ୍ଟୋରିଓ ପୋଜିଙ୍କ ପରେ ୨ଟି ବିଶ୍ୱକପ୍ ଜିତିବରେ ଦ୍ୱିତୀୟ ମୁଖ୍ୟ କୋଚ୍ ହେବେ। ସେହିପରି ସ୍ପେନ୍ ଜିତିଲେ ଭିନ୍‌ସେଣ୍ଟ ଡେଲ ବସ୍କୋଙ୍କ ପରେ ଫୁଏଣ୍ଟ ଦେଶର ଦ୍ୱିତୀୟ ମୁଖ୍ୟ କୋଚ୍ ହେବେ। ୯ ବର୍ଷ ପୂର୍ବେ ଡି ଲା ଫୁଏଣ୍ଟଙ୍କ ନିକଟରୁ ସ୍କୋଲାନି କୋଚିଂ କୋର୍ସରେ ପ୍ରଶିକ୍ଷଣ ନେଉଥିଲେ। ଉଭୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି।



## ଜାପାନ ଓପନ୍ ଫାଇନାଲରେ ସିନ୍ଧୁ

ଟୋକିଓ, ୧୮।୭ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଏଠାରେ ଚାଲିଥିବା ଜାପାନ ଓପନ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁଙ୍କ ମୁକାବିଲା ବିଶ୍ୱର ୪ ନମ୍ବର ଖେଳାଳି ଚାଇନାର ଚେନ୍ ୟୁଫେଇ'ଙ୍କ ସହ ହୋଇଥିଲା। ବିଶ୍ୱର ୯ ନମ୍ବର ଖେଳାଳି ସିନ୍ଧୁ ଏହି ମ୍ୟାଚରେ ୨୧-୧୯, ୧୫-୧୦ ଗେମରେ ଅଗ୍ରଣୀ ରହିଥିବାବେଳେ ଚେନ୍‌ଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ତେଣୁ ମ୍ୟାଚ୍ ଅଧାରୁ ସେ ରିଟାୟର୍ଡ ହର୍ଟ ହୋଇଥିଲେ। ଫଳରେ ସିନ୍ଧୁଙ୍କୁ ବିଜୟୀ ଘୋଷିତ କରାଯାଇଥିଲା। ଏଥିସହ ସିନ୍ଧୁ ଦୁଇବର୍ଷ ପରେ କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶେଷଥର ଲାଗି ସେ ୨୦୨୪ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିଥିଲେ। ଫାଇନାଲରେ ସିନ୍ଧୁଙ୍କ ମୁକାବିଲା ଘରୋଇ ଜାପାନର ଅକାନେ ୟାମାଗୁଚିଙ୍କ ସହ ହେବ। ଉଭୟଙ୍କ ମଧ୍ୟରେ ମୋଟ୍ ୨୯ଟି ମ୍ୟାଚ୍ ଖେଳାଯାଇଥିବାବେଳେ ସିନ୍ଧୁ ୧୫ ଓ ୟାମାଗୁଚି ୧୪ଟି ବିଜୟୀ ହୋଇଛନ୍ତି।

## ଖେଳ ଜାରି ରଖିବେ ରୋହିତ୍; ସାଇକିଆ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ବିସିସିଆଇ ରୋହିତ ଶର୍ମାଙ୍କ ଅବସର ନେଇ ଚାଲିଥିବା ଗୁଜବର ଅନ୍ତ ଘଟାଇଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି ଯେ ଇଂଲଣ୍ଡ ବିପକ୍ଷ ଲର୍ଡ୍ସ ଦିନିକିଆ ପରେ ରୋହିତ ଟିମ୍ ଇଣ୍ଡିଆ ପାଇଁ ଖେଳ ଜାରି ରଖିବେ। ପୂର୍ବରୁ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଥିଲା ଯେ ଇଂଲଣ୍ଡ ବିପକ୍ଷ ତୃତୀୟ ଦିନିକିଆ ପରେ ରୋହିତ ଦିନିକିଆ ଫର୍ମାଟରୁ ଅବସର ନେବେ। କିନ୍ତୁ ବିସିସିଆଇ ଏହି ରିପୋର୍ଟଗୁଡ଼ିକୁ ମିଥ୍ୟା ବୋଲି ଖାରଜ କରିଛି। ଯେଉଁଥିରେ ଦାବି କରାଯାଇଥିଲା ଯେ ଚୟନକର୍ତ୍ତା ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀର ୨୦୨୭ ବିଶ୍ୱକପ୍ ଯୋଜନାରୁ ରୋହିତ ଶର୍ମାଙ୍କୁ ବାଦ ଦେଇଛନ୍ତି।

## ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬ | ପତାକା ଧରିବେ ମୀରାବାଈ

ନୂଆଦିଲ୍ଲୀ,୧୮।୭ (ଏଜେନ୍ସି): ସ୍କଟଲାଣ୍ଡର ଗ୍ଲାସ୍‌ଗୋଠାରେ ଜୁଲାଇ ୨୩ରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆରମ୍ଭ ହେବାକୁ ଯାଉଛି। ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳନକାରୀ ମୀରାବାଈ ଚାନୁ ଏହି ସମ୍ମାନଜନକ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବ ସମାରୋହରେ ଜାତୀୟ ପତାକା ଧରିବେ। ଭାରତୀୟ ଅଲିମ୍ପିକ୍ ମହାସଂଘ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି। ଏହି ସମାରୋହରେ ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିବେ ବୋଲି ମଧ୍ୟ ମହାସଂଘ କହିଛି। ଗତ ଏକ ଦଶନ୍ଧି ଧରି ମୀରାବାଈ ଦେଶର ଏକ ନମ୍ବର ଭାରୋତ୍ତୋଳିକା ରହିଆସିଛନ୍ତି। ସେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ଓ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତିଥିଲେ।

## ମାଡ୍ରାସ ଏଫ୍‌ସି ତାମିଲନାଡୁର ପ୍ରଥମ ୫ତାରକା ଏକାଡେମୀ

ନୂଆଦିଲ୍ଲୀ, ୧୮।୭ (ଏଜେନ୍ସି): ଚେନ୍ନଇ ସ୍ଥିତ ମାଡ୍ରାସ ଏଫସି ଅତ୍ୟାଧୁନିକ ଫୁଟବଲ ପ୍ରଶିକ୍ଷଣ କେନ୍ଦ୍ରକୁ ଏଆଇଏଫଏଫ ପଞ୍ଚତାରକା ମାନ୍ୟତା ପ୍ରଦାନ କରିଛି। ଏହା ତାମିଲନାଡୁର ପ୍ରଥମ ସ୍ୱୀକୃତିପ୍ରାପ୍ତ ୫ ତାରକା ଏକାଡେମୀ। ଚଳିତବର୍ଷ ୧୬୪ଟି ଏକାଡେମୀ ଏଆଇଏଫ୍‌ଏଫ୍‌ର ସ୍ୱୀକୃତି ଲାଗି ଆବେଦନ କରିଥିଲେ। ଏହା ମଧ୍ୟରୁ ୧୪୨କୁ ସ୍ୱୀକୃତି ମିଳିଛି।

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତଃ ମନୋଜ କୁମାର ସାହାଣି (ମାଇନ)
ଜାରକା, ଯାଜପୁର
ଆବିର୍ଭାବ : ତା -୨୬. ୧୧.୧୯୪୬ ରିଖ / ତିରୋଧାନ : ତା -୦୯. ୦୭. ୨୦୨୬ ରିଖ
ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।
-: ଶୋକସନ୍ତପ୍ତ :-
ଶୋକସନ୍ତପ୍ତ : ଧର୍ମପତ୍ନୀ - ସାବିତ୍ରୀ,
ବଡଭାଇ କାର୍ତ୍ତିକ ଚନ୍ଦ୍ର ସାହାଣି, ପୁଅ - କାଳିଆ, ବଳିଆ, ଫୁଲୁଆ, ଟିଟୁଆ,
ମିଟନ, ବୋହୂ, ଝିଅ, ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ,
ବଂଧୁ ପରିବାର ଓ ଆତ୍ମୀୟ ସ୍ୱଜନ।

### ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ

## ଲର୍ଡ୍ସରେ ନିର୍ଣ୍ଣାୟକ ମୁକାବିଲା ଆଜି

ଲଣ୍ଡନ, ୧୮।୭ (ଏଜେନ୍ସି):

ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜର ଅନ୍ତିମ ତଥା ୩ୟ ମୁକାବିଲା ରବିବାର ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯିବ। ଏହି ନିର୍ଣ୍ଣାୟକ ଲଢ଼େଇକୁ ଜିତି ଉଭୟ ଦଳ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ସିରିଜର ପ୍ରଥମ ମ୍ୟାଚକୁ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା। ଏହାପରେ ଘରୋଇ ଇଂଲଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ଦିନିକିଆକୁ ୪ ୱିକେଟରେ ଜିତିନେଇଥିଲା। ଫଳରେ ସିରିଜ ଏବେ ୧-୧ରେ ବରାବର୍ ରହିଛି।

ଭାରତୀୟ ଦଳ ଏହି ମ୍ୟାଚ ବିଜୟୀ ହୋଇ ଟି-୨୦ ସିରିଜ ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। କିନ୍ତୁ ରେକର୍ଡ ଉପରେ ନଜର ପକାଇଲେ ଗିଲ୍ ବାହିନୀ ପାଇଁ ଏଠାରେ ବିଜୟ ହାସଲ କରିବା ସହଜ ହେବନାହିଁ। ଏହି ଆଇକନିକ ଗ୍ରାଉଣ୍ଡରେ ଭାରତ ମୋଟ୍ ଉପରେ ୯ଟି ଦିନିକିଆ ମ୍ୟାଚ୍ ଖେଳିଥିବାବେଳେ ମାତ୍ର ୩ଟି ଜିତିଛି ଓ ୫ଟି ହାରିଛି। ଗୋଟିଏ ମ୍ୟାଚ୍ ଟାଇ ରହିଛି। ୧୯୮୩ ବିଶ୍ୱକପ୍ ଫାଇନାଲ ଜିତିବା ଭାରତର ଏହି ଗ୍ରାଉଣ୍ଡରେ ପ୍ରଥମ ଦିନିକିଆ ବିଜୟ ଥିଲା। ଶେଷଥର ଲାଗି ୨୦୦୪ରେ ଭାରତ ଏଠାରେ ଏକ ଦିନିକିଆ ମ୍ୟାଚ୍ ଜିତିଥିଲା। ଏହାପରେ ପାଞ୍ଚଟି ଦିନିକିଆ ଖେଳିଥିବାବେଳେ ୪ଟି ହାରିଛି ଓ ଗୋଟିଏ ଟାଇ ରଖିଛି। ତେଣୁ ୨୨ ବର୍ଷ ହେଲା ଭାରତ ଏଠାରେ ଦିନିକିଆ ବିଜୟ ସ୍ୱାଦ ଚାଖିନି। ଅପରପକ୍ଷରେ ଭାରତ ଏହି ୩ୟ ମ୍ୟାଚ ଲାଗି ଦଳରେ ଗୋଟିଏ ପରିବର୍ତ୍ତନ କରିଛି। ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆହତ ସମସ୍ୟା ଲାଗି ଶେଷ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଅଲରାଉଣ୍ଡର ହର୍ଷ ଦୁବେଙ୍କୁ ଦଳରେ ସାମିଲ କରାଯାଇଛି। ଅପରପକ୍ଷରେ ପୂର୍ବରୁ ଟି-୨୦ ସିରିଜକୁ ଇଂଲଣ୍ଡ ୪-୦ରେ କ୍ଲିନସୁଇପ୍ କରିଥିଲା। ତେଣୁ ହ୍ୟାରୀ ବ୍ରୁକଙ୍କ ଦଳ ନିକଟରେ ସିରିଜ ଜିତିବାର ସୁଯୋଗ ରହିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା ୩୦**

**ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS